# ଟାହ୍ନିଇ

(କୁଇ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ ସଂକଳନ)

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# ଟାହିଛର

(କୁଇ ଭାଷାର ପ୍ରଥମ କ୍ଷୁଦ୍ରଗଳ୍ପ ସଂକଳନ)

ରଚନା

ଅନୁଜ ମୋହନ ପ୍ରଧାନ

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଟାହିଇ


*ରଚନା* : ଅନୁଜ ମୋହନ ପ୍ରଧାନ



© *ପ୍ରକାଶକ* : ସଦସ୍ୟ ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ୨୬ ଜାନୁୟାରୀ, ୨୦୧୫

ମୁଦ୍ରଣ : ଭୋଲାନାଥ ପ୍ରେସ୍
ବମିଖାଲ ଭୁବନେଶ୍ୱର


## TAHIEE


**Writer** : **Anuja Mohan Pradhan**



**©Publisher** : Member Secretary
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

**First Edition** : 26th January 2015.

**Printed at** : **Bholanath Press**
**Bomikhal, Bhubaneswar.**

# ଉତ୍ସର୍ଗ

ସେ ମୋ ଲେଖା ପଢ଼ିବାର ମୁଁ ଜାଣେନି ।
ମୋ ଭଳି ଜଣେ ଅବାଗିଆ ଲୋକ ସହ ପଢ଼ିଉଠି
ଚାଲିଥିବା ମଣିଷଟି -

ମୋ ଧର୍ମପତ୍ନୀଙ୍କ ପାଇଁ...

ଲେଖକ

# ଲେଖକ ପରିଚୟ

ଅନୁଜ ମୋହନ ପ୍ରଧାନ (ଜନ୍ମ - ୧୯୬୯) ସମସାମୟିକ କୁଇ ଭାଷା ଓ ସଂସ୍କୃତି ଆଲୋଚନାର ଏକ ପରିଚିତ ନାମ । କୁଇ ଭାଷାର ଲୁପ୍ତପ୍ରାୟ ଲୋକସାହିତ୍ୟକୁ ଉଜ୍ଜୀବିତ କରିବା ପାଇଁ ସେ ସତତଃ ପ୍ରୟାସରତ । କୁଇ ଲୋକସାହିତ୍ୟର ପୁନରୁତ୍‌ଥାନ ସହ ସୃଜନାତ୍ମକ କୁଇ ସାହିତ୍ୟ ସୃଷ୍ଟି ହେଉଛି ଆଜିର ଆବଶ୍ୟକତା । ଏହାକୁ ଅନୁଭବ କରି ସେ କୁଇ ସାହିତ୍ୟରେ କେତୋଟି ନୂତନ ପ୍ରୟୋଗ କରିଛନ୍ତି । ତାଙ୍କର ମୁକ୍ତ ଛନ୍ଦ କୁଇ କବିତା ସଂକଳନ "କୁଇଦିନା ପିଅପଟା" ଏହି ଆଧୁନିକ ପ୍ରୟୋଗର ପ୍ରଥମ ସୋପାନ । ତାଙ୍କର କୁଇ କବିତା ଗୁଡ଼ିକର ଇଂରାଜୀ ଅନୁବାଦ "An Oriole from the Hills" ଏଯାବତ୍ ବିଶ୍ୱର ୨ ୨ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ପାଠାଗାର ଗୁଡ଼ିକରେ ସ୍ଥାନୀତ ।

କୁଇ ସାହିତ୍ୟ ସୃଜନ ସହ କୁଇ ସାହିତ୍ୟର ଓଡ଼ିଆ ଏବଂ ଇଂରାଜୀ ଅନୁବାଦ ତାଙ୍କର ପ୍ରଚେଷ୍ଟାର ଅନ୍ୟ ଏକ ଦିଗ ଅଟେ । ଅତୀତରେ କୁଇ ଢଗ ଗୁଡ଼ିକର ଇଂରାଜୀ ଅନୁବାଦ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛନ୍ତି । ତାଙ୍କର କବିତା ବ୍ୟତୀତ କୁଇ ଭାଷା ଓ ସଂସ୍କୃତି ଉପରେ ପ୍ରାୟ ସତରଟି ପ୍ରବନ୍ଧ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ବିଭିନ୍ନ ଖ୍ୟାତନାମା ପତ୍ରିକା ଗୁଡ଼ିକରେ ପ୍ରକାଶିତ ହୋଇଅଛି । ଅଧୁନା ରାଜ୍ୟ ବାହାରେ ସ୍ଥାନୀତ ହେଲେହେଁ କୁଇ ଭାଷା ଓ ସଂସ୍କୃତି ପାଇଁ ତାଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ ।

# ଅଭିମତ

ଓଡ଼ିଶାର ଜନଜାତିଙ୍କ ମଧ୍ୟରେ କନ୍ଧ ସଂଖ୍ୟାଗରିଷ୍ଠ ଜନଜାତି । ଭୌଗୋଳିକ ଭେଦରେ ଏମାନେ ବିଭିନ୍ନ ଉପଗୋଷ୍ଠୀରେ ପରିଚିତ । କୁଟିଆ କନ୍ଧ, ଦେଶିଆ କନ୍ଧ, ଡଙ୍ଗରିଆ କନ୍ଧ ଏଇ ତିନି ଉପଗୋଷ୍ଠୀ ଜନ ସାଧାରଣରେ ବେଶ ଚର୍ଚ୍ଚିତ । ଭାଷା ଦୃଷ୍ଟିରୁ ଦେଶିଆ କନ୍ଧମାନଙ୍କ ଭାଷା ମୁଖ୍ୟତଃ କୁଇ । କନ୍ଧମାଳ ଜିଲ୍ଲାର ଅପେକ୍ଷାକୃତ ସମତଳ ଓ ମାଳ ଅଞ୍ଚଳରେ ଏଇ 'କୁଇ' ଭାଷାଭାଷୀ ଦେଶିଆକନ୍ଧଙ୍କ ବସତି । ସେମାନଙ୍କ ଲୋକ ପରମ୍ପରା ଖୁବ୍ ସମୃଦ୍ଧ । ଲୋକ ପରମ୍ପରାର ଅନୁସୃଜନ ସମ୍ପ୍ରତି ସାହିତ୍ୟ ଜଗତର ଏକ ବିକଶିତ ପରମ୍ପରା । ଅନୁସୃଜନ ମାଧ୍ୟମରେ ମୌଳିକ ରଚନା ସୃଷ୍ଟି କରିବାରେ ଅନେକ ଲେଖକ ସମର୍ଥ ହୋଇଛନ୍ତି । ସଂସ୍କୃତିକୁ ଅକ୍ଷୁଣ୍ଣ ରଖି ନୂତନତା ପରଶିବାରେ ମୌଳିକତା ରହେ । ଅନୁଜ ମୋହନ ପ୍ରଧାନ ସେଇ ପରମ୍ପରାର ଜଣେ ସମର୍ଥ ବ୍ୟକ୍ତିତ୍ୱ ।

ଏକାଡ଼େମୀ ପୂର୍ବରୁ ତାଙ୍କ ଦୁଇଗୋଟି ପୁସ୍ତିକା ପ୍ରକାଶ କରିସାରିଛି । କୁଇ ଭାଷାଭାଷୀଙ୍କ ସଂସ୍କୃତିକୁ ନୂତନ ଭାବରେ ପରଷିବାରେ 'ଟାହିଇ' ହେଉଛି ପ୍ରଥମ ସୃଷ୍ଟି । ଜନାଦୃତ ହେଲେ ତାଙ୍କ ଉଦ୍ୟମ ସଫଳ ହେବ ।

**ଅଖିଳ ବିହାରୀ ଓତା**

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୦୧. | ଉପକ୍ରମଣିକା | ୦୧ |
| ୦୨. | ଦୁଆଲି | ୧୪ |
| ୦୩. | ଡଣ୍ଡି କେତା | ୧୮ |
| ୦୪. | ତା ଦିନା ଗୁଡୁମ୍ | ୩୦ |
| ୦୫. | ଟାହିଇ | ୩୮ |
| ୦୬. | ମନ୍ତ୍ରୀ ବାଇନେଞ୍ଜୁ | ୪୮ |
| ୦୭. | ଲାଗୁଡ଼ି ମାହା | ୫୪ |
| ୦୮. | ନାଡ଼ିକାଲୁ | ୬୪ |
| ୦୯. | ବାବଡ଼ି | ୬୮ |
| ୧୦. | ପାୱାର ପ୍ଲସ୍ | ୮୪ |
| ୧୧. | ଅଡାଙ୍ଗା ପେହରି | ୯୦ |


✠✠✠

# ଉପକ୍ରମଣିକା

କୁଇ ଭାଷା ଦ୍ରାବିଡ଼ୀୟ ଭାଷା ଗୋଷ୍ଠିର ଏକ କଥିତ ଭାଷା ଅଟେ । କୁଇ ଭାଷାକୁ ତେଲୁଗୁ ଭାଷାର ନିକଟତମ ଏବଂ କୁଭିର ସହବଂଶଜ (sister language) ଭାବରେ ବିବେଚନା କରାଯାଏ । ଏହା ଅନେକ ଶବ୍ଦଗୁଡ଼ିକର ଅର୍ଥ, ଶବ୍ଦବ୍ୟୁତ୍ପତ୍ତି ଏବଂ ସ୍ୱରବୋଧ ଦୃଷ୍ଟିରୁ ତେଲୁଗୁ ଓଡ଼ିଆ ଆଦିଭାଷାରୁ ଆସିଥିବା ମନେ ହେଲେ ହେଁ ଏହାର ନିଜସ୍ୱ ଶବ୍ଦ ଭଣ୍ଡାର ଏବଂ ଉଚ୍ଚାରଣ ଶୈଳୀ ରହିଅଛି । କୁଇ ଭାଷା ସାମ୍ପ୍ରତିକ ରାଜନୈତିକ କନ୍ଧମାଳ ଜିଲ୍ଲା ମଧ୍ୟରେ ସୀମିତ ନୁହେଁ । ଏହା ଗଞ୍ଜାମ, ଅବିଭକ୍ତ କୋରାପୁଟ, କଳାହାଣ୍ଡି ଏବଂ ନୟାଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବୋଲାଯାଏ । ଏହା ପ୍ରାକୃତିକ ଯେ କୁଇ ଭାଷା ବିଭିନ୍ନ ପ୍ରାନ୍ତରେ ତାହାର ଆଞ୍ଚଳିକ ତାରତମ୍ୟ ରହିଅଛି । ଏ ଯାବତ୍ କୁଇ ଭାଷାକୁ କୌଣସି ଜନାଦୃତ ଓଡ଼ିଆ ବର୍ଣ୍ଣମାଳା ଏବଂ ଇଂରାଜୀ ବର୍ଣ୍ଣମାଳା ମାଧ୍ୟମରେ ଲେଖିବାର ପ୍ରୟାସ କରାଯାଉ ଅଛି । ଅନ୍ୟାନ୍ୟ କଥିତ ଭାଷାଙ୍କ ଭଳି ଏହାର କେତେକ ଉଚ୍ଚାରଣକୁ ଓଡ଼ିଆ କିମ୍ବା ଇଂରାଜୀ ଭାଷାର ବର୍ଣ୍ଣ ଓ ମାତ୍ରା ଦେଇ ଲେଖିବାର ସ୍ୱଚ୍ଛତା ଅନୁଭବ କରାଯାଏ । କୁଇ ଭାଷା କୌଣସି ନିର୍ଦ୍ଦିଷ୍ଟ ଜାତିର ଭାଷା ନୁହେଁ । ଏହା ସମଗ୍ର କୁଇ ଦିନା ଅର୍ଥାତ କୁଇ ଭାଷା ଓ ସଂସ୍କୃତି ଥିବା ରାଜନୈତିକ ସରହଦରୁ ବିସ୍ତୃତ ସାଂସ୍କୃତିକ ଭୂଖଣ୍ଡର ଭାଷା ଅଟେ ।

କୁଇ ଲୋକ ସାହିତ୍ୟରେ ଗଳ୍ପର ସ୍ଥାନ ସ୍ୱତନ୍ତ୍ର । ପୂରା କାଳରୁ ମଣିଷ ଅନୁଭୂତି, କଳ୍ପନା ଏବଂ ସ୍ମୃତିକି ଗପ ଆକାରବେ ପ୍ରକାଶ କରିଛି । ଏକ ପିଢ଼ୀ ନିଜର ଜ୍ଞାନକୁ ଗଳ୍ପ ମାଧ୍ୟମରେ ତା'ର ପରବର୍ତ୍ତୀ ପିଢ଼ୀକୁ ହସ୍ତାନ୍ତର କରିଛି । ଏଣୁ ଗପଗୁଡ଼ିକ ମୂଳତଃ ମନୋରଞ୍ଜନ ଧର୍ମୀ ହେଲେ ହେଁ, ଏହା ସଂସ୍କୃତିର ପ୍ରଥା ମୂଲ୍ୟବୋଧ ଏବଂ ବ୍ୟବହାରିକ ଜ୍ଞାନର ପରିବାହକ ଭାବରେ ନିଜର ସ୍ୱାତନ୍ତ୍ରତା ରକ୍ଷା କରିପାରିଛି । ଏଥିପାଇଁ କୁଇ ଗୀତ ଭଳି କୁଇ ଗପ କୁଇ ଲୋକସାହିତ୍ୟର ଏକ ବଳିଷ୍ଠ ଅଂଗ ଅଟେ ।

କୁଇ ଗପର ଚରିତ୍ରମାନେ ଦେବତା ଠାରୁ ଆରମ୍ଭ କରି ଇତର ପଶୁପକ୍ଷୀ, ଏପରିକି ଅଜୀବ ବସ୍ତୁ ଯଥା ହାଣ୍ଡି, ଢ଼ୋଲ ଇତ୍ୟାଦି ଯାଏଁ ବ୍ୟାପ୍ତ । ବିଭିନ୍ନ ଚରିତ୍ରମାନେ

ନିଜର ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା କରିଥାନ୍ତି । ଯଥା, ସୃଷ୍ଟିକାରିଣୀ ବୁରାପେନୁ ପିଟେଣୀ ନିଜର ଇଚ୍ଛା ମୁତାବକ ପୃଥିବୀ ତିଆରି କରନ୍ତି, ତାଙ୍କର ପ୍ରତ୍ୟେକ ବାକ୍ୟ ସଂସାରର ନିୟମ ହୋଇଥାଏ ଏବଂ ତାଙ୍କର ସୃଷ୍ଟ ମାନବ ତାକୁ ପାଳନ କରେ । କୁଇ ପୃଥିବୀ ସୃଷ୍ଟିର ସାପାଗାନା ମିଥ୍ ଏହାର ପ୍ରକୃଷ୍ଟ ଉ ଉଦାହରଣ ଅଟେ । କୁଇ ଗପ ମଧ୍ୟରେ ବୁଢ଼ାବୁଢ଼ୀ ଏକ ଅନନ୍ୟ ଚରିତ୍ର ଅଟନ୍ତି । ଶାରିରୀକ ଦୃଷ୍ଟିରୁ ସେମାନଙ୍କୁ ଅସ୍ତ ପ୍ରାୟ (spent force) ଧରା ଗଲେ ହେଁ ସେମାନେ ନିଜର ଅନୁଭୂତିକୁ ପାଥେୟ କରି ଆଶ୍ଚର୍ଯ୍ୟ କର୍ମ କରିଥାନ୍ତି । ଏହାର ଯଥାର୍ଥତା ନିମ୍ନୋକ୍ତ ଗପରେ ଲକ୍ଷଣୀୟ :-

ଗାଁଟିଏ । ଗାଁ ଚଉପଟେ ଜଙ୍ଗଲ ଘେରି ରହିଥିଲା । ସେହି ଜଙ୍ଗଲରେ ଗୋଟିଏ ବଡ଼ ଅଜଗର ରହୁଥିଲା । ଗାଁରୁ ହାଟ କରିବା ପାଇଁ କିଏ ବାହାରକୁ ବାହାରିଲେ ଅଜଗର ସାପଟି ଗଛ ଉପରେ ରହି ଲୋକଙ୍କୁ ଟାଣି ନେଇ ଗିଳି ଦେଉଥିଲା । ଭୟରେ ଲୋକଙ୍କ ମଧ୍ୟରେ ଭାଳେଣୀ ପଡ଼ିଲା । ଲୋକଙ୍କ ଦୁଃଖ ଦେଖି ଗାଁରେ ଥିବା ଦୁଇ ଜଣ ବୁଢ଼ାବୁଢ଼ୀ ଭାରି ଚିନ୍ତା କଲେ । ବୁଢ଼ୀ କହିଲା,ଏ ଦେଖ୍ ବୁଢ଼ା, ଆମେତ ଆମର ଜୀବନଟା ବଞ୍ଚି ସାରିଲେ, ଥିଲେ କେତେ ମଲେ କେତେ । ଏଣୁ ଆମେ ଯାଇ ଏଇ ଅଜଗରକୁ ଖତମ୍ କରିବା । ବୁଢ଼ା ଚକିତ ହୋଇ ପଚାରିଲା, କେମିତି ? ସେଇଠୁ ବୁଢ଼ୀ ବୁଦ୍ଧିଟିଏ ବାହାର କରି କହିଲା । ଆମେ ଗୋଟିଏ ବଡ଼ ମୁହଁ ଥିବା ହାଣ୍ଡି (କୁଇରେ ତାବା ଟେକି) ଆଣିବା । ସେଥିରେ ଭାଲିଆ ମଞ୍ଜିର ତେଲ ବାହାର କରି ହାଣ୍ଡିଏ ତେଲ ନେବା । ମୁଁ ଆଗରେ ଭାଲିଆ ତେଲଥିବା ହାଣ୍ଡିକୁ ମୁଣ୍ଡରେ ନେଇ ଆଗେ ଆଗେ ଯିବି । ତୁ ତୋର ଟାଙ୍ଗିକୁ ଲୁଣ ଦେଇ ସାଣ ଦେବୁ ଆଉ ମୋର ପଛେ ପଛେ ଆସିବୁ । ସବାଖାଇ ଅଜଗରଟା ତ ଗଛ ଉପରେ ରହୁଛି । ମୁଁ ଆଗରେ ଯିବା ଦେଖି ଅଜଗରଟା ମୋତେ ଖାଇବାକୁ ଆସିବ । ଉପରୁ ତା' ମୁଣ୍ଡଟା ଆସି ହାଣ୍ଡି ଭିତରେ ଥିବା ଭାଲିଆ ତେଲରେ ବୁଡ଼ିଯିବ । ଭାଲିଆ ତେଲ ଲାଗି ତା'ଆଖି ଅନ୍ଧ ହୋଇ ଛାଟିପିଟି ହୋଇ ତଳେ ପଡ଼ିଯିବ । ସେତେବେଳେ ତୁ ଆସି ତାକୁ ଟାଙ୍ଗୀରେ ଗଡ଼ ଗଡ଼ କରି ହାଣି ଦେବୁ ବୁଝିଲୁ ? କଥାଟା ବୁଢ଼ା ମନକୁ ପାଇଲା । ଏକଥା

ସେମାନେ ଗାଁ ଲୋକଙ୍କୁ କହିଲେ ଏବଂ ଗାଁ ଲୋକ ହାଣ୍ଡିଏ ଭାଲିଆ ତେଲ ଯୋଗାଡ଼ କରିଦେଲେ । ତା'ପର ଦିନ ବୁଢ଼ାବୁଢ଼ୀ ଗାଁ ଲୋକଙ୍କଠାରୁ ମେଲାଣି ନେଇ ଅଜଗର ଥିବା ରାସ୍ତାରେ ବାହାରିଲେ । ବୁଢ଼ୀବୁଢ଼ାଙ୍କର ମରଣମୁହଁକୁ ଯିବା ଦେଖି ସମସ୍ତେ ଆଖିରୁ ଲୁହ ଗଡ଼ାଇଲେ । ହେଲେ ବୁଢ଼ୀର ବୁଦ୍ଧିଟା ଠିକ୍ କାମ ଦେଲା । ଲୋକଙ୍କୁ ଉପରକୁ ଟାଣି ନେଇ ଖାଉଥିବା ଅଜଗରଟା ହାଣ୍ଡିର ଭାଲିଆ ତେଲରେ ମୁଣ୍ଡ ବୁଡ଼େଇଲା । ତା'ର ଆଖି ଦୁଇଟି ଅନ୍ଧ ହୋଇ ଯିବାରୁ ଛାଟି ପିଟି ହୋଇ ତଳେ ଖସି ପଡ଼ିଲା । ବୁଢ଼ା ସହସା ତା'ର ଟାଙ୍ଗିରେ ଅଜଗରକୁ ହାଣି ଗଡ଼ ଗଡ଼ କରିଦେଲା । ବୁଢ଼ାବୁଢ଼ୀ ଅଜଗରକୁ ମାରି ଗାଁକୁ ଜୀଅନ୍ତା ଫେରି ଆସିବାରୁ ସମସ୍ତେ ଖୁସି ହେଲେ । ଗାଁରେ ଭୋଜିଭାତ, ନାଚଗୀତ ହେଲା ।

କୁଇ ଭାଷାରେ କେତେକ ଗୀତି ଗପ ବା ଗୀତ ମାଧ୍ୟମରେ ଗପ କୁହାଯାଏ । ଏହା ବିଶେଷ କରି ଗାନଧର୍ମୀ ନହେଲେ ମଧ୍ୟ ଏହାର ସରଳଗଦ୍ୟକୁ ସାବଲୀଳ ଯତିପାତ ଏବଂ ସମୋଚ୍ଚାରତ ଶବ୍ଦର ପ୍ରୟୋଗ କରାଯାଏ । ଓଡ଼ିଆଭାଷାର ପ୍ରଶ୍ନୋତ୍ତର ଧର୍ମୀ 'କଲୁରି ବେଣ୍ଟ' ଗପ ଭଳି ନିମ୍ନରେ ଗୁଞ୍ଜି କେରଣ୍ଡି ବା ପେଚ୍‌ଚ ଗପ ପ୍ରଦତ୍ତ କରାଗଲା :-

କେଉଁଠି କେଉଁଠି ଶୋଉଚୁରେ ପେଚ୍‌ଚ ?
ନାଇଁ, ଆମ୍ବ କୋରଡ଼ରେ ମହୁଲ କୋରଡ଼ରେ ।
ତୋର ମଳ କାହିଁ ?
ନାଇଁ, କୁମ୍ଭାର ନେଇଗଲା ।
କୁମ୍ଭାର ନେଇ କ'ଣ କଲା ?
ନାଇଁ, ହାଣ୍ଡି ତିଆରି କଲା ।
ହାଣ୍ଡି କହିଁ ?
ନାଇଁ, ଗାଈଗୋରୁ ମାଡ଼ିଗଲେ ।
ଗାଈଗୋରୁ କାହାନ୍ତି ?

ନାଇଁ ବଣରେ ପଶିଗଲେ ।

ବଣ କାହିଁ ?

ନାଇଁ, ବନାଗ୍ନୀ ଜାଳି ଦେଲା ।

ବନାଗ୍ନୀ କାହିଁ ?

ନାଇଁ, ବର୍ଷା ଲିଭାଇ ଦେଲା ।

ବର୍ଷା କାହିଁ ?

ନାଇଁ କାଉ ପିଇଗଲେ ।

କାଉ କାହାନ୍ତି ?

ନାଇଁ, ପିଲାମାନେ ମାରିଦେଲେ ।

ପିଲାମାନେ କାହାନ୍ତି ?

କଳା ମେଘ ଧଳା ମେଘରେ ଲୁଚିଗଲେ ।

କୁଇ ଗପରେ ଥିବା Parable ବା ପଶୁପକ୍ଷୀ ଧର୍ମୀ ଗପଗୁଡ଼ିକ ମଧ୍ୟରେ ବିଲୁଆ ଏକ ପ୍ରମୁଖ ଚରିତ୍ର । ଏହି ଚରିତ୍ର ଅନ୍ୟାନ୍ୟ ଗଳ୍ପରେ ଶଠତା ଓ ଧୂର୍ତ୍ତତାର ପ୍ରତୀକ ହୋଇଥାଏ । କୁଇ ଭାଷାରେ ଏହି ଗପରେ ବିଲୁଆକୁ ଏକ ପରୋପକାରୀ ଜୀବ ଭାବରେ ଚିତ୍ରଣ କରାଯାଇଛି । ଏହି ବିଲ ପାହାନ ଗପ ନିମ୍ନରେ ଦିଆଗଲା ।

ଗୋଟିଏ ଗାଁରେ ବୁଢ଼ାବୁଢ଼ୀ ଥିଲେ । ବୁଢ଼ା ଦିନେ ଜଙ୍ଗଲ ପାଖ ଜମି ହଳ କରୁଥିଲା । ହଳ ଠିଆକରି ବିଲ ହୁଡ଼ାରେ ବସି ଲୁହ ଗଡ଼େଇବାରେ ଲାଗିଲା । ଏକଥା ବୁଦା ଉହାଡ଼ରୁ ବିଲୁଆଟିଏ ଦେଖୁଥିଲା । ବୁଢ଼ାର ଦୁଃଖ ଦେଖି ସେ ସହିପାରିଲା ନାହିଁ । ସେ ପାଖକୁ ଆସି ପଚାରିଲା, କ'ଣ ହେଲା, ତମେ ହଳ ଠିଆ କରି କାନ୍ଦୁଛ କାହିଁକି ? ଆଖି ଲୁହ ପୋଛି ବୁଢ଼ା କହିଲା, ମୋର ଦୁଃଖ କ'ଣ କହିବି ? ମୋର ତ ଆଉ ବଳ ବୟସ ନାହିଁ । ବୁଢ଼ା କାଳକୁ ପୁଅଟିଏ ହେଇଚି । ସେ କେବେ ବଡ଼ ହେବ, ହଳ ଲଙ୍ଗଳ ଧରିବ ? ମୁଁ ମଲେ ତାହାର ସାହା ଭରସା କେହି ନାହିଁ । ବିଲୁଆ କହିଲା, ଏଇ

କଥା । ଆଜିଠୁ ତମେ ଚିନ୍ତା କରନାହିଁ । ତମ ପରେ ମୁଁ ତମ ପୁଅର କଥା ବୁଝିବି । ତା'କୁ ମୁଁ ରଜା ଝିଅ ସହିତ ବାହାଘର କରେଇ ଦେବି ।

ବୁଢ଼ା ସେଇଦିନ ହଳ ସାରି ଘରକୁ ଗଲା । ରାତିରେ ବୁଢ଼ୀକୁ ବିଲୁଆ ଦେଇଥିବା କଥା ବିଷୟରେ କହିଲା । ଏ ଘଟଣାର କିଛି ଦିନ ପରେ ବୁଢ଼ା ଜର ରୋଗରେ ଆଖି ବୁଜିଲା । ବୁଢ଼ୀ ଚିନ୍ତା କରୁଥାଏ ପୁଅ କେମିତି ହଳ କରିବ ? ନ ହେଲେ ଜମି ପଡ଼ିଆ ପଡ଼ିବ । ଏକଥା ବିଲୁଆ ଦୂରରୁ ଲକ୍ଷ୍ୟ କରୁଥାଏ । ଦିନେ ବାରିପଟକୁ ଆସି ବୁଢ଼ୀକୁ କହିଲା, ତମେ ଗୋଟିଏ କାମ କର । କାଲି ସକାଳେ ଲଙ୍ଗଳ ମୁଣ୍ଡେଇ ହଳ ଯୋଡି ବିଲକୁ ନେଇ ଆସ । ପୁଅ ଖାଲି କଣ୍ଟି ଧରିବ, ମୁଁ ହଳ କରେଇ ଦେବି । ବୁଢ଼ୀତ ବୁଢ଼ାଠାରୁ ବିଲୁଆ କଥା ଶୁଣିଥିଲା, ଏଣୁ କହିବା ଅନୁସାରେ ବିଲକୁ ହଳ ଲଙ୍ଗଳ ନେଇ ପୁଅ ସହିତ ଗଲା । ଲଙ୍ଗଳ ଯୋଡିବା ପରେ ବିଲୁଆ କହିଲା, ପୁଅ, ତୁ ଖାଲି କଣ୍ଟିଟା ସିଧା ଧର । ମୁଁ ଲଙ୍ଗଳ ଉପରେ ବସି ବଳଦ ହାଙ୍କୁଛି । ସତକୁ ସତ ବିଲୁଆ ଓଜନରେ ହଳଟା ଜମିରେ ଦବିଗଲା । ବିଲୁଆ ସେଇଠୁ ବଳଦ ହାଙ୍କିବାରୁ ବଳଦ ଆଗକୁ ଚାଲିଲେ । ଏମିତି ବିଲୁଆ ଓ ବୁଢ଼ା ପୁଅ ମିଶି ଚାଷବାସ କଲେ । କାଳ କ୍ରମେ ପିଲା ବଢ଼ି ବଢ଼ି ଭେଣ୍ଡିଆ ହେଲା । ବିଲୁଆ ବୁଢ଼ାକୁ ଦେଇଥିବା କଥା ଅନୁଯାୟୀ ରଜା ଝିଅ ସହ ପୁଅର ବାହାଘର ପ୍ରସ୍ତାବ ଦେବା ପାଇଁ ଧୋତି ପିନ୍ଧି ବାହାରିଲା । ଏକଥା ଶୁଣି ବୁଢ଼ୀ ଅବାକ୍ । ବିଲୁଆ ବୁଢ଼ୀକୁ କହିଲା, "ମୁଁ ରଜା ଘରକୁ ଯାଉଛି । ତୁ ମୋତେ ତିନୋଟି ରୁପାଟଙ୍କା ଦେଇଥାଆ । ଘରେ ଯେତେ ମହୁଲ ଅଛି ତାକୁ ପଚେଇ ମହୁଲି ରାନ୍ଧ । ହଁ, ମାଣ୍ଡିଆ ଚୁରି ଚୂନା କରି ରଖିଥାଆ ।" ଏତକ ନିର୍ଦ୍ଦେଶ ଦେଇ ବିଲୁଆ ରଜା ଘରକୁ ଚାଲିଲା । ବିଲୁଆ ଯାଉ ଯାଉ ବାଟରେ ଗୋଟିଏ ଗଉଡ଼ ଟୋକାକୁ ଦେଖିଲା । ଗଉଡ଼ ଟୋକା ଗାଁର ଗାଇଗୋରୁ ଗୋଠ ନେଇ ଯାଉଥିଲା । ବିଲୁଆ ତାକୁ ଡ଼ାକି କହିଲା , ଏଇ ରୁପା ଟଙ୍କା ଗୋଟାଏ ନେ । ଗଉଡ଼ ଟୋକା ଖୁସି ହୋଇଗଲା । ବିଲୁଆ କହିଲା, ଏଇ ରାସ୍ତାରେ କେହିଆସି ଯଦି ତୋତେ ପଚାରିବ, ଏ ଗୋଠ କାହାର, ତୁ କହିବୁ ବିଲୁଆ ପାହାନର । ହେଲା ? ଗଉଡ଼ ତ ରୂପା ଟଙ୍କା ପାଇଛି

ସେ ହଁ କହିଲା । ସେହିପରି ରାସ୍ତାରେ ବିଲୁଆ ଛେଳି ମେଣ୍ଢା ଚରାଉଥିବା ଗଉଡ଼ଟିଏ ଭେଟି ରୂପା ଟଙ୍କାଏ ଦେଇ ରାଜି କରେଇଲା । ରାସ୍ତାରେ ଆଉ ଜଣେ ବୁଢ଼ୀ ବହୁତ କୁକୁଡ଼ା ପୋଷିଥିଲା । ବିଲୁଆ ବୁଢ଼ୀକୁ ମଧ୍ୟ ରୂପା ଟଙ୍କାଏ ଦେଇ ମନେଇ ନେଲା । ଶେଷରେ ବିଲୁଆ ଯାଇ ରାଜ ସଭାରେ ହାଜର । ସମସ୍ତ ସଭାସଦ କକ୍ଷର ଦୁଇ ପାଖରେ ବସିଲା ବେଳେ ବିଲୁଆ ରାଜାଙ୍କ ସାମ୍‌ନାରେ ବସିଲା । ରାଜା ସେଇଠୁ ତାହାର ପରିଚୟ ମାଗନ୍ତେ ସେ ନିଜକୁ ଅତ୍ୟନ୍ତ ସମ୍ଭ୍ରାନ୍ତ କହି ରାଜକନ୍ୟାକୁ ତା'ର ପୁଅ ସହ ବାହା ଦେବାକୁ ଅନୁରୋଧ କଲା । ରାଜା ସେଇଠୁ କହିଲେ, "ହଉ ହେଲା, ସମୁଦି ତମେ ଏତେ ଦୂରରୁ ଆସିଛ । କିଛି ଦିନ ଆମ ଘରେ ବିଶ୍ରାମ କର । ତା'ପରେ ତୁମ ବୋହୂକୁ ନେଇ ଯିବ ।" ବିଲୁଆ ଆତିଥ୍ୟ ସ୍ୱୀକାର କରି ରହିଲା । ରାଜା ବିଲୁଆ କଥାର ସତ୍ୟାସତ୍ୟ ପରୀକ୍ଷା ନିମନ୍ତେ ଦୂତ ପଠେଇଲେ । ଦୂତମାନେ ଯିବା ରାସ୍ତାରେ ପ୍ରଥମେ ବୁଢ଼ୀକୁ ଭେଟିଲେ । ବୁଢ଼ୀର ପୋଷା କୁକୁଡ଼ା ଦେଖି ପଚାରିଲେ, ବୁଢ଼ୀମା, ଏତେ ସବୁ କୁକୁଡ଼ା କାହାର ? ବୁଢ଼ୀତ ରୂପାଟଙ୍କା ପାଇଛି, କହିଲା ଏ ଗୁଡ଼ା ସବୁ ବିଲୁଆ ପାହାନର । ମୁଁ ଖାଲି ଜଗିଛି । ସେଉଠୁ ଦୂତମାନେ ଆଗକୁ ବଢ଼ିଲେ । ବାଟରେ ଛେଳି ଗୋଠର ଜଗୁଆଳୀ, ଗାଇଗୋରୁ ଗୋଠର ଗଉଡ଼ଠୁ ଏକାକଥା ଶୁଣି ସେମାନେ ଆଉ ଆଗକୁ ବଢ଼ିଲେ ନାହିଁ । ଆସି ରାଜାକୁ କହିଲେ ମହାରାଜ, ବିଲୁଆ ପାହାନର ଗାଈଗୋଠ, ଛେଳିଗୋଠ ଦେଖିଲୁ । ଆମ ରାଜ୍ୟରେ ବି ସେମିତି ଗୋଠ ନାହିଁ । ବିଲୁଆ ପାହାନ ଅତ୍ୟନ୍ତ ଧନୀ ଲୋକ ।"

ରାଜା ସେଇଠୁ ଝିଅ ବିଦା କରିବା ପାଇଁ ଷାଠିଏ ଭାର ପିଠା, ଧନଦରବ ସଜ କଲେ । ବିଲୁଆ ସଗର୍ବରେ ତୂରୀ ବଜେଇ ବୋହୂକୁ ନେଇ ଆସିଲା । ବୋହୂକୁ ଦେଖି ବୁଢ଼ୀ ଛାନିଆ । ସବୁ ଭାରୁଆ ଘରକୁ ପହଞ୍ଚିଲା,ବେଳକୁ ସଞ୍ଜ ହୋଇଯାଇଥାଏ । ବୁଢ଼ୀ ପଚାରିଲା ଏତେ ଲୋକଙ୍କୁ ରାନ୍ଧିକି ଦେବା କେମିତି ? ବିଲୁଆ କହିଲା, ତୁ ମହୁଲି ମାଠିଆଟା ଆଣ' । ବିଲୁଆ ଭାରୁଆମାନଙ୍କୁ କହିଲା, ତୁମେମାନେ ଭାର ବୋହି ହାଲିଆ ହୋଇ ଯାଇଥିବ । ଟିକେ ଟିକେ ମହୁଲି ପିଅ । ବିଲୁଆ ବଳେଇ ବଳେଇ

ସମସ୍ତଙ୍କୁ ପେଟେ ପେଟେ ମହୁଲି ପିଆଇ ଦେଲା । ଆଉ ସେମାନେ ଖାଇବେ କ'ଣ ? ଯିଏ ଯେଉଁଠି ଶୋଇ ପଡ଼ିଲେ । ସେଇଠୁ ବିଲୁଆ ବୁଢ଼ୀକୁ କହିଲା, "ତମେ ଏଥର ମାଣ୍ଡିଆ ଜାଉ ରାନ୍ଧ ।" ବୁଢ଼ୀ ମାଣ୍ଡିଆ ଜାଉ ରାନ୍ଧିଲା । ସେଇଠୁ ବିଲୁଆ ପାଣିଆ ପାଣିଆ ମାଣ୍ଡିଆ ଜାଉ ଆଣି ଶୋଇଥିବା ଭାରୁଆମାନଙ୍କର କଛା ଟେକି ଟେକି ମାଣ୍ଡିଆ ଜାଉ ଅଜାଡ଼ି ଦେଲା । ରାତି ପାହିଲା ବେଳକୁ ଭାରୁଆମାନେ ତାଙ୍କର ଓଦା କଛା ଦେଖି ଭାବିଲେ, ସେମାନେ ମହୁଲି ପିଇ ଧୋତିରେ ଝାଡ଼ା ଫେରିଛନ୍ତି । ବନ୍ଧୁଘର ଲୋକେ ଜାଣିଲେ ହସିବେ । ଏହା କହି ରାତି ପାହିବା ଆଗରୁ ନିଜ ରାଇଜକୁ ଫେରି ଗଲେ । ଏଣେ ବୁଢ଼ାପୁଅ ରାଜାଝିଅକୁ ବାହା ହୋଇ ଘର ସଂସାର କଲା । ରଜା ଦେଇଥିବା ଷାଠିଏ ଭାର ପିଠାକୁ ଗାଁ ସାରା ବାଣ୍ଟି ଦେବାରୁ ଗାଁ ଲୋକମାନେ ବି ଖୁସି ମଉଜ କଲେ ।

କୁଇ ଲୋକ କଥା ମଧ୍ୟରେ ଅନେକ ବୀର ଗାଥା ବା Legend ଶୁଣିବାକୁ ମିଳେ । କେବଳ ବୀର ଗାଥା କାହିଁକି କୁଇଦିନାର ବିଭିନ୍ନ ସ୍ଥାନର ଇତିହାସ କାଳକ୍ରମେ ଲୋକକଥାର ରୂପ ନେଇଛି । ଏହି ଇତିହାସ ସହ ଗପର ଅବିନଶ୍ୱରତା (immortality) ଯୋଡ଼ି ହୋଇ ଗାଥା ବା Legend ର ରୂପ ନେଇଛି । ଏଭଳି ଗାଥା କୁଇ ଦିନାର ଚୀର ନମସ୍ୟ ସଂଗ୍ରାମୀ ବାଙ୍ଗୁମାଲିକା, ନବ କହଁର, ଘନ କହଁର ଆଦି ବ୍ୟକ୍ତିତ୍ୱଙ୍କୁ ନେଇ ଶୁଣିବାକୁ ମିଳେ । ଏହି ସବୁ ଗାଥା ବହୁ ଚର୍ଚ୍ଚିତ । ଏଠାରେ କଳିଙ୍ଗା ଗ୍ରାମର ନାମକରଣ ସଂପର୍କୀୟ ଗାଥାକୁ ଉପସ୍ଥାପନ କରାଗଲା ।

ସେତେବେଳେ ଏ ଗାଁର ନାଆଁ କିଛି ନଥିଲା । ଏଇ ଅଳ୍ପ କେତୋଟି ଘର ଥିଲା । ହେଲେ, ଏ ଯେତେ ସବୁ ଜମି କାଳି ମାଲିକାର ଥିଲା । ତା'ପରେ ଗଲାଙ୍ଗାଣ୍ଡଠାରୁ ଆସି ଲୋକମାନେ ଏଠାକୁ ଆସି ରହିଲେ । କାଳି ମାଲିକା ସେତେବେଳକୁ ଗଜା ଟୋକାଟାଏ । ବଳରେ ତା'ର କିଏ ସରି ହେବ ନାହିଁ । ସେ ସଦା ସର୍ବଦା ଟାଙ୍ଗିଆଟାଏ ନିଜ କାନ୍ଧରେ ରଖିଥିବ । ଗଲାଙ୍ଗାଣ୍ଡରୁ ଆସିଥିବା ଲୋକମାନେ କାଳିମାଲିକାକୁ ମାରି ଦେବା ପାଇଁ ଗୋଟିଏ ମନ୍ତ୍ରଣା କଲେ । ସେତେବେଳେ ପାଖରେ ପାଣି ନଥିଲା । ପାଣି

ଆଣିବା ପାଇଁ ସମସ୍ତେ ମୁଣ୍ଡାମାଲାକୁ ଯାଉଥିଲେ । ସେମାନେ ଗୋଟିଏ କେନ୍ଦୁବାଡ଼ି ଆଣି ମଝିରେ ମଝିରେ ତା'ର ବକଳ ଛଡ଼ାଇ ପୋଡ଼ି ଦେଲେ । ପରେ ବକଳ ଛଡ଼େଇବାରୁ ଏହା କଳାଧଳା ହୋଇ ଦେଖାଗଲା । ଏହି ବାଡ଼ିକୁ ସେମାନେ ଗାଧୋଇ ଯିବା ରାସ୍ତାରେ ରଖି ହେଲେ । କାଲି ମାଲିକା ହଠାତ୍ ଏହି ବାଡ଼ିକୁ ରଣା ସାପ ଭାବି ଛାନିଆରେ ପଡ଼ିଗଲା । ସେତେବେଳେ ଅନ୍ୟମାନେ ତା'ର ଟାଙ୍ଗିଆ ଉଠାଇ ନେଇ ତା'ର ବେକ ହାଣି ଦେଲେ । ଘରକୁ ଫେରି ତା'ର ମାଆକୁ ସାପ ଦେଖି କାଲି ମାଲିକା ପଡ଼ିଗଲା ଓ ନିଜ ଟାଙ୍ଗିଆରେ ତା'ର ବେକ କଟି ମରିଗଲା ବୋଲି କହିଲେ । କାଲି ମାଲିକାର ମାଆ ପୁଅର ମରଣ ପରେ ନିଜକୁ ନିରାପଦ ମନେ ନକରି ଗାଁ ଛାଡ଼ି ଘାଟି ପଟେ ପଳେଇ ଗଲା । କାନ୍ଦି କାନ୍ଦି ଯିବା ବାଟରେ ତା'ର ଗଳାରେ ପିନ୍ଧିଥିବା ମାଳି ସବୁ ଛିଣ୍ଡାଇ ଗଛ ଉପରକୁ ଫିଙ୍ଗିଦେଲା । ସେଇ ମାଳିସବୁ ଗଛ ଉପରେ ଲତା ହୋଇ ମାଡ଼ିଗଲେ । ସେଇ କାଲି ମାଲିକା ନାମରେ ଗାଁର ନାମ କାଲିଙ୍ଗିଆ (ବର୍ତ୍ତମାନର କଳିଙ୍ଗା) ହେଲା । ବୁଢ଼ୀ ଯେଉଁ ରାସ୍ତାରେ ମାଳି ସବୁ ଫିଙ୍ଗି ଦେଇ ଥିଲା, କଳିଙ୍ଗା ଗାଁର ପୂର୍ବାନ୍ତ ଜଙ୍ଗଲ ରାସ୍ତାରେ 'ବୁଢ଼ାଲିନି ପଡେକା' ସ୍ଥାନଟି ଏଯାବତ୍ ନାମ ରହିଛି ।

କୁଇ ଗପ ମାନଙ୍କର, ମୁଖ୍ୟତଃ ଜେଜେମା ଗପରେ କୌତୁକ ହେଉଛି ମୁଖ୍ୟ ଉପାଦାନ । ଏହି କୌତୁକ ଗପରେ ଥିବା ବିଭିନ୍ନ ଚରିତ୍ରମାନଙ୍କର କଥା, କର୍ମ ବା ଆପରଗତାର ସୃଷ୍ଟି ହୋଇଥାଏ । ଏତଦ୍ବ୍ୟତୀତ କର୍ମର ଫଳ ବା literary justice ମଧ୍ୟ ପିଲାମାନଙ୍କୁ ଆନନ୍ଦ ଦେଇଥାଏ । ଗପ ମଝିରେ ଗୀତ, ଗପକୁ ଆହୁରି ରସସିକ୍ତ କରିଥାଏ । "ଟାଟୁସି ମୁଟୁସି ଗେବ୍‌ଜା ଗେମ୍" ଏମିତି ଏକ ଗପ :-

ସାତ ଭାଇରେ ଗୋଟିଏ ଭଉଣୀ ଥିଲା । ସେମାନେ ଯୋଗ୍ୟ ବର ଦେଖି ଦୂର ଗାଁରେ ଭଉଣୀକୁ ବାହା ଦେଲେ । ଆଗରେ ବାଜାବାଲା ମାନେ ଢଙ୍ଗୁ ବଜେଇ ଚାଲିଲେ । ମଝିରେ ବର ଓ ଲାଜକୁଳୀ କନିଆ ବର ପଛରେ ମୁହଁ ଘୋଡ଼େଇ ଚାଲୁଥାଏ । ପାଦର ପାଉଁଜି ଶବ୍ଦରେ ବର ଜାଣୁଥାଏ ଯେ କନିଆଁଟି ତା'ର ଆସୁଛି । ଆସିଲା ବେଳେ ରାସ୍ତାରେ ଜଙ୍ଗଲ ପଡ଼ିଲା । ବାଜାବାଲାମାନେ କାନ୍ଧରେ ଢଙ୍ଗୁ ଝୁଲାଇ ଆଗରେ ଚାଲିଲେ ।

ବର ପଛରେ କନିଆଁ ଆସ୍ତେ ଆସ୍ତେ ଯାଉଥାଏ । ଏଇଟାକୁ ଜଙ୍ଗଲର ଭାଲୁଟିଏ ଦେଖିଲା । ବରକୁ ଦେଖି ତା'ର ବି ପାଟି ଲାଳେଇ ଗଲା । ନଦୀ ପାଖରେ ପଛରୁ ଆସି ବୋହୂକୁ ଟାପି ନେଇଗଲା । ତା'ର ଲୁଗାପଟା ଉତାରି କନିଆଁକୁ ନିର୍ବସ୍ତ୍ର କରି ନଦୀକୁ ଠେଲି ଦେଲା । କିଛିବାଟ ପାଉଁଜୀ ଶବ୍ଦ ନଶୁଣିବାରୁ ବର ଭାବିଲା କନିଆଁଟା ବୋଧେ ପାପି ଦେଖି ଝାଡ଼ା ପରିଶ୍ରା ଯାଇଥିବ । ସତକୁ ସତ କିଛି ସମୟ ପରେ ଭାଲୁଟା କନିଆଁର ଲୁଗା ପଟା ପିନ୍ଧି ଲାଜକୁଳୀ କନିଆଁ ଭଳି ମୁହଁ ଘୋଡ଼ାଇ ଆସିଲା । ବର ଆଗଭଳି ଆଗରେ ଆଗରେ ଚାଲିଲା । ହେଲେ ଗାଁ ପାଖ ହୋଇ ଆସିବାରୁ ଭାଲୁ ବରକୁ ଧରି ଖାଇ ପାରିଲା ନାହିଁ । ସଞ୍ଜ ବୁଡ଼ିଲା ବେଳକୁ ସେମାନେ ଘରେ ପହଞ୍ଚିଲେ । ସମସ୍ତେ କହିଲେ, ବୋହୂଟି ବାଟ ଚାଲି ହାଲିଆ ହୋଇଥିବ । ଭିତର ଘରେ ଶୋଇ ପଡୁ । ଭାଲୁ ଭିତର ଘରେ ଶୋଇଲା । ହେଲେ ପରଦିନ କ'ଣ କରିବ ? ଧରା ପଡ଼ିବା ଭୟରେ କହିଲା, "ମୋତେ ଭୀଷଣ ଜ୍ୱର ହୋଇଛି କହି ମିଛି ମିଛିକା ଥରିବାରେ ଲାଗିଲା । ଏ ସମସ୍ତ କଥାକୁ ଗୋଟିଏ ଚଢ଼େଇ ଦେଖିଥିଲା । ସେ ଆପେ ବାଜି ଉଠି ଗୀତ ଗାଇଲା :-

ସାଞ୍ଜାଲିନି କିଞ୍ଜାଲିନି ତୁଃତେରୁ
ଟାଟୁସିନି ମୁଟୁସିନି ଅତେରୁ
ଟାଟୁସି ମୁଟୁସି ଗେବ୍‌ଜା ଗେମ୍
ଟାଟୁସି ମୁଟୁସି ଗେବଜ୍‌ଜା ଗେମ୍ ।
(ସୁନ୍ଦରି କନିଆକୁ ଛାଡ଼ିଲେ
ମୋଟି କନିଆକୁ ଆଣିଲେ
ଧିତାକ୍ ଧିତାକ୍ ଧିତାକ୍ ଧମ୍
ଧିତାକ୍ ଧିତାକ୍ ଧିକ୍‌ତା ଧମ୍)

ସେପଟେ ନିର୍ବସ୍ତ୍ର କନିଆଟି ଲାଜରେ ପାଣି ବାହାରକୁ ଆସି ପାରୁନଥାଏ । ନଦୀ ଭିତରେ ଥିବା ଛୋଟ ଚୁନାମାଛ ସବୁ ଆସି ତାକୁ କାମୁଡ଼ି ଦେଉଥାନ୍ତି । କାନ୍ଦି କାନ୍ଦି ସେ ଗୀତ ଗାଉଥାଏ :

କାପୁରା ପୂଙ୍ଗା ପୂଷା ଲାଅନି ଜଡ଼ି ପିତାଙ୍ଗା ତିଞ୍ଜିନ,
କାପୁରାପୂଙ୍ଗା ପୂଷାଲାଅନି ବନ୍ଧ ପିତାଙ୍ଗା ତିଞ୍ଜିନ ।
(ଫୁଲ ପରି ସୁନ୍ଦରୀ ଝିଅକୁ ଆଜି ନଦୀର ଚୁନାମାଛ ଖାଇଲେ
ଫୁଲ ସୁନ୍ଦରୀ କନିଆକୁ ଆଜି ବନ୍ଧର ମାଛ ଖାଇଲେ ।)

ବୋହୂକୁ ଜର ନଛାଡ଼ିବାରୁ ବର ଘର ଗୁଣିଆ ଡାକିଲେ । ଗୁଣିଆ ଆସି ଠାକୁର ଡାକିଲା ବେଳେ ଭାଲୁ ମନେ ମନେ ଭାବୁଥାଏ "ଆଜି ଠାକୁର ଡାକିଲା ବେଳେ ଭାଲୁ ମନେ ମନେ ଭାବୁଥାଏ ।" ଆଜି ଯଦି ବୋଦାଟିଏ ବଳି ପଡ଼ନ୍ତା କି ମଜା ହୁଅନ୍ତା ସତକୁ ସତ ଗୁଣିଆ କହିଲା ବୋଦାଟିଏ ବଳି ପଡ଼ିବା ବଳି ମାଂସ ରାନ୍ଧି ବୋହୂକୁ ଦେବାରୁ ଭାଲୁ ବୋହୂ କହିଲା, "ଏଇଠି ରଖି ଦେଇ ଥାଅ, ମୋତେ ଭଲ ଲାଗିଲେ ମୁଁ ପରେ ଖାଇବି । " ଲୋକେ ଚୁପ୍‌ଚାପ୍ ହୋଇଗଲେ କବାଟ ଆଉଜାଇ ଭାଲୁଟି ସୁଆଦିଆ ମାଂସ ଖାଏ ଏବଂ ଲୋକ ଦେଖାଣିଆକୁ ଜର ହେଉଛି କହି ଥରୁଥାଏ । ଜ୍ୱର ନଛାଡ଼ିବାରୁ ପୁଣି ଥରେ ଗୁଣିଆ ଡକା ପଡୁ ବୋଲି ଭାଲ ମନେ ମନେ ଏଥର ମଇଁଷିଟିଏ ବଳି ପଡୁ ବୋଲି ଭାବୁଥାଏ । ସତକୁ ସତ ଏଥର ଗୁଣିଆ ମଇଁଷିଟିଏ ବଳି ଦେବାକୁ କହିଲା । ମଇଁଷି ମାଂସ ହାଣ୍ଡିଏ ରାନ୍ଧି ବୋହୂ ପାଇଁ ଘରେ ରଖାଗଲା । ଋବୁରୁ ଋବୁରୁ କରି ମାଂସ ଖାଇବା ଶବ୍ଦ ଶୁଣି ଶାଶୁ ବୁଢ଼ୀ କବାଟ ଫାଙ୍କରେ ଦେଖେତ ଭାଲୁଟିଏ ଘର ଭିତରେ ଥାଇ ମାଉଁସ ଖାଉଛି । ଏଥର ସମସ୍ତେ ଋଙ୍ଗୁର ଗୀର ଅର୍ଥ ବୁଝି ପାରିଲେ । ସେଇଠୁ ସମସ୍ତେ ଗୋଟିଏ ବୁଦ୍ଧି ବାହାର କଲେ । ସମସ୍ତେ ପାଟି କଲେ "ଆରେ ବାହାରୁ ଲୋକମାନେ ଆସି ଆକ୍ରମଣ କରିବେ । ଗାଁ ଛାଡ଼ି ପଳେଇ ଯାଅ ।" ବର ଯାଇ କହିଲା, ତରମ ତ ଦେହ ଭଲ ନାହିଁ, ତୁମେ କେମିତି ଋଲିକି ଯିବ ? ଭାଲୁ ଭିତର ଘରୁ କହିଲା, ମୋ ପାଇଁ ପତ୍ରତୋଳି ଗୋଟିଏ ବଡ଼ ମୁଣା ତିଆରି କର । ମୁଁ ସେଇଠି ପଶିବି, ତମେ କାନ୍ଧେଇ ନେଇଯିବ । ବର ସେଇ ଅନୁସାରେ ବଣରୁ ପତ୍ରତୋଳି ଗୋଟିଏ ବଡ଼ ମୁଣା ତିଆରି କରି ଘରେ ରଖି ଦେଲା । ଭାଲୁ ବୋହୂ ଆସି ତା'ଭିତରେ ପଶିଗଲା । ଏଣେ ବର ଆସି ମୁଣାର ମୁହଁ ବାନ୍ଧିଦେଲା । ବଡ଼ ଶିକାରଟିଏ ଆଣି ପତ୍ର ପୁଡ଼ାକୁ ବାନ୍ଧିଲେ ଏବଂ ଟେକି ନେଇ

ପଣସ ଗଛରେ ଝୁଲାଇ ଦେଇ ଠେଙ୍ଗାରେ ପାହାର ପରେ ପାହାର ଦେଲେ । ଭାଲୁ ମାଡ଼ ଖାଇ ଚିତ୍କାର କରୁଥାଏ । ମୁଁ ତୋତେ ଖାଇବି କହିଲା ବେଳେ ତୁ ମତେ ବଳିଗଲୁ । ଭାଲୁ ସେମିତି ଝୁଲା ହୋଇ ରହିଲା । ଯିଏ ସେଇ ବାଟରେ ଗଲା ସେ ପାହାରେ ପକାଉଥାଏ । ମାଡ଼ ଖାଇ ଖାଇ ଭାଲୁର ପ୍ରାଣ ଗଲା ।

ହେଲେ ଅସଲ ବୋହୁ କୁଆଡ଼େ ଗଲା ଭାଳେଣୀ ପଡ଼ିଲା । ସେପଟେ ଭାଇମାନେ ଭଉଣୀ ଏଯାଏଁ ଗୋଡ଼ ବାହୁଡ଼ାଣୀ ନଆସିବାରୁ ସେମାନେ ବ୍ୟସ୍ତ ହୋଇ ସାନ ଭାଇକୁ ଡାକିବାପାଇଁ ପଠାଇଲେ । ସାନ ଭାଇ ଏକୁଟିଆ ଜଙ୍ଗଲ ରାସ୍ତାରେ ଚାଲିଥାଏ । ନଦୀ ପାଖରେ ସେ କାହାର କାନ୍ଦିବା ସ୍ୱର ଶୁଣି ଠଉରାଇ ଯାଇ ଦେଖିଲା ଯେ ତା' ଭଉଣୀ ଉଲଗ୍ନ ହୋଇ ଅଧା ପାଣିରେ ବୁଡ଼ି କାନ୍ଦୁଛି । ତତ୍‌କ୍ଷଣାତ୍ ନିଜର ଧୋତିକୁ ଦିଖଣ୍ଡ କରି ଖଣ୍ଡେ ତା' ଆଡ଼କୁ ଫୋପାଡ଼ି ଦେଲା । ଭଉଣୀ ଲୁଗାପିନ୍ଧି ବାହାରକୁ ଆସିଲା । ଭାଇ ତାଙ୍କୁ ସିଧା ନିଜଘରକୁ ନେଇଗଲା । ଏଣେ ବର ମଧ୍ୟ ବୋହୁକୁ ଖୋଜି ଖୋଜି ଶ୍ୱଶୁର ଘରେ ପହଞ୍ଚିଲା ଓ ଭାଲୁର କାରସାଦି ଓ ତା'ର ଫଳାଫଳ କହିଲା । ଏହାପରେ ବୋହୁକୁ ସାଙ୍ଗରେ ଧରି ଆସିଲା । ଗାଁରେ ପହଞ୍ଚି ସମସ୍ତେ ଭୋଜିଭାତ କରି ଖାଇଲେ ।

ଏମିତି ଅନେକ ଗପର ସମ୍ଭାରରେ କୁଇ ଲୋକକଥା ସମୃଦ୍ଧ ହୋଇଛି । କହି ବସିଲେ ଗପ ସରିବ ନାହିଁ । କୁଇ ଗପ କହିବାର ଏକ ସ୍ୱତନ୍ତ୍ର ଶୈଳୀ ରହିଅଛି । ଗପର ବିଷୟବସ୍ତୁକୁ ଗଳ୍ପକାର ନିଜର ସ୍ୱଲଳିତ କଣ୍ଠସ୍ୱର, ଗୀତ, ଅଙ୍ଗଭଙ୍ଗୀ ଓ ମୁହଁର ଭାବ ଦେଇ ଆହୁରି ସୁନ୍ଦର କରିଥାଏ । କୁଇ ଗପର ସୃଷ୍ଟି କେଉଁ କାଳରେ ହୋଇଥିଲା କହିବା କଷ୍ଟକର । କୁଇ ଇତିହାସର ବିଷୟବସ୍ତୁ ହୋଇଥିଲେ ହେଁ କୁଇ ଗଳ୍ପକାର ପାଖରେ ଏହାର ତାରିଖ ନଥାଏ । ଏଣୁ ଗପଗୁଡ଼ିକ ସାଧାରଣତଃ 'ରଗସିକାଲ କାତା' "କାହେଏ" "ର ଡେଲିତାନି" ଇତ୍ୟାଦି ପୂର୍ବାଯୁକ୍ତ (Prefix) ଦେଇ ଆରମ୍ଭ ହୋଇଥାଏ । କୌଣସି ଆଶ୍ଚର୍ଯ୍ୟଜନକ କଥା ଶୁଣେଇବା ସମୟରେ ଗଳ୍ପକାର ନିଙ୍ଗେ ମିଛ ନାଙ୍ଗେ ସତ (ତୁମକୁ ମିଛ ମୋତେ ସତ) ଆଦି ସାର୍ଥକବୋଧକ (Qualifiying) ବାକ୍ୟ ପ୍ରୟୋଗ କରିଥାନ୍ତି । କୌଣସି ସ୍ଥାନର ଦୂରତାକୁ ଦର୍ଶାଇବା ପାଇଁ କିମ୍ବା କୌଣସି

କର୍ମର ବହୁଳତା ଦର୍ଶାଇବା ପାଇଁ ମୂଳ କ୍ରିୟାକୁ ପୁନଃପୁନଃ ବ୍ୟବହାର କରାଯାଏ । ଯଥା : ବହୁ ଦୂରକୁ କିଏ ଗଲେ "ସାସାକେ ସାସେଞ୍ଜୁ, ସାସେଞ୍ଜୁ, ସାସେଞ୍ଜୁ ଯେ," (ଗଲାଯେ, ଗଲା ଯେ ଗଲା ଯେ......) ନହେଲେ ତିସାକା ତିସେଞ୍ଜି, ତିସେକା ତିସେଞ୍ଜୁ (ଏମିତି ଖାଇଲା, ଖାଇଲା......) ବାକ୍ୟାଂଶ ସବୁଅତି ପରିଚିତ । ଗପଗୁଡ଼ିକର ପରିସମାପ୍ତି ମଧ୍ୟ ସେହିପରି ଭାବୁକ ଏବଂ ଖୁସିରେ ହୋଇଥାଏ । ଗଳ୍ପକାର ନିଜପାଇଁ ବେଳେ ବେଳେ "ନାଇ ସାନିପାହେରି ପ୍ରାଞ୍ଜୁମାଲାଙ୍ଗା କିତିକତ, କାଙ୍ଗା କୁଷା ବ୍ଲେଦ୍‌ବାଦ୍" (ମୋର ରାସ୍ତାରେ ବିଘ୍ନ ନହେଉ, ଖାଇବା, ପିଇବା ପ୍ରଚୁର ଥାଉ), ନେଞ୍ଜୁ ଇସେନେ (ଆଜି ଏତିକି ଥାଉ) ଅଲିଙ୍ଗା ବିଲଙ୍ଗା ଡେକାଡ଼ସାକାଇ (ଭାଲୁ ବିଲୁଆ ତୁମକୁ ନେଇ ବୀଣା ବଜାନ୍ତୁ) ଆଦି ଶବ୍ଦ ପ୍ରୟୋଗ କରନ୍ତି । ଗଳ୍ପର ଆରମ୍ଭରୁ ଶେଷ ଯାଏଁ ଗଳ୍ପକାର ଓ ଶ୍ରୋତା ମଧ୍ୟରେ ଗୋଟିଏ ରଜ୍ଜୁ ବନ୍ଧାଥାଏ - "ହୁଁ " । ଶ୍ରୋତା ହୁଁ ମାରେ ଓ ଗଳ୍ପକାର ଜାଣେ ତା'ର ଗପ କେହି ଶୁଣୁଛି ଏବଂ ଗପ ତା'ର ଗତି ଧରେ । କୁଇ ଗପ କହିବାର କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ ଯଦିଓ ଜେଜେମା, ଜେଜେବାପା କିମ୍ବା ବୟସ୍କମାନେ ପିଲାମାନଙ୍କୁ ଗପ ଶୁଣାଇବା ଏକ ସର୍ବବିଦିତ ମନୋରଞ୍ଜନ । ବଡ଼ମାନେ ଗଛ ମୂଳେ ଦିନ ବେଳେ, କି ବାଟ ଚାଲୁ ଚାଲୁ ମଧ୍ୟ ଗପ କୁହନ୍ତି ଶୁଣନ୍ତି । କୁଇ ଗପ ମଧ୍ୟରେ ବେଳେ ଅନ୍ୟ ଭାଷାର ଗପ ଶୁଣାଯାଏ । କେତେକ ପୁରୁଣା ଶିକ୍ଷିତ ବ୍ୟକ୍ତି ବିକ୍ରମ ବେତାଳ ଗପସବୁ କୁଇରେ କହିବାର ନଜିର ଅଛି । ବର୍ତ୍ତମାନ ସମସାମୟିକ ଭାବରେ କୁଇ ଭାଷାର ପେଶାଦାର ଗଳ୍ପ କଥକ ଥିବା ଦୃଷ୍ଟିଗୋଚର ହୋଇ ନାହିଁ । କୁଇ ଗପର ପ୍ରଚଳନ ଆଧୁନିକ ଶିକ୍ଷା ଓ ଗଣ ମାଧ୍ୟମର ପ୍ରସାର ଭିତରେ କ୍ରମଶଃ ଲୋପ ପାଇ ଆସୁଛି । ଅନ୍ୟାନ୍ୟ ସାହିତ୍ୟ ପରି କୁଇ ଭାଷାକୁ ବିଶେଷକରି ଗଳ୍ପ ସାହିତ୍ୟକୁ ଉଜ୍ଜୀବିତ ରଖିବା ପାଇଁ କୁଇ କ୍ଷୁଦ୍ରଗଳ୍ପର ଆବଶ୍ୟକତା ରହିଅଛି ଏବଂ ଏହି ଦିଗରେ ଏହି କ୍ଷୁଦ୍ର ଗଳ୍ପ ସଂଗ୍ରହ ଏକ ଛୋଟ ଅପରିମେୟ ପଦକ୍ଷେପ ।

ଏହି ଉପକ୍ରମଣିକାର ଉପସଂହାର ପୂର୍ବରୁ ଗଳ୍ପ ସଂକଳନ ବିଷୟରେ ସମ୍ୟକ୍ ପ୍ରାକ୍ କଥନ ସମୀଚିନ ମନେ ହେଉଛି । କୁଇ ଭାଷାର ଗଳ୍ପ କଥନ ଶୈଳୀ ବା **narrative style** କୁ ଆଧାର କରି ମୂଳତଃ ଗଳ୍ପ ଗୁଡ଼ିକର ସୃଜନ କରାଯାଇଛି ।

ପାଠକେ ଗଳ୍ପଗୁଡ଼ିକ ପଢ଼ିଲେ ଶୁଣିଲା ଭଳି ଲାଗିପାରେ । ଏହିସବୁ ଗଳ୍ପଗୁଡ଼ିକ ସରଳ ଏବଂ ଏକାକୀ ବିଷୟବସ୍ତୁ (plot) ଉପରେ ପର୍ଯ୍ୟବେସିତ ଏବଂ ଏହି ଭଙ୍ଗୀରେ ହୁଏତ ଯଥେଷ୍ଟ ମନସ୍ତାତ୍ତ୍ୱିକ ବିଶ୍ଲେଷଣ ମିଳି ନ ପାରେ । ସୂଜ୍ଞାନୀ ପାଠକେ ଚରିତ୍ରର ମନକୁ ଯାଆନ୍ତୁ ଏବଂ ଏହାର ଭାବ ବୁଝିବାରେ ଅଭାବ ରହିବ ନାହିଁ । ଏହି ଗଳ୍ପ ସଂକଳନର ଅନେକ ଚରିତ୍ର ଓ ଘଟଣାବଳୀ ନିଜର ଅନୁଭୂତି ଏବଂ ଶୁଣିଥିବା ପ୍ରସଙ୍ଗକୁ ହୋଇଅଛି । ସେହି ସବୁ ବ୍ୟକ୍ତି ବିଶେଷଙ୍କ ନାମ ଦେବା ସମୀଚୀନ ମନେ କରୁନି । କ୍ଷୁଦ୍ର ଗଳ୍ପର ଲକ୍ଷଣାବଳୀକୁ କୁଇ କଥନ ଶୈଳୀରେ ପ୍ରୟୋଗ କରିବାର ଏହା ଏକ ଅନାମଧେୟ ପ୍ରୟାସ । କୁଇ କ୍ଷୁଦ୍ର ଗଳ୍ପଗୁଡ଼ିକର ଓଡ଼ିଆ ଅନୁବାଦ ଏହାର ସମ୍ମୁଖ ପୃଷ୍ଠାରେ ଦିଆଯାଇଛି । କୁଇ ବୁଝି ନପାରୁଥିବା ପାଠକମାନଙ୍କୁ ମୂଳ କୁଇ କ୍ଷୁଦ୍ରଗଳ୍ପର ଭାବ ସହ ପରିଚିତ କରିବା ପାଇଁ ଏହିଭଳି ପଦ୍ଧତି ଗ୍ରହଣ କରାଯାଇଅଛି । ଆଶା ସୁଧି ପାଠକେ ଏହାକୁ ଗ୍ରହଣ କରିବେ ।

ଏହା ପୂର୍ବରୁ କୁଇ କ୍ଷୁଦ୍ର ଗଳ୍ପର ସଂକଳନ ଅନ୍ତତଃ ମୋର ନଜିର ନାହିଁ । ମୋର ସ୍ୱରଚିତ କ୍ଷୁଦ୍ରଗଳ୍ପ "ଦୁଆଲି" ୨୦୦୭ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ଏକ ଉତ୍ସବରେ ଭୁବନେଶ୍ୱର ପାନ୍ଥ ନିବାସର ପ୍ରେକ୍ଷାଗୃହରେ ପଠନ କରିବାରେ ପ୍ରଥମ ସୌଭାଗ୍ୟ ପାଇଥିଲି । ଏଥିରେ ବହୁ ସାରସ୍ୱତ ସାଧକ ସାଧିକାଙ୍କ ମଧ୍ୟରେ ଶ୍ରୀମତୀ ପ୍ରତିଭା ରାୟ ଏବଂ ଶ୍ରୀଯୁକ୍ତ ସୀତାକାନ୍ତ ମହାପାତ୍ର, ଡଃ ଦମୟନ୍ତୀ ବେସ୍ରା, ଶ୍ରୀ କ୍ଷେତ୍ରବାସୀ ମାନସେଠ ପ୍ରମୁଖ ସଭାମଣ୍ଡନ କରିଥିଲେ । ଏହି ସାହିତ୍ୟ ରଥିଙ୍କ ପ୍ରୋତ୍ସାହନ ଏଯାଏଁ ମୋତେ ବାଟ ଚଲାଇ ଆଣିଛି । 'ଦୁଆଲି' ଗଳ୍ପର ତେଲୁଗୁ ସ୍ୱରୂପ ହାଇଦ୍ରାବାଦରୁ ପ୍ରକାଶିତ ତେଲୁଗୁ ପତ୍ରିକା "ବିପୁଲା"ର ଅଙ୍କ – ୩୨, ସଂଖ୍ୟା –୦୬ରେ ୨୦୦୯ ମସିହାରେ ପ୍ରକାଶିତ ହୋଇଅଛି । 'ଦୁଆଲି' ଗଳ୍ପଟି ଯେ କୁଇ ଭାଷାର ପ୍ରଥମ କ୍ଷୁଦ୍ର ଗଳ୍ପ, ମୋର ସନ୍ଦେହ ନାହିଁ ।

**ଅନୁଜ ମୋହନ ପ୍ରଧାନ**

# ଦୁଆଲି

ନେଗାଡ଼େ ବେଗା ସିଡେ । ଗୁନ୍ଦୁରିନି ଟାଡି ଗୁଡା ଦାସାନା କସ୍କା ପିଃପିତେ ଡେଏ । କଲ୍ଲୁଗୁଡ଼ା ତାରି ଡ୍ରଁ ଡ୍ରଁ ନା ଗାନ୍ଦାଡ଼େଏ ମୁଙ୍ଗେଲି ପଟୁ ଇଞ୍ଜିନେ । କାଜୁରି ପଟି ପାସାନି କାଟେ ତାନି ଡସାଟେ କାଶିରାମ ଦାଦା ଇସେଞ୍ଜୁ । ବେଗା ରିକେ ଆନାକି କସ୍କା ପିଃପାଇଞ୍ଜି ଗାଦା ପେଗ୍‌ଜେ ପେଗ୍‌ଜେ ଅନେମା । ପଲ୍‌କା କୀପ୍‌କି ସିଡାଇ ଗିନା ଆନା, କସ୍କା ଗୁଡା କ୍ରଁ କ୍ରଁ ଇଞ୍ଜିନେ । ଟୂଟି ସେପେରିଡ଼ାଇ ଗୁଡ଼ା ଡୁକ୍କେ ଡୁକ୍କେ ଗୁନ୍ଦୁରିନି ଟାଡି ଇସେ, "ନୀଙ୍ଗେସିନା ତୁଲେ ଆଜାନେ, ମାଡ଼ିଙ୍ଗାନଙ୍ଗି ସାସାକା ଟକଡ଼ି ମାହା ଗ୍ଲାଡେରୁ ଡେଏ । ବେଲା ବୁଟୁ ବୁଟୁ ଇସେ, ଇଆନିକି ଇଦେ କଲ୍ଲୁ କ୍ଲାପିନେ । ଏନେଟି କାଙ୍ଗା ନେଡାତା ମାକାଡ଼ାକା ବ୍ରିଇନାନୁ । ରନିସିବେଲେ ନକିତାକା ଆନା ଆନେମା ?'' ତିନିଟି ସେପେରି ଏଙ୍ଗା ଦେବାଟି ଡାବାତାନି କସ୍କା ପୀଙ୍ଗା ଆହାନା ଗୁନ୍ଦୁରିନି ଟାଡି ଅକଲିକି ସାସେ । ବିଡ଼ିଙ୍ଗା ପାରମ୍ଭିସି କାଶିରାମ ଦାଦା ବେଏ ଅକଲିକି ସାସେଞ୍ଜୁ ଏଙ୍ଗା ଅମ୍ବରତି ମ୍ରାହଣ୍ଡୁ ନେଡେଟି ମୂଲ୍‌କା ମୂଟେଞ୍ଜୁ ।

ଗୁନ୍ଦୁରି ନାରି ଇଗାରି ଋରିକ୍ଲାସ । ଇସ୍କୁଲକି ସାଲବା କୁଆନା କାଙ୍ଗା ଜପା ସେଲୁ ମନ । ଏଆଡ଼ିକି ଟାଡି ଇସେ, "ଏ ଜୀଅ, ଉତେ କାଣ୍ଡିଗିଆନା ଇସ୍କୁଲକି ସାଲାମୁ" । ଗୁନ୍ଦୁରି ଆନବେଏ ଇନାଡ଼େ ରାହାତିକି ସ୍ତ୍ରଃତେ । ରାହାଡ଼େଏ ଗାଉଡ଼େଞ୍ଜୁ କୂକ୍‌ତା ତେଞ୍ଜୁ "ଗହେଲି ଦାଦୁ, କଡିଙ୍ଗା ପିଃତାଦୁ ।'' କାଶିରାମ ଦାଦା ଗହେଲି ଦାପା ସାସେଞ୍ଜୁ । ଗୁନ୍ଦୁରିନି ଟାଡି ବାହାଟେକି ସଡ଼ିଟି କକ୍‌ସାନା ବାସି ମାଣ୍ଡିଙ୍ଗା ଡ଼ାଲେଡ଼ାକା ମାଜି ଗିପିସେ । ଏଲୁ ଗିପିସେ, ଗୁନ୍ଦୁରି ଇସିଙ୍ଗିଆନା ଟିକେ ପଡ଼ି ଆନେମା । ନାଜୁ ଇସ୍କୁଲି ତାଙ୍ଗି ମାଷ୍ଟ୍ର ବାଇ ସିଡେଞ୍ଜୁ ଇଞ୍ଜାନା ଅନେନିପାଡ଼ା ଇସ୍କୁଲ ତିକି ପାଣ୍ଡାଇ ମାନେ । ଗୁନ୍ଦୁରି ପଡ଼ିଆଜାନା ଦିଦି ଆନେମା ଇସେକା ଇସିଙ୍ଗି ଆନେମା । ବଡ଼ି ମୁଣ୍ଡା ତାରି ତାଲିସେଡ଼ି ଇଦେ ମାଷ୍ଟ୍ରେଣି ଆଜାନା ଆରାବାକା ଇସ୍କୁଲ ତାନି ପଡ଼ି ଗିପିନେ । ଏଆଡ଼ିନାରା କାତା ଏଲୁ ଗିଆନା ଗୁନ୍ଦୁରି ଇସିଙ୍ଗିଆନା ନେଗାଡ଼େ ପଡ଼ିଆନେ ଇଞ୍ଜି ଗୁନ୍ଦୁରିନି ଟାଡିନାରି ଦେରି ବିକାଲି । ଏନେଟି କାଶିଦାଦା ସିହେରି  ବାହେରି ସାନେଞ୍ଜୁ ଇଞ୍ଜାନା ଟେକି ତାନି ମୁତା ବୁଡ୍ଡୁ ଗିତେଞ୍ଜୁ । "ଗିନାକେ, ନେଡାତିକି ବାଦି ଗିନା ନେଞ୍ଜୁ ବେଏ ତସିଲି ଅପିସିତିକି ସାଜି ? ସାଟିପିକେଟି ମେଲି ଆତେ ?"

# ଧୂଆଁ

ରାତିଟା ବି ପୁରା ପାହିନି । ଗୁନ୍ଦୁରି ମାଆ କୁକୁଡ଼ା ଘର ଖୋଲି ଦେଇ କୁକୁଡ଼ା ବାହାରକୁ ଛାଡ଼ି ସାରିଲାଣି । କୁକୁଡ଼ା ଘରର ବିକଟ ଗନ୍ଧରେ ନାକ ଫାଟି ପଡୁଛି । ଖଜୁରୀ ଚଟେଇ ପଡିଥିବା ଖଟରେ ଶୋଇ ରହି କାଶିରାମ ଭାଇ କହିଲେ, "ରାତିନ ପାହୁଣୁ କାହିଁକି କୁକୁଡ଼ା ଛାଡୁଛ, ବିଲୁଆ ଉଠେଇ ନେଇଯିବ । କୁକୁଡ଼ା ଘରେ ଟିକିଏ ଚଷୁ ପକାଇନ ନା କ'ଣ, କୁକୁଡ଼ା ଘର ବଡ଼ ଗନ୍ଧ ମାରୁଛି ।" ଛିଣ୍ଡି ଆସିଥିବା ମୁଠି ଝାଡୁରେ କୁକୁଡ଼ା ଘରକୁ ଝାଡୁ କରୁ କରୁ ଗୁନ୍ଦୁରି ମାଆ କହିଲେ, "ତମକୁ ସିନା ଏଇନେ ରାତି ଅଧ ହୋଇଛି, ବାଉଁଶ ଆଣିବା ପାଇଁ ଯାଉଥିବା ଲୋକେ ଟକଡ଼ି ମାହା[୧] ଡେଇଁ ସାରିଲେଣି । ସିନ୍ଦୁରା ଫାଟି ବେଳ ଉଠିଲାଣି, ୟାଙ୍କୁ ଏଇନେ କୁକୁଡ଼ା ଡାକୁଛି । ସେପଟେ କାନ୍ଦୁଲ ପର୍ବତରେ ମାଙ୍କଡ଼ ପାଶୁଛନ୍ତି । ଆଗୁଆ ଗଲେ କ'ଣ ହୁଅନ୍ତା ?" ଡ଼ାହାଣ ହାତରେ ଝାଡୁ ଓ ବାମ ହାତରେ ଟିଣ ପଟାରେ କୁକୁଡ଼ା ଗୁହ ଧରି ଗୁନ୍ଦୁରି ମାଆ ବାରିପଟକୁ ଗଲେ । ମୁଣ୍ଡ ଉପରେ ରଖିଥିବା ବିଡ଼ି ଦରାଣ୍ଡି କାଶିରାମ ଭାଇ ବାରି ପଟକୁ ଗ୍ଭଲିଲେ ଏବଂ ଅମୃତ ଭଣ୍ଡା ଗଛ ମୂଳରେ ବସି ପରିଶ୍ରା କଲେ ।

ଗୁନ୍ଦୁରିର ଏ ବର୍ଷ ଚତୁର୍ଥ ଶ୍ରେଣୀ । ସ୍କୁଲକୁ ନଯାଇ କାନ୍ଦୁଲ ଜଗିବା ପାଇଁ ଯିବାକୁ ମନ । ସେଇଥି ପାଇଁ ମାଆ କହିଲେ, ଏ ଝିଅ, ସଅଳ ଦାନ୍ତ ଘସି ଟିକେ ପାଠ ପଢ଼ି ବସ । ତା' ପରେ ସ୍କୁଲ ଘଣ୍ଟା ବାଜିଲେ ପଖାଳ ଖାଇ ସ୍କୁଲକୁ ଯିବୁ ।" ଗୁନ୍ଦୁରି କିଛି ନକହି ଦାଣ୍ଡକୁ ବାହାରିଗଲା । ଦାଣ୍ଡରୁ ଗାଁ ଗଉଡ଼ର ପାଟି ଶୁଣାଗଲା ।, "ଗୁହାଳ ଖୋଲ, ଗାଈ ଛାଡ଼" । କାଶିରାମ ଭାଇ ଗୁହାଳ ଖୋଲିବା ପାଇଁ ବାହାରିଲେ । ଗୁନ୍ଦୁରି ମାଆ ବାରିପଟ ପାଣିହାଣ୍ଡି ପାଖରେ ବସି ରାତିର ଅଇଁଠା ବାସନ ମାଜିବା ଆରମ୍ଭ କଲା । ମନେ ମନେ ଭାବୁଥାଏ, ଗୁନ୍ଦୁରିଟା କେମିତି ଟିକେ ପାଠ ପଢ଼ିବ । ବଡ଼ିମୁଣ୍ଡା ମାଉଁସୀ ଝିଅ ଏବେ ମାଷ୍ଟ୍ରାଣୀ ହୋଇ ଆରାବାକା ସ୍କୁଲରେ ପଢାଉଛି । ତାହାରି କଥା ମନରେ ଭାବି ଗୁନ୍ଦୁରିଟା ଟିକେ ଭଲ ପଢୁ ବୋଲି ଗୁନ୍ଦୁରୀ ମାଆର ଭାରି ଇଚ୍ଛା । ସେପଟେ କାଶିରାମ ଭାଇ ସକାଳର ନିତ୍ୟକର୍ମ ସାରିବାକୁ ଡାଳ ଆଣି ହାଣ୍ଡିରେ ବୁଡ଼ାଇଲେ । "ହଇହେ, କାନ୍ଦୁଲ ବାଡ଼ିକୁ ଆସିବନା ଆଜି ବି ତହସିଲ ଅଫିସ୍‌କୁ ଯିବାର ଅଛି ? ସାର୍ଟିଫିକେଟ ମିଳିଲା ?

୧. ଟକଡ଼ି ମାହା : ଜଙ୍ଗଲ ରାସ୍ତାରେ ଥିବା ଏକ ନିର୍ଦ୍ଦିଷ୍ଟ ଆୟଗଛର ନାମ । ଏଠାରେ ଏକ ନିର୍ଦ୍ଦିଷ୍ଟ ଦୂରତାକୁ ସୂଚାଏ ।

"ଏଲା, ବୃହା ପ୍ଲେନୁସିନା ପାଣ୍ଡି, ସାଟିପିକେଟି ମେଲିଆଏ । ରିଇସି ପଟନାଇକ ବାବୁଇ ଏସାରା ବେସ୍ତେ, ଇଞ୍ଜାତେଞ୍ଜୁ 'କାଲିକି ଆସ' । ଆନାବୁନା, ନେଞ୍ଜୁ ବେଲେ ଆନେ ଗିନା ଆଏ ।" କାଶିରାମ ଦାଦା କାତା ବେସାନା ସିଣ୍ଡା ଅଟେ ଇକେ ସ୍ତୁଟୁ ଇସ୍ତେଞ୍ଜୁ । ବିଡ଼ି ପ୍ରସାନା ମୁତା ଆହାନା ପାଙ୍ଗା ବେଞ୍ଜାକି ସାସେଞ୍ଜୁ । ଗୁନ୍ଦୁରିନି ଟାଡିନି ଏଲୁତା କାତା ତୀରି ଦୀପ୍ପି ସିତେ । ଆନିତାରି ଏରି ସାଟିପିକେଟି ? ଆନା କୂତେକା ବେଏ, କେତାଙ୍ଗା ଉହା ବେଲେନେ ଦର୍କାସ୍ତ ଗିଆନାରି ଇଦେ କୁଡ଼ିଙ୍ଗା କବାଡ଼େଲି ଆଡେଡ଼େଏ ଆଇ ସିତେ । ନେଞ୍ଜୁ ପଣ୍ଡାବାବୁ ସିଡେଞ୍ଜୁ ବିଏ ପଟନାଇକବାବୁ ବାଆସିଡେଞ୍ଜୁ - ଦିନା ବେଗିତାକା ପାଇଟି ତୁହାନା ସାଲ୍‌ବା । ଆନାରିବେଏ ଆଏ, ଗୁନ୍ଦୁରିନି ତାଞ୍ଜିକି ବଜାର ତ୍ରେବା ମେଲି ଆଇନେ । ଏନେଟି ବାସ୍କରି ମାକିଙ୍ଗା କାଙ୍ଗା ଡୂସାକାଇ ।

ତାଡ଼ସଅ ରିଜ୍‌ଣ ଆଇସେ ଗୁନ୍ଦୁରିନି ଟାଡି । କାଣ୍ଡି କାସାନା କାଶି ଦାଦା ଅକଲିକି ବାତେଞ୍ଜୁ । ଇସେ, "ଗିନାକା ଇନୁ ଇନୁ ଇକେ ନେଗାଡ଼େ ବେସ୍କି ସିତାଇ ? ଆନାରି ଆକା ଏରି ସାଟିପିକେଟି ?" "ଏଲା, କୁଏନି କୁଏଞ୍ଜୁ ଇନ୍‌ମ୍ବାତିକି ସାଟିପିକେଟି ଲୂଡ଼ା, ପୁସି । ଆନୁ ଅଟେ ଆନା ବେଗାଲେ ବେସି ?" ଏରି ଆଆତାକେ ଆନାରିବେଏ ଆଏ । ଇନୁଏଲୁ ଗିପିଞ୍ଜି ଆନୁ ବାରି ବଜାରି ତ୍ରେବା ସାଜିମାଇ । ରଅସିତ ନାଇ ଚପଲାକା ପୁଙ୍ଗିତୁ । ପୂନା ପିତାଙ୍ଗା କୀବା ଦିତେ ।" କାଶିରାମ ଦାଦା କେସ୍ତେଞ୍ଜୁ । ଗୁନ୍ଦୁରିନିଟାଡ଼ି ଅଟେକେ ବେସେ, "ଗିନାକା, ତସିଲି ଅପିସିତାନି ମାଇଲକୁ ଏମ୍ବାଇବେ ସିଡେରୁ ?" "ଇସିଙ୍ଗିସିଡେରୁ" କାଶିରାମ ଦାଦା ଇସେଞ୍ଜୁ । "ଗଣ୍ଡାପାଡ଼ା ତାଞ୍ଜୁ ମାଙ୍ଗେତ ବୀଡ଼ାଡ଼େ ମାମାରି ବିଞ୍ଜଟି ମ୍ରିଗି ଆନେଞ୍ଜୁ । ଏଆରି ସୁତାଡ଼େତ କୁଇକାତା ପଦେକା ସ୍ତୁହେ । କୁର୍ସିତା କକ୍‌ତେକା ଏମ୍ବାଇ ଏମ୍ବେରିତାରା ବେଞ୍ଜିନେ ?" ତାନ୍ଦାରା ରାଗ ତାନୁନେ ଗୁଃପିତେ ଗୁନ୍ଦୁରିନି ଟାଡି । କୁଡିଙ୍ଗା ପେର୍‌ପାରା ଆତୁଡେଏ । ନାଡ଼ିକଡ-କା ଏସ୍କାନା ନାଦୁଲିତାନି ମରିଗିତେ । ନାଡ଼ିକଡ଼ ଦୁଆଲିଡ଼ାଇ କାନ୍‌ଙ୍ଗାମୁଙ୍ଗେଲି ରଣ୍ଡାନେ ଗିଆସେ । କାଜୁ ଅଟେ ଇକେ ସାଡ଼ାଗିତେ । ଏଆଡ଼ିନି ସାଲାଆ ତାକେ କାଙ୍ଗା ନେଡ଼ାତା ମାକାଡ଼ାକା ସତାନୁ ।

ନାଡ଼ି କଡ଼ ଆଏ, କଡ଼ ତାନି ମାନାରି ନାଡ଼ି ଦୁଆଲି ବ୍ରତପି ମାସେ ।

❖❖❖

"ଆଲୋ ବୁଝିଲୁ, ଖୋଜିଲେ ବ୍ରହ୍ମା ମିଳିଯିବେ ସିନା ତହସିଲ ଅଫିସ୍‌ରୁ ସାର୍ଟିଫିକେଟ ଖଣ୍ଡେ ମିଳିବ ନାହିଁ । ଗତକାଲି ପଟ୍ଟନାୟକ ବାବୁଙ୍କୁ କେତେ ନେହୁରା ହେଲି, କହିଲେ 'କାଲିକି ଆସ' । କିଏ ଜାଣେ, ଆଜିବି ମିଳିବ କି ନାହିଁ ।" କାଶିରାମ ଭାଇ ଏତେ କଥା କହି ଅଣ୍ଟାର ଲୁଗାକୁ ଟିକେ କଷିଲେ । ବିଡ଼ିରେ ନିଆଁ ଧରାଇ ଢ଼ାଳ ଧରି ପଡ଼ିଆ ପଟେ ମୁହାଁଇଲେ । ଗୁନ୍ଦୁରି ମାଆ ମନକୁ କଥାଟା କାହିଁକି ଖାପଛଡ଼ା ଲାଗୁଛି । ସେଇ ସାର୍ଟିଫିକେଟଟା କ'ଣ ? କିଛି ନହେଲେ ବି ଧାନରୁଆ ଆଗରୁ ଦରଖାସ୍ତ କରାଯାଇଛି । ଏଣେ ଧାନ ପାଚିବାକୁ ଆସିଲାଣି ଅଥଚ ସାର୍ଟିଫିକେଟର ଦର୍ଶନ ହୋଇ ପାରୁନି । ଆଜି ପଣ୍ଡା ବାବୁ ନାହାନ୍ତି, କାଲିକି ପଟ୍ଟନାୟକ ବାବୁ ଆସିନାହାନ୍ତି, ରାତି ପାହିଲେ କାମ ପାଇଟି ଛାଡ଼ି ଗୋଟେ ରୀତିମତ ଦଉଡ଼ ହେଉଛି । ସେସବୁ କିଛି ନୁହେଁ, ଗୁନ୍ଦୁରି ବାପାକୁ ବଜାର ବୁଲିବା ପାଇଁ ମଉକା ମିଳିଛି । ସେପଟେ ପଛେ ମାଙ୍କଡ଼ ଆସି କାନ୍ଦୁଲ ବାଡ଼ ପୋଛି ନେଇ ଯିବେ ।

ନିଜ ମନ ଭିତରେ ଭିତରେ ରାଗି ଗୁମୁରି ହେଉଥିଲା ଗୁନ୍ଦୁରୀ ମାଆ । ଦାନ୍ତକାଠି ଘେନେଇ କାଶିରାମ ଭାଇ ବାରିପଟକୁ ଆସିଲେ । ଗୁନ୍ଦୁରି ମାଆ କହିଲେ, "ହଇଓ, ତମେ ଟିକେ ଭଲରେ କହୁ ନ କାହିଁକି ? କ'ଣ ଗୋଟେ ସେଇ ସାର୍ଟିଫିକେଟ ।"

"ଆଲୋ ଶୁଣ, ଆଦିବାସୀକୁ ଆଦିବାସୀ କହିବା ପାଇଁ ସାର୍ଟିଫିକେଟ ଲୋଡ଼ା, ବୁଝିଲା ! ମୁଁ ଆଉ କ'ଣ ଅଧିକା କହିବି ? ସେଇ ଖଣ୍ଡକ ନହେଲେ କିଛି ହେବ ନାହିଁ । ଆଉ ତୁ ଭାବୁଛୁ ମୁଁ ଖାଲି ବଜାର ବୁଲିବାକୁ ଯାଉଛି । ପଥର ଦିନ ମୋର ଚପଲ ଛିଣ୍ଡିଗଲା, ନୂଆ ଫିତା ପକେଇବାକୁ ପଡ଼ିଲା" କାଶିରାମ ଭାଇ ଏକା ନିଶ୍ୱାସରେ ଏତେକଥା କହିଗଲେ । ଗୁନ୍ଦୁରିମାଆ ପୁଣି ପଚାରି ବସିଲେ, "ହଇହେ, ତହସିଲ ଅଫିସରେ କେହି ଆମର ଲୋକ ନାହାନ୍ତି ?"

"କେମିତି ନାହାନ୍ତି'' କାଶିରାମ ଭାଇ ପ୍ରତ୍ୟୁତ୍ତର ଦେଲେ, "ଗଣ୍ଡାପାଡ଼ା ଗାଁର ବାବୁଟା ଦୂର ସଂପର୍କରେ ମାମୁଁ ପୁଅ ଭାଇ ହେବେ । ସେମାନଙ୍କ ପାଟିରେ ତ କୁଇ କଥା ପଦେ ଆସିବ ନାହିଁ । ଚଉକିରେ ବସିଲେ କାହାକୁ ପଚାରେ କିଏ ?''

ନିଜର ରାଗକୁ ନିଜେ ହିଁ ଢ଼ୋକିଲା ଗୁନ୍ଦୁରି ମାଆ । ଉସୁଆଁ ଧାନ ଫାଟି ଆସିଲାଣି । ନିଆଁ ଖୁଣ୍ଟା ସବୁ ବାହାର କରି ପାଉଁଶ ଭିତରେ ମାଡ଼ିଦେଲା ନିଆଁ ଖୁଣ୍ଟାର ଧୂଆଁରେ ନାକ ଆଖି ଗୋଟିଏ କରିଦେଇ ଥିଲା । ସେ ହାତକୁ ଆଉଟିକେ ଚଞ୍ଚଳ କଲା । ସେ ଯଦି ନିଜେ ନଯିବ, ତାହେଲେ କାନ୍ଦୁଲ ବାଡ଼ିରେ ମାଙ୍କଡ଼ ପଶିଯିବେ ।

ନିଆଁ ଖୁଣ୍ଟା ନୁହଁ, ଖୁଣ୍ଟା ଭିତରର ନିଆଁ ହିଁ ଧୂଆଁ ଛାଡୁଥିଲା ।

❖❖❖

# ଡଣ୍ଡି କେତା

ରିଇସି ବିଲୁଡ଼ିଡାଇ ଅଲକସ ଆବାତ ଆଜାନି ଟୃଟୁ ନଇମାନେ । ନାଜୁତାଇ ଗୁଲେ ଆଜାସାକା ଏମ୍ବାଇବେଏ ସୁଞ୍ଜାଆ ସିଡ଼ । ଗେଟେ ଏମ୍ବେରି ତାରି ବେଲେ ମ୍ଲୀପା ଡ୍ଲୁପା କି ସୁଡା ଏସା ଦୁଃନେ ଇସେକା ଇଞ୍ଜି ମୁହୁଁ ଡ଼ୂପାଡ଼ାଇ କାଣ୍ଡି କାସାଡ଼ାଇ ସାଇନାଲୁ ବୁଡ଼ାଲି ବାଜାନା ତୂଲି ବିଅରାକାଡ଼ାଇ ତ୍ତୁଃପା ଯିତେ । ଆବାରୁ ବେଏ ଅଡ଼େ ବେଗା ସେରୁ । ସମାଣ୍ଡି ବେଲା ବୁଟୁ ଇଞ୍ଜାତାନି ଦେରି ଆଜା ପାରାକି ଇଞ୍ଜାନା ସ୍ମହତାତେ । "ଏ ଅଲକସ, ଏକା ଏମ୍ବେ ମାଞ୍ଜି ? ଆପ ଗାଡ଼ି ଆତେଞ୍ଜୁ" ଇଞ୍ଜାନା ଇଜକି ସଟେ । ବେଞ୍ଜାନା ଗୁଲେଏ ତାକା ରେହା ଆତେରୁ । ଅଲକସ ଆବା ତାଡ଼ାସଅ ଏକା ଆରାାକାକି ଏମ୍ବେ ଇଞ୍ଜାନା ଆଞ୍ଜଡ଼ାପା ରାସି ଇଟାସାରା ଆରାକି କଡିତେଞ୍ଜୁ ଏଙ୍ଗା ଏରା ତୂଲି ବିତେଞ୍ଜୁ ।

ମୀଡାଇ ପୂଡ଼େଞ୍ଜି ଦିଆନା ସିରୁ କୁଡୁ ଆଜାନା ରାହାତିକି ତାପାଡେଲି ଆତେ । ବୁଧୁବାରୁ ଦିନା ତୀର ଗିଆନା ଆଜାସାକା ଇଡୁ କୁଡୁ ଡ଼ୂସା ପସି ଗିଡୁ । ବୀଡାତଡୁ ସଦି ବେଏ ସୀବା ଆତେ । ଅକଲି ପଣସି ନେଡେଟି ବାଜାରୁନ୍ଦା ତିକି କାନ୍ଦା କାର୍‌ପା ଆତେ । ନିଜୁ ତାଜା ଜିତାବାନି ବୁଡାଲି ଆଙ୍ଗା ମୀଡାଇ ମେଲା ଗିପିସେ :

ହେଁଜାରି ଡ଼େ,
ବୁରା ପେନୁ, ଟାଣା ପେନୁ
ବେଲା ପେନୁ, ଡାଞ୍ଜୁ ପେନୁ,
ନାଇ ମୀଡା, ନାଇବଦା
ମେଅ ଡେଃଙ୍ଗି, ପୂଷିତେଙ୍ଗି
ସୁଞ୍ଜା କାଞ୍ଜୁ, ତେରା କାଞ୍ଜୁ,
କାଶାପୂଡୁ ଆ ଆ କାଞ୍ଜୁ,
କାନୁମୁଜୁ ଦିଆକାରି

# ବୋଇତାଲୁ ଖେତ

ଗତ ସଂନ୍ଧ୍ୟାରୁ ଅଲକସ ବାପା[୧]ଙ୍କର ଘର ମାଆ (ସ୍ତ୍ରୀ)ଙ୍କର ପ୍ରସବ ଶୂଳ ଦେଉଛି । ସାରା ସାହିର ମାଆମାନେ କେହି ରାତି ସାରା ଶୋଇ ନାହାନ୍ତି । କାଳେ ଯଦି କାହାର କୁଦୃଷ୍ଟି ପଡ଼ିଥିବ, କିମ୍ବା କାହାର ଦୃଷ୍ଟି ହୋଇଥିବ, ସେ ସବୁର ଫେଡ଼ଣ କରିବା ନିମନ୍ତେ ଅଧୂଆ ମୂହଁରେ, ମୁହଁରେ ଦାନ୍ତ କାଠି ନଦେଇଣ ତଳସାହିର ଜେଜେମା ଆସି ଘର ଚଳର ଛଣପଟ ମୁଠାଏ କାଢ଼ି, ପୂଜାପାଠ କରି ପାଣି ଛିଞ୍ଚିଲେ । ପୁରୁଷ ଲୋକ ସମସ୍ତେ ବି ବାହାରେ ରାତିସାରା ଅପେକ୍ଷା କରି ରହିଥିଲେ । ଠିକ୍ ସିନ୍ଦୁରା ଫାଟି ସୂର୍ଯ୍ୟ ଉଇଁଲା ବେଳକୁ ବଡମାଆ ହସ ହସ ମୁହଁରେ ଘର ଭିତରୁ ବାହାରି ଆସିଲେ "ଏ ଅଲକସ, ଆରେ କେଉଁଠି ଅଛୁ ? ପୁଅଟେ ପରା ହେଲା" ସେ ପୁଣି ଘର ଭିତରକୁ ପଶିଗଲେ । ଖବର ଶୁଣି ସମସ୍ତେ ଖୁସି ହେଲେ । ଅଲକସ ବାପା ନିଜକୁ ନିଜେ "ଆରେ ପାଞ୍ଚଣ ବାଡ଼ିଟା କାହିଁ" କହି ଓଳି ତଳେ ଖୁଞ୍ଚା ଯାଇଥିବା ପାଞ୍ଚଣଟିଏ ବାହାର କଲେ ଏବଂ ଦାଣ୍ଡରୁ ବାରିପଟକୁ ଚଳ ଉପରେ ଦେଇ ଫିଙ୍ଗିଲେ ।

ଛୁଆର ନାଭି ପଡ଼ି ସଫାସୁତୁରା ହୋଇ ବାହାରକୁ ଆସିବା[୨] ସମୟ ହୋଇ ଆସିଲା । ବୁଧବାର ଦିନକୁ ଧାର୍ଯ୍ୟକରି ଘରର ସ୍ତ୍ରୀ ଲୋକେ ଘର ଲିପା ପୋଛା କଲେ । ନିକଟ ବନ୍ଧୁ ସଂପର୍କୀୟମାନଙ୍କୁ ଖବର ଦିଆଗଲା । ପଛପଟ ପଣସ ଗଛ ତଳେ ରୋଷେଇ ବାସ କରିବା ପାଇଁ ନୂଆ ଖନ୍ଦାଟିଏ ଖୋଳା ହେଲା । ହାତରେ ତେଲ ଦେଲାବେଳେ[୩] ଜେଜେମା ନାତିକୁ ଆଶିର୍ବାଦ କଲେ ।

ଜୁହାର ହେ,  
ବୁରା ଦେବତା, ମାଟି ଦେବତା,  
ସୂର୍ଯ୍ୟଦେବତା, ଚନ୍ଦ୍ର ଦେବତା  
ମୋର ପିଲା, ମୋର ଝିଲା,  
ବିଲେଇ ପରି, ପୁଷି ପରି  
ଶୋଉଥାଉ, ଗୁମୁରୁ ଥାଉ  
କାନ୍ଦୁ ନହଉ, କୁଣ୍ଡିଆ ନହେଉ  
କାହାରି ଦୃଷ୍ଟି ନ ହେଉ,

(୧) କୁଇ ସଂସ୍କୃତିରେ ବୟୋବୃଦ୍ଧ, ପିତୃସ୍ଥାନୀୟ ଏବଂ ଗୋଷ୍ଠୀକୁ ସମ୍ଭାଷଣ ସମୟରେ ସାଧାରଣତଃ ଆବା ଅର୍ଥାତ୍ ବାପା କିମ୍ବା ଆବାଙ୍ଗାଣ୍ଡେରୁ ଅର୍ଥାତ୍ ବାପାମାନେ ସମ୍ବୋଧନ କରାଯାଏ । (୨) ଏକୋଇଶିଆ, (୩) ଛୁଆଁ ନିବାରଣ ପାଇଁ ହାତରେ ତେଲ ନେବା ଏକ ବିଧି ।

ଟହଁଡାଇ ବେକାଡ଼ାଇ
ଇନୁ କାସାଜିମୁ ଜସାଜିମୁ
ବାଡିଉଡି ଆପାକାଞ୍ଜୁ
ମୁଟେକା ବିଟେକା
ପୁଟେକା ଟାପାକାଞ୍ଜୁ
ଲାଆସାକା, ବୁଡିସାକା
ସାଇନେହେରା, ମିଅନେହେରା
ଅକଲିଟି ରାହା ବିଞ୍ଜଟି
ସଡାକାଇ, ସଲ୍‌ବାକାଇ,
ଆନୁ, ଆପେ, ଆପେ,
ତାଡ଼ା ବୁଡାଲି ନେନୁ
ମେଲା ଗିପି ମାଇ ଡ଼େ ବଡୁ ।

ଏନେଟି କାଜୁରି ପଟି ପାଆସାନା କୁସାବର କ୍ରାପ୍‌କାଇ ସାନିଇ ମହେ କକା ଇସେଞ୍ଜୁ, "ଗିନା ଡ଼େପ, କାଙ୍ଗା ଡାଲିକୁଷା ତାନି ଡଣ୍ଡିରଣ୍ଡେ ଆତେକାନି ସମାଣ୍ଡି ବ୍ବେଡ୍ ଇନେମା ।'' ମହେ କକା ତାରା କାତା ବେଞ୍ଜାନା ଗୁଲେ ଲାବେଙ୍ଗା କାକ୍‌ତେରୁ । "ଏମ୍ଭେଡ଼େ କକା, ଡଣ୍ଡିତ ମାଇନାଜୁ ଏମ୍ଭେବେଏ ମେଲିଆଏ । ଅଲକସ ଆବା ଦାଃତେକା ସିନା ଆନେ ।" ଏମ୍ବାଇସିକି ଏଲୁ ଗିଆନା ବେସ୍ତେଞ୍ଜୁ, "ଏରା, ଗୁରାସାହୁତ ଡ଼ାଣ୍ଟୁତାଇ ଡଣ୍ଡିଙ୍ଗା ମାନୁ । ରଣ୍ଡେ ଆତେକାତ ଆଃପାନା ସାନେ ।" ଲକୁ କାତା ତିନି ଏଣ୍‌ଜୋନା ଅଲକସ ଆବା ଡଣ୍ଡି ଟାପ୍‌କା ସେଲୁ ସାହୁତକି ସାସେଞ୍ଜୁ । ଗୁଲେ କାତା ବେଞ୍ଜାନା ସାହୁ ଇସେଞ୍ଜୁ " ହଉ, ଡଣ୍ଡି ନେବୁ ତ ନେ । ପରେ କେତେବେଳେ ହିସାବ କରିବା । ତୋର ନେବା କଥା ମନେ ରହିଲେ ହେଲା ।" ଅଲକସ ଆବା ଇସେଞ୍ଜୁ " କାଇବାଟା ଅଟେ ବୁଡ୍‌ଜି ନାମୁ ଗିନା ସାହୁ ? ଅଲକସ ଆବା ଡଣ୍ଡି ଏଙ୍ଗା ଏଜୁ ବାସ୍କି ନାକାରି ସେଲୁ ବିଡ଼ିକାଟା ଆହାନା ବ୍ବେତା ତେଞ୍ଜୁ । ଉଜେନେ ଏସିଗାଲା ଗୁରାସାହୁ ଡଣ୍ଡିଡ଼ାଇ ଟେକିଙ୍ଗା ମାସ୍‌ପା ଡାଲି ପାଲା ବ୍ବେଡ୍ ଇସେ ।

କୁଡିଙ୍ଗା କବା ବିହିତେ । ସରୁକାଙ୍ଗା ପ୍ରାସାନା ଡାବୁଙ୍ଗା କଡ଼େକା ଆହାନା ଅଲକସ ଆବା ରନିସି ଗୁରା ସାହୁ ବାହାଙ୍ଗି ସାସେଞ୍ଜୁ । "ସାହୁ ଜହାର୍ । ମାନ୍ଦାରା ଇକେ ଇସାବ ମେହାଜିଆମୁ ।"

କଫଠାରୁ, କାଶ ଠାରୁ
ତମେ ରକ୍ଷାକର, ଜଗିଥାଅ,
ଉଡ଼ିବୁଲି କି ବଢୁଥାଉ,
ମୁଠାଏ ଛାଟିଲେ,
ପାଛିଆଏ ଆସୁ,
ଟୋକିମାନେ ଝିଅମାନେ
(ଗାଁର) ତଳପଟୁ ଉପରପଟୁ
ଦାଣ୍ଡ ପଟୁ ବାରି ପଟୁ
ଆସନ୍ତୁ, ପଶି ଆସନ୍ତୁ,
ମୁଁ, ତା'ର ନିଜର ଜେଜେମା,
ଆଶିର୍ବାଦ କରୁଛି ହେ,
ପୂର୍ବ ପୁରୁଷ ମାନେ ।

ସେପଟେ ଖଜୁରୀ ଚଟେଇ ବିଛାଇ ପରିବା କାଟୁଥିବା ମହେ କକା କହିଲେ, "ଆରେ ବାବୁ, କାନ୍ଦୁଲ ଡାଲିରେ ବୋଇତାଲୁ ଖଣ୍ଡେ ହେଲେନା ଡାଲିଟା ପୁରା ଜମି ଯାଆନ୍ତା'' । ମହେ କକାଙ୍କ କଥା ଶୁଣି ସମସ୍ତ ଟୋକାଦଳ ହସିଲେ, "କାହିଁ କକା, ବୋଇତାଲୁ ଟିଏ ? ଆମ ସାହିରେ ତ ଗୋଟିଏ ବୋଇତାଲୁ କେଉଁଠି ନାହିଁ । ଏଇ ଜିନିଷଟା ଖୋଦ୍ ଅଲକସ୍ ବାପା ଯୋଗାଡ଼ କରିବା କଥା ନା......... । କିଏ ଜଣେ ମନେ ପକାଇ କହିଲା, "ଆରେ ହେ, ଗୁରାସାହୁ ଘରେ ତ ଗତବର୍ଷର ବୋଇତାଲୁ ଅଛି । ଗୋଟିଏ ହେଲେ ଯାହାକୁ ଯେତେ ।" ଲୋକଙ୍କ କଥା ମାନି ଅଲକସ ବାପା ବୋଇତାଲୁ ମାଗିବା ପାଇଁ ଗୁରା ସାହୁ ଘରକୁ ଗଲେ । ସେସବୁ କଥା ଶୁଣି ଗୁରା ସାହୁ କହିଲା, ନେବୁ ତ ନେଇତ ନେଇଯାଅ । ପରେ କେତେବେଳେ ହିସାବ କରିବା । ଖାଲି ତୋର ମନେ ରହିଲେ ହେଲା ।" ଅଲକସ ବାପା ବୋଇତାଲୁ ଏବଂ ଖନ୍ଦାରେ ରୋଷେଇ କାମରେ ଲାଗିଥିବା ଲୋକଙ୍କ ପାଇଁ ବିଡ଼ି କଠାଏ ନେଇ ଫେରିଲେ । ଗୁରା ସାହୁ ଘରେ ବୋଇତାଲୁ ପକେଇ ଏକୋଇଶିଆ ଡାଲି ଭାତ ସତରେ ଜମି ଯାଇଥିଲା ।

ଧାନ କଟା ସରିଲା । କାନ୍ଦୁଲ ବିକା ପଇସା କୋଡ଼ିଏ ଟଙ୍କା ଧରି ଅଲକସ ବାପା ଦିନେ ଗୁରାସାହୁ ପାଖକୁ ଗଲେ । "ସାହୁକାରେ ଜୁହାର, ଆମର ଟିକେ ହିସାବଟା ଦେଖନ୍ତୁ ।"

ଗୁରା ସାହୁ ଇସେଞ୍ଜୁ, "କଉ ହିସାବରେ ?"

"ଏସି ଗାଲା ଆଏ ସାହୁ", ଅଲକସ ଆବା ଇସେଞ୍ଜୁ, "ଆମଗରେ ପୁଅ ଏକୁଶିଆ, ଡଣ୍ଡି ଗୁଟେ ଦେଇଥିଲା ସାହୁ ।"

ଗୁରାସାହୁ ଏଲୁ ଦାପି ଇସିଡେଃଙ୍ଗି ଇସେଞ୍ଜୁ "ହଁ, ହଁ, ମନେ ପଡ଼ିଲା । ପୁଅ କେତେ ବଡ଼ ହେଲା ? ତୋର ଗୋଟିଏ ବୋଇତାଲୁ ନେଇଥିଲୁଟି", "ଆଁ ସାହୁ'', ଅଲକସ ଆବା ଇସେଞ୍ଜୁ । ଏମ୍ଭାଡ଼ାଇ ସାହୁ ଘଡ଼େକା କିନ୍ ଇଙ୍ଖାନା, ମୂହୁଁ ସୂକ୍‌ସି ସୂକ୍‌ସି ହିସାବ ଗିତେଞ୍ଜୁ । ଅଲକସ ଆବା ସାହୁ ମୁହୁଁ ମେହାନା ଦୁକାନି ଡେପାତା କକ୍‌ସାନା ମାସେଞ୍ଜୁ । ରୂଡ଼ି ଗିଆନି ପାଟାତିନି ତସାନା ଇସେଞ୍ଜୁ । "ଦେଖେ, ତୁ ଗୋଟେ ବଡ଼ ଡଣ୍ଡି ନେଇଥିଲୁ । ସେଇଟା ସେତେବେଳେ ବହୁତ ରେଟ୍ ଥିଲା । ଆଜିକୁ ପ୍ରାୟ ଆଠ ମାସ ସତର ଦିନ ହେଉଛି । ତୁ କ'ଣ ଖାଇବା ଲୋକ ଜାଣିନୁ ? ମୁଁ ପରା ବିହନ ରଖିଥିବା ଡଣ୍ଡି ଦେଇଥିଲି ।"

"ଆଁ ସାହୁ, ଆମର ହିସାବ କେତେ ଏଲା ? "ପାଟା ତିନି ଅଟେ ସଟେକା କାଜୁତିକି ଅଆନା, ନେଗାଡ଼େ ମେହନା ସାହୁ ଇସେଞ୍ଜୁ" ତୁ ତ ଆମର ସବୁଦିନ ଲୋକ । ଅଧା ଛାଡ଼ିଲେ ବି ହିସାବରେ ପଞ୍ଚାଅଶି ଟଙ୍କାମାନେ ଋରି କୋଡ଼ି ପାଞ୍ଚ ଟଙ୍କା ହେଲା ।" ଚାରିକୋଡ଼ି ପାଞ୍ଚ ଟାକା ବେଞ୍ଜାନା ଅଲକସ ଆବାଇ କାନ୍‌ଙ୍ଗା ନକିଟି ଆନ୍ଦାରି ତଞ୍ଜିତେ । "ଗିନାଆ ସାହୁ, ଗୁଟେ ଡଣ୍ଡିର ଏତେ ହେଲା ?"

"ଆଉ ତୁ ନିଜେ ହିସାବ କରେ । ପାଞ୍ଚ କେଜି ପାଞ୍ଚ ପାଆର ବୋଇତାଲୁ, ତା' ଉପରେ ଆଠ ମାସପୁରି ନଅମାସ ପାଖାପାଖି ହେଲାଣି । ଗୋଟେ ମଞ୍ଜି ରୋଇଲେ ପରା କେତେଟା ଫଳିଥାନ୍ତ । ବିହନ ରଖିଥିଲି, ତୋତେ ବୋଲି ଦେଇଥିଲି । ତୁ କ'ଣ ମୋର ହିସାବ ଠିକ୍ ନାହିଁ କହୁଛୁ ?'' ଗୁରା ସାହୁ ସ୍ରାଙ୍ଗ୍‌ନା ଇସେଞ୍ଜୁ । ଅଲକସ ଆବା ଏଲୁ ଗିତେଞ୍ଜୁ, ସତକାତା । ରଣ୍ଡେ ଡଣ୍ଡିଡ଼େ ଏସଲି ଡଣ୍ଡିଙ୍ଗା ଆନୁ ଇସେକା ଅଟେ ସାହୁତାରି ହିସାବ ଗିନା ଦାପେସାନେ ? ଏ ଡେଲି ତାନି ଇଜନି ଦାରାଡ଼ାଇ ସାହୁରେଣୀ ପ୍ଲାତାତେ, "କ'ଣରେ, ଏ ବର୍ଷ କନ୍ଦମୂଳ କରିଚୁ ନାନାଇଁ ? ଗତ ବର୍ଷ ଯୋ ଦେଇଥିଲୁ ଭଲ ହେଇଥିଲା । ଖାଇବା ପାଇଁ ଗଣ୍ଡେ ଆଣି ଦେଉନୁ ?"

ଗୁରା ସାହୁ କହିଲେ, "କଉ ହିସାବରେ ?"

"ସେଦିନ ନୁହେଁ କି ସାହୁକାରେ' ଅଲକସ ବାପା କହିଲେ, ଆମ ଘରେ ପୁଅ ଏକୋଇଶିଆ ଦିନ ବୋଇତାଲୁଟିଏ ଦେଇଥିଲ ସାହୁକାରେ ।" ଗୁରା ସାହୁ ମନେ ପଡ଼ିଲା ଭଳି ଭଙ୍ଗୀରେ କହିଲେ, "ହଁ, ହଁ, ମନେ ପଡ଼ିଲା । ପୁଅ କେତେ ବଡ଼ ହେଲାଣି ? ତୋର ଗୋଟିଏ ବୋଇତାଲୁ ନେଇ ଥିଲୁଟି ?"

'ହଁ ସାହୁକାରେ' ଅଲକସ୍ ବାପା କହିଲେ ।

ସେଇଠୁ ସାହୁକାରେ ଘଡ଼ିଏ ଚୁପ୍ ହୋଇ ବସି, ମୁହଁକୁ କୁଞ୍ଚିତ କରି କରି ହିସାବ କଲେ । ଅଲକସ୍ ବାପା ସାହୁକାର ମୁହଁକୁ ଉତ୍କଣ୍ଠାର ସହ ଅନେଇ ଦୋକାନ ବାରଣ୍ଡାରେ ବସି ରହିଥିଲେ । ଗାରେଇ ଥିବା ସିଲଟକୁ ଦେଖାଇ ସାହୁକାର କହିଲେ, "ଦେଖ୍, ତୁ ଗୋଟିଏ ବଡ ବୋଇତାଲୁ ନେଇଥିଲୁ । ସେତେବେଳକୁ ସେଇଟାର ବହୁତ ରେଟ୍ ଥିଲା । ଆଜିକୁ ଆଠ ମାସ ସତର ଦିନ ହେଉଛି । ତୁ ଖାଇଥିବା ଲୋକ କ'ଣ ଜାଣିନୁ ? ମୁଁ ପରା ତୋତେ ବିହନ ପାଇଁ ରଖିଥିବା ବୋଇତାଲୁ ଦେଇଥିଲି ।"

'ହଁ, ସାହୁକାରେ, ଆମର ହିସାବ କେତେ ହେଲା ?' ସିଲଟକୁ ଆଉଥରେ ହାତକୁ ନେଇ ଭଲରେ ଦେଖି ସାହୁକାର କହିଲେ, "ତୁତ ଆମର ନିଜ ଲୋକ । ଅଧା ଛାଡ଼ିଦେଲେ ବି ହିସାବରେ ପଞ୍ଚାଅଶି ମାନେ ଚାରି କୋଡ଼ି ପାଞ୍ଚଟଙ୍କା ହେଲା । ଅଲକସ ବାପାଙ୍କୁ ଆଖି ଆଗରେ ଅନ୍ଧାର ଦେଖାଗଲା । "କ'ଣ ସାହୁକାରେ, ଗୋଟିଏ ବୋଇତାଲୁର ଏତେ ଟଙ୍କା ।"

ଗୁରା ସାହୁ ଚିହିଙ୍କି ଯାଇ କହିଲେ, "ଆଉ ତୁ ନିଜେ ହିସାବ କରି ଦେଖ । ପାଞ୍ଚ କେଜି ପାଞ୍ଚ ପାଆର ବୋଇତାଲୁ, ତା' ଉପରେ ଆଠ ମାସ ପୁରି ନଅ ମାସ ପାଖାପାଖି ହେଲାଣି । ଗୋଟିଏ ମଞ୍ଜି ରୋଇଲେ ପରା କେତୋଟି ଫଳିଥାନ୍ତି । ବିହନ ରଖିଥିଲି, ତୋତେ ବୋଲି ଦେଇଥିଲି । ତୁ କ'ଣ ମୋର ହିସାବ ଠିକ୍ ନାହିଁ କହୁଚୁ ?" ଅଲକସ ବାପା ଏଥର ନିଜକୁ ନିଜେ ହେଜକଲେ । ସତକଥା । ଗୋଟିଏ ମଞ୍ଜି ରୋଇଲେ ଯଦି କେତେଗୁଡ଼ିଏ ବୋଇତାଲୁ ଫଳୁଛି । ତା'ହେଲେ ସାହୁକାରର ହିସାବଟା ବେକାରିଆ ହେବ କେମିତି ! ଏଇ ସମୟରେ ଦୋକାନ ଘର ଭିତର କବାଟରୁ ସାହୁଆଣୀ କହିଲେ, "କ'ଣରେ, ଏ ବର୍ଷ କନ୍ଦମୂଳ କରିଛୁ ନା ନାହିଁ ? ଗତବର୍ଷ ଯୋ ଦେଇଥିଲୁ ଭଲ ହୋଇଥିଲା । ଖାଇବା ପାଇଁ ଗଣ୍ଡେ ଆଣି ଦେଉନୁ ?"

"ଆଁ ମାଆ, ଖୁଲିଲେ ଆଣିଦେବି ।" ଅଲକସ ଆବା କଗେରି ଗୀରା ଡ଼ାଇ ଇସେଞ୍ଜୁ, "ଆନାଗିନା ସାହୁ, ମୋ ପାଖରେ କୁଡ଼େ ଟଙ୍କା ଅଛି । ରଖେ ସାହୁ ।'' "ହଉ, ହଉ ସେତିକି ଦେଇଥା । ଏ ପଇସା କାଟିଲେ ତୋର ଆଉ ପଞ୍ଚଷଠି ଟଙ୍କା ରହିଲା । କନ୍ଦମୂଳ ଖୋଲିଲେ ଆଣିଦେବୁ'' ସାହୁକାର ଇସେଞ୍ଜୁ ।

ଆଁ ସାହୁ ଇଞ୍ଜାନା ଅଲକସ ଆବା ଡାବୁଙ୍ଗା କଃତେଞ୍ଜୁ ଏଙ୍ଗା ଏରାଡାଣ୍ଡୁ ନାଟକି ଡାସାତେଞ୍ଜୁ । ଏସିଗାଲାଡ଼ାଇ କୁନା- ସମ୍ଭୁଡ଼ାଇ ଟଣ୍ଡାନା ସାଇଙ୍ଗା ସର୍ଷ ଆନାରା ପୂନିପଲ ପାଟେକା ଦଶ୍‌ଟାକା,କୁଡ଼େଟାକା ଗିଆନା ଏସଲି ଡାବୁଙ୍ଗା ସାହୁକି ସିଆନେଞ୍ଜୁ ବେସ୍ଵାତିକି ସିଡ଼େଏ । ଇସେକା ବେଏ, ସାହୁ ହିସାବଡ଼ାଇ ଡଣ୍ଡିଡ଼ାଇ ପ୍ଲେକା, ପ୍ଲେକାଡାଇ ଡଣ୍ଡିଙ୍ଗା, ପ୍ଲାହାଡ଼ାଇ କୁଡ଼ିଙ୍ଗା ପିଲଅ ବେନି ଡେଃଙ୍ଗି ବାକି ବାଡିଆଇ ଆଇ ସାସେ ।

ରନିସି ବୁଧମାସ ବେଣ୍ଡା ଗୁରା ସାହୁ ତାଡ଼ା ହଲିଆ କେଏ ଇଡୁ ବେଞ୍ଜି ବେଞ୍ଜି ଇଜକି ବାତେଞ୍ଜୁ । ଏସିଗାଲା ଇନାକି ଅଲକସ ଆବାବେଏ ଇଜ ମାସେଞ୍ଜୁ । ଆଜା ପୂନି କଣ୍ଡିଆଙ୍ଗା ରୀମୁଟା କଆନା ତାହାନା ବିଃପି ମାସେ । ଇଜ ମୁଗି ଡେବାଙ୍ଗାନିତ ଅଂଡ୍ରିକା ମାର୍‌କି ମାନୁ । ସାହୁ ଇଜକି ବାତାରା ମେହାନା ଗୁଲେଲକୁ ଆକାଜାକା ଆଡୁ । ନାଜୁ ରାହାତା ବାଟିଙ୍ଗା, ପିଲ କାହାଇ ମାସି ମିଡାଙ୍ଗା ବେଏ ସାହୁଇ ମେଃପା ବାତେରୁ । ସାହୁ ପାସାଜିତି ପଟିଇ ତାନି କଲିମଟି ଗିଆନା କକ୍‌ସାନା ଇସେଞ୍ଜୁ, "ଅଲକସ ଘରେ ଗୋଟିଏ ବଡ଼ ଅସୁବିଧା ହେଲା । ମୋର ଟଙ୍କା ଦରକାର ଅଛି । ତୋର ତ ମୁଳ କଲନ୍ତର ମିଶିକି ପ୍ରାୟ ତିନିଶ ଚାଳିଶ ଟଙ୍କା ବାକି ଅଛି । ସେଥିପାଇଁ ମାଗିବାକୁ ଆସିଲି ।'' 'ତିନିଶ ଚାଳିଶ' ଏସେ କଡ଼ି ଆନୁ ଏଲୁ ଗିବା ଆଗନେ ଅଲକସ ଆବାଇ କ୍ଵାଡି ଜାଲ୍‌କିଙ୍ଗା ବେତୁ । ଗଣେଞ୍ଜି ତାନିନେ ଏଆନି ଉକଡ଼ି ଜୂତେ । କୁଡିଙ୍ଗା ବିଃପିସାରି ଆଜାନି କାଟକା କିଲୁ ବିରାତାନି ଯୂନି ଡେଃଙ୍ଗି ନିସାନା ରାହିଆତୁ । ଟକଲି ବେର୍‌କିସି ଆବା ଇସେଞ୍ଜୁ "କାଇଁ ସାହୁ, ପାଇସାତ ଗୁଟେ ବି ନାଇଁ । ଦେଖୁଛ ପରା, କୁଣ୍ଡଧାନ ଆଣିକ ଖାଉଛୁ । ହଳଦୀ କି କାନ୍ଦୁଲ ବିକିଲେ ଦେବୁ ।''

"କ'ଣ ହେଲା ? ମୋର ପଇସା ଦରକାର ବୋଲି ମୁଁ ଆସିଛି । ବିଲ ହୁଡ଼ା ଦେଇକି ତମ ଗାଁକୁ ତ ଶଳା ଯମ ଆସିବାକୁ ଡରିବ । ପଇସା ନହେଲେ ମୋର ବହୁତ କ୍ଷତି ହେଇଯିବ । ଆରେ କ'ଣ ଗୋଟେ ଉପାୟ କରେ ।"

"ହଁ ମାଆ, ଖୋଲିଲେ ଆଣିଦେବି ।" ଅନୁଚ୍ଚ କଣ୍ଠରେ ଅଲକସ ବାପା କହିଲା, "କ'ଣ କରିବା ସାହୁକାରେ, ମୋ ପାଖରେ ଟଙ୍କା କୋଡ଼ିଏଟା ଅଛି । ରଖିଥା", "ହଉ ହଉ, ସେତିକି ଦେଇଥା । ଏଇ ପଇସା କଟିଲେ ଆଉ ପଞ୍ଚଷଠି ଟଙ୍କା ରହିଲା । କନ୍ଦମୂଳ ଖୋଲିଲେ ଆଣିଦେବୁ," ସାହୁକାର କହିଲେ ।

"ହଁ ସାହୁକାରେ' କହି ଅଲକସ ବାପା ଟଙ୍କା ବଢ଼େଇ ଦେଲେ ଏବଂ ବାଟେ ବାଟେ ଏକା ମୁହାଁ ଗାଁକୁ ଫେରିଲେ । ସେଇଦିନ ଠାରୁ କନ୍ଦମୂଳ, ସାରୁଠୁ ଆରମ୍ଭ କରି ଶିମ୍ବ, ସୋରିଷ ଯାହା ନୂଆ ଫଳ ଶସ୍ୟ ହେଲା ସାହୁଆଣୀ କହିଛନ୍ତି ବୋଲି ଦେଇ ଆସିଲେ । ମଝିରେ ମଝିରେ ଦଶଟଙ୍କା କୋଡ଼ିଏ ଟଙ୍କା କରି କେତେଥର ଦେଇଛନ୍ତି ତା'ର ହିସାବ କହିହେବନି । ହେଲେ ମଧ୍ୟ, ବୋଇତାଳୁର ମଞ୍ଜି, ମଞ୍ଜିରୁ ବୋଇତାଳୁ, ଧାନ ଚାରାଟିଏରୁ ଧାନ ବୁଦା ହେଲା ଭଳି ବାକି ଟଙ୍କା ବଢ଼ି ଚାଲିଲା ।

ଦିନେ ଭାଦ୍ରବ ମାସ ଉପରଓଳି ଗୁରା ସାହୁ ନିଜର ହଳିଆ ଟୋକାକୁ ଧରି ଅଲକସ ବାପା ଘରେ ହାଜର । ଭାଗ୍ୟକୁ ସେଦିନ ଅଲକସ ବାପା ଘରେ ଥିଲେ । ମାଆ (ତାଙ୍କ ସ୍ତ୍ରୀ) ନୂଆ କୁଣ୍ଡଧାନ ଦୁଇ ବିଡ଼ା କାଟି ଆଣି ପାଦରେ ମଳୁଥିଲେ ଘରେ ଧାନ ଡୋଲି କି ଅଟେଇରେ ଧାନର ଅଗାଡ଼ିଟିଏ ବି ନଥିଲା । ସାହୁକାରକୁ ଆସିବାର ଦେଖି ସେମାନଙ୍କ ମନରେ ଛନକା ପଶିଗଲା । ସାହି ଦାଣ୍ଡରେ ବାଟି ପିଲବାଡ଼ି ଖେଳ ଛାଡ଼ି ପିଲାମାନେ ସାହୁକାରଙ୍କୁ ଦେଖିବା ପାଇଁ ଜମା ହୋଇ ଗଲେ । ସାହୁକାର ପାରିଦେଇଥିବା ଚଟେଇରେ ଚକା ମାଡ଼ି ବସି କହିଲେ, "ଅଲକସ, ଘରେ ଗୋଟିଏ ବଡ଼ ଅସୁବିଧା ହୋଇଗଲା । ମୋର ଟଙ୍କା ଦରକାର । ତୋର ତ ମୂଳ କଳନ୍ତର ମିଶିକି ପ୍ରାୟ ତିନିଶହ ଚାଳିଶି ଟଙ୍କା ବାକି ଅଛି । ସେଥିପାଇଁ ମାଗିବାକୁ ଆସିଲି ।'' 'ତିନିଶ ଚାଳିଶ'ଟଙ୍କା କୋଡ଼ି ହିସାବରେ କେତେ କୋଡ଼ି ହେବ ବୁଝିବା ଆଗରୁ ବାଘ ଦେଖିଲା ଭଳି ସେ ଜମାଟ ବାନ୍ଧିଗଲେ । ନିଜ ତଣ୍ଟିରେ ତାଙ୍କର ନିଶ୍ୱାସ ଅଟକିଗଲା । ଧାନ ମଳୁଥିବା ଗୋଡ଼ ଦୁଇଟା ଯେମିତି ଚିକିଟା ମାଟିରେ ଲାଖି ରହିଗଲା । ପଛପଟ ତାଳୁ କୁଣ୍ଡେଇ ଅଲକସ ବାପା କହିଲେ, କାହିଁ ସାହୁକାରେ, ଘରେ ଗୋଟିଏ ବି ପଇସା ନାହିଁ । ଦେଖୁଛ ପରା, କୁଣ୍ଡଧାନ ଆଣି ଖାଉଛି । ହଳଦୀ କି କାନ୍ଦୁଲ ବିକିଲେ ସିନା ଦେବୁ ।"

"କ'ଣ ହେଲା ? ମୋର ପଇସା ଦରକାର ବୋଲି ମୁଁ ଆସିଛି । ବିଲ ହୁଡ଼ା ଦେଇକି ତମ ଗାଁକୁ ତ ଶଳା ଯମ ଆସିବାକୁ ଡରିବ । ପଇସା ନହେଲେ ମୋର ବହୁତ କ୍ଷତି ହେଇଯିବ । ଆରେ କ'ଣ ଗୋଟେ ଉପାୟ କରେ ।"

ଅଲକସ ଆବା ବାହା ଅଟେ ଅନାରି ପାହେରି ତଞାତେ । ଆଜାନି ବିଞ୍ଜ୍କି ମେହାନା ଇସେଞ୍ଜୁ । "ଏକା ଆନଗିନା ?'' ଆଜା ଇସେ, "ଅଟେ ଆନଗିନା, ସାହୁତାରି ବାକିତ ଜାନାମିଡାଙ୍ଗା ବର୍‌ନା ମାରିନି ଡେଃଙ୍ଗି ମାର୍‌କି ମାନେ । ଏସେ ଉତେଏ ବିହାଗିଦି ଏସେ ନେଗି ।'' ଅଲକସ୍ ଆବା ଇସେଞ୍ଜୁ, "ସାହୁ, କାଜୁକ୍ରାଡେକା ରାକା ବାଇସିଡ଼େ । ଡାବୁଙ୍ଗାତ ଆଇସିଡଅ ।" ସାହୁ ଗୀରା ଦେରାଡ଼ା ଗିଆନା ଇସେଞ୍ଜୁ, "ଆଇସିଡେ, ଆଇସିଡେ କହିଲେ ମୁଁ କ'ଣ କରିବି ? ମୁଁ ତ ଆଜି ଟଙ୍କା ନେଇକି ଯିବି । ତିନିଶ ଚାଳିଶ ଟଙ୍କା ପୁରା ନହେଲେ ବି ତିନିଶ ତ ଦିଅ ।"

"ଏମ୍ଭେନାଆ ତାକାନାମୁ ସାହୁ,'' ଅଲକସ ଆବା ଇସେଞ୍ଜୁ, "ସାହୁ ଡାବୁଙ୍ଗାତ ନାହିଁ, ସୂଗାକେତା ସାଇଟିତାରା କେତା ବାସ୍କରି ବାନ୍ଧା ଇଟାମୁ ।"

ଡ୍ଲାଉ ଦୃକ୍‌ସାନା ସାହୁ ଇସେଞ୍ଜୁ, "ନାଇଁ ନାଇଁ, ବନ୍ଧା ରଖିବ କିଏ, ତୁ ତ ହିସାବ ବୁଝିବୁ ନାହିଁ । ତିନିଶ ଚାଳିଶ ଟଙ୍କାର ବାକି ଛିଣ୍ଡାଇ ପାରୁନୁ । ଅନ୍ୟ କ'ଣ ଯୋଗାଡ଼ କର ।''

ଅଲକସ ଆବା ଇସେଞ୍ଜୁ "ଯାହା ହେଲା କଥା ହେଲା ସାହୁ । ଆମର ସ୍ୱଗାକେତା ତଳର କେତା ଛିଡ଼ାଇ ଗିଆତେଏ ।'' ଆଜା ଇକାତା ବେଞାନା ଡ଼େକ୍ ଇସେ । "ଏକାଲା, ଆନାରା ବେସ୍‌ପି ମାଞ୍ଜି ? ରୀକଷା ତାରା କେତା ସୀଦି ?" "ଏକା ଆନା ଗିଦି ? ସାହୁ ମାଇ ଲୂଡ଼ା ତାନି ସିଆ ନାନେଞ୍ଜୁ ଇସେକୋ ତାଡ଼ାଲୂଡ଼ା ତାନି ତ ସୀବା ଦିନେ ।'' ଇଃଙ୍ଗି ଇଞାନା ଅଲକସ ଆବା ତୂଲି ତାରା ବିଅରି ଋଣ୍ଡ଼ା ଉନ୍ଦିତେଞ୍ଜୁ । ସେଣ୍ଡ ବେଲା ନେତେ ଟାଣା ବେସାନା ଇସେଞ୍ଜୁ, "ସାହୁ, ନେଞ୍ଜୁଡ଼ାଇ ସୂଗାକେତା ନେଡ଼େଟି ତାରି କେତା ନୀନ୍ଦେ ଆତେ । ନେଞ୍ଜୁଡ଼ାଇ ଆନୁ କି ନାଇ ମୀଡାବଦା, ନାଇ ରାକାତାଞ୍ଜୁ ଏମ୍ଭାଇବେଏ ଏ କେତା ତାରା ବିରା ମୁଟେକା ବେଏ କଡା ମୂଏରୁ । ଦର୍ମ ସାଖି ମାନାକାରୀ ଉନ୍ଦାମୁ, ଆନୁ କୀଟା ସ୍ଲିକ୍‌ତାତେ ।" ସାହୁ ତାରି ମୁହୁଁ ଦିଲ୍‌ମି ଆତେ । "ଏଇଟା ସିନା ଜବାବ । ହଉ, ତୁ କହୁଛୁ ମାନେ ମୁଁ ଯାଉଛି । ବିଲତ ହେଲା । ମୁଁ ଅନ୍ୟ କୁଆଡ଼େ ଟଙ୍କା ଖୋଜିବି ।" ଇଞାନା ତାଡ଼ା ଅଲିଆକେଏ ବ୍ଟେତେଞ୍ଜୁ ।

ଅଲକସ ବାପାଙ୍କୁ ଆଉ କୌଣସି ବାଟ ଦେଖା ଯାଉନ ଥିଲା । ନିଜ ସ୍ତ୍ରୀଙ୍କ ଆଡ଼କୁ ଦେଖି କହିଲେ, "ଆଉ କ'ଣ କରିବା ?'' ତାଙ୍କ ସ୍ତ୍ରୀ କହିଲେ, "ସାହୁକାରଙ୍କ ବାକି ତ କଙ୍କଡ଼ା ପୁଞ୍ଜାଏ ଛୁଆ ଦେଲାଭଳି ବଢ଼ି ଯାଉଛି । ଯେତେ ଜଲ୍‌ଦି ତାକୁ ଖତମ୍ କରିବ ସେତେଭଲ ।" ଅଲକସ ବାପା କହିଲେ, "ସାହୁକାରେ, ହାତ କାଟିଲେ ବି ରକ୍ତ ଟୋପେ ଝରିବ ନାହିଁ । ଟଙ୍କା ଯୋଗାଡ଼ ହୋଇ ପାରିବ ନାହିଁ ।''

ସାହୁକାର ଚଢ଼ା ଗଳାରେ କହିଲେ, "ହଉନାହିଁ, ହଉନାହିଁ କହିଲେ ମୁଁ କ'ଣ କରିବି ? ସେ ଯାହା ହେଉ ମୁଁ ଆଜି ଟଙ୍କା ନେଇ କି ଯିବି । ତିନିଶହ ଚାଳିଶି ପୁରା ନଦେଲେ ଅନ୍ତତଃ ତିନିଶହ ଟଙ୍କା ଦିଅ ।"

"କୋଉଠୁ ଆଣିବୁ ସାହୁକାରେ " ଅଲକସ ବାପା କହିଲେ, ପଇସାତ ନାହିଁ, ଚୁଆଁ ଖେତ ତଳର ଖେତଟିକୁ ବନ୍ଧା ରଖିଥାଅ ।"

ସାହୁ ମୁଣ୍ଡ ହଲେଇ ସାହୁକାର କହିଲେ, ନାହିଁ, ନାହିଁ, ବନ୍ଧା ରଖିବ କିଏ ? ତୁ ତ ହିସାବ ବୁଝିବୁ ନାହିଁ । ତିନିଶହ ଚାଳିଶି ଟଙ୍କାର ବାକି ଛିଣ୍ଡାଇ ପାରୁନୁ । ଅନ୍ୟ କ'ଣ ଯୋଗାଡ଼ କର ।"

ଅଲକସ ବାପା କହିଲେ, "ଯାହା ହେଲା କଥା ହେଲା ସାହୁକାରେ, ଚୁଆଁ ଖେତ ତଳର ଖେତଟା ପୁରାପୁରି ତମକୁ ଛିଣ୍ଡାଇ ଦେଲି ।" ମାଆ ସିଆଡ଼େ ଛାନିଆ ହୋଇ କହିଲେ, "ଆଲୋ, କ'ଣ କହୁଛ ? ଦୁଇ ଶଗଡ଼ ଧାନ ହେଉଛି ସେ ଖେତରେ ତାକୁ ଦେଇଦେବ ?"

"ଆଉ କ'ଣ କରିବା ? ସାହୁକାରେ ଆମ ଦରକାର ବେଳେ ଦେଇଛନ୍ତି ଯେତେବେଳେ ତାଙ୍କର ଦରକାର ବେଳେତ ଦେବାକୁ ପଡ଼ିବ ।" ଏହା କହି ଅଲକସ ବାପା ନିଜ ଚାଳରୁ ଛଣପଟ ଟିଏ ଟାଣି ଆଣିଲେ । ଉପରେ ସୂର୍ଯ୍ୟ ଦେବତା ଏବଂ ତଳେ ମାଟି ଛୁଇଁ କହିଲେ, "ସାହୁକାରେ, ଆଜିଠାରୁ ଚୁଆଁ ଖେତର ତଳଖେତ ତମର ହେଲା । ଆଜିଠାରୁ ମୁଁ କିମ୍ବା ମୋର ଛୁଆ ପିଲା, ମୋ ରକ୍ତର ବଂଶଧର କେହି ସେ ଖେତରୁ ମାଟି ଟେଳାଏ ନେଇ ପାରିବେ ନାହିଁ । ଧର୍ମ ହିଁ ସାକ୍ଷୀ ରହିଥାଉ । ନିଅ" ଏହା କହି ଛଣପଟକୁ ଛିଣ୍ଡାଇ ଖଣ୍ଡେ ସାହୁକାର ହାତରେ ଦେଲେ । ସାହୁକାର ମୁହଁ ଖୁସିରେ ଝଲସି ଉଠିଲା । କହିଲେ "ଏଇଟା ସିନା ଜବାବ । ହଉ, ତୁ କହୁଛୁ ମାନେ ମୁଁ ଯାଉଛି । ଖେତଟା ତ ହେଲା । ମୁଁ ଅନ୍ୟ କୁଆଡୁ ଟଙ୍କା ଯୋଗାଡ଼ କରିବି ।" ସାହୁକାର ହଳିଆକୁ ସାଙ୍ଗରେ ନେଇ ଚାଲିଗଲେ ।

ଇକାତା ଆତାରି ଏସେ ବାସାରି ସିକି ଆତେ ଡେଏ । ନେଞ୍ଜୁ ଅଲକସ ଆବା ସିଡେଞ୍ଜୁ କି ଗୁରାସାହୁ ସିଡେଞ୍ଜୁ । ଗୁରା ସାହୁ ମ୍ରୀକା ରିଆରୁ ଦିନା ଏ ଦେଶା ଜଙ୍ଗାନା ମାନେରୁ । ତାଡ଼ା ଦୁକାନି ନକିଟି ଇଦେଏ ଟ୍ରକୁରଣ୍ଡେ ନିସ୍କିମାନେ । ଅଲକସ ଆବା ମିରେଞ୍ଜୁ ବେଏ ଡ଼ାଞ୍ଜାନା ମୀଡାବଦା ଆତେଞ୍ଜୁ ଡେଏ । ଗୁରା ସାହୁ ମ୍ରୀକା ଏ କେତାଡ଼ାଇ କୁଡ଼ିଙ୍ଗା କ୍ରାସାନା ତାପି ନେରୁ । ଅଲକସ ଆବା ମୀରେଞ୍ଜୁ ଇଦେଏ ବେଏ ସାହୁ ଦୁକାନି ତାନି କାଙ୍ଗା ସ୍ତିଙ୍ଗାଙ୍ଗା ପ୍ରାପିନେଞ୍ଜୁ ଏଙ୍ଗା ବିଡ଼ିକାଟାଙ୍ଗା କଟ୍‌କି ନେଞ୍ଜୁ । ଡଣ୍ଡିରଣ୍ଡା ସେଲୁ କେତା ସିଆସାକି ଏରି କେତା ପାଦା ଡଣ୍ଡିକେତା ଇଞ୍ଜାନା ନେଞ୍ଜୁ ବେଏ ଲକୁ କାତା ଆଇନେରୁ ।

❖❖❖

ଏ ଘଟଣା ଘଟିବାରେ ଅନେକ ବର୍ଷ ବିତି ଗଲାଣି । ଆଜି ଅଲକସ ବାପା ନାହାନ୍ତି କି ଗୁରା ସାହୁ ବି ନାହିଁ । ଗୁରାସାହୁର ଦୁଇ ପୁଅ ଆଜି ରାଜୁତି କରୁଛନ୍ତି । ତାଙ୍କ ଦୋକାନ ଆଗରେ ଟ୍ରକ ଲାଗୁଛି । ଅଲକସ ବାପାଙ୍କ ପୁଅର ବି ପିଲାଛୁଆ ହେଲାଣି । ଗୁରାସାହୁର ପୁଅମାନେ ଆଜିବି ସେଇ ଖେତରୁ ଧାନ କାଟି ଆଣୁଛନ୍ତି । ଅଲକସ ବାପାଙ୍କ ପୁଅଟା ସେଇ ସାହୁକାର ଦୋକାନରେ କାନ୍ଦୁଲ ହଳଦୀ ବିକି ବିଡ଼ିକଠା କିଣୁଛି । ଗୋଟିଏ ବୋଇତାଲୁ ପାଇଁ ଖେତଟିଏ ଦେଇ ଥିବାରୁ ସେଇ ଖେତର ନାଆଁ 'ବୋଇତାଲୁ ଖେତ' ଲୋକେ କହୁଛନ୍ତି ।

❖❖❖

# ତା ଦିନା ଗୁଡୁମ୍

ତାରାବାଡି ରୁଟୁ ଡ଼ାଇ ଜାଇମତି ଆଜା ବାଇସେ । ପାହେରିଆ କେନା ଆବାଇ ପୂଣ୍ଡିତେ । ପ୍ଲାତେ, "ଆବା, ନେଞ୍ଜୁ ବେଏ ପିଜୁ ପୁହିତି ।'' କେନା ଆବା ପାଡୁ ସିଡ଼ାନି ସୁଡା ତିନି ମୁସୁକ୍ ଇସାନ୍ ଇସେଞ୍ଜୁ "ଆଁ ଜା, ପୁହିତେ ଇକେ ।'' ସେଣ୍ଡ କାଲି ମୂଡେଞ୍ଜି ସିଡ଼ାତେ, ବିଲୁ ପିଜୁ ଆଷାଡ଼ି ବାଆ ସିଡାତେ । ସୁଡା ଅଡ଼ାନା ବେସ୍ତାଇ ଇସେକା କେନା ଆବା ନାଡିସେ ବାତାର୍ ଆଜା ସେଞ୍ଜୁ । କେନା ଆବା ଉନ୍‌ମ୍ବା ଦେହା ଉନେଞ୍ଜୁ । ଗେଟେ ଉଟେଞ୍ଜୁ ଉସେକା ଦିନାଦେଶା ଉର୍ମି ଗିନେଞ୍ଜୁ । ମାସି ସିଡାତାଆ ପ୍ଟାଡାଆ ପୁନାଆ ଗାଣିଙ୍ଗା କାହିନେଞ୍ଜୁ । ଏରା ରାହା ଏନ୍ଦିଏନ୍ଦି ଗୁଲେ ଲକୁରିଇ ରେହା ଗିନେଞ୍ଜୁ ।

କେନା ଆବା ଏସେ ବାସାରି ଆଇସେଞ୍ଜୁ – ଆନୁ ପୁନା ସିଡେନୁ । ଏ ଆନି ଏସେକା ପାଟ୍‌କା ଗାସାସୁ ଗିନା ଆଏ, ଆନୁ ମେହା ସିଡେନୁ । ତିନି କାଡୁ ନେତେ ବେସି ବେସି ତା ଦିନା ଗୁମ୍, ତା ଦିନା ଗୁମ୍‌ଗୁମ୍ ଇଞ୍ଜିନେଞ୍ଜୁ ଇସେକା ଆନୁ କାନୁ ସୁସାନା ବେସ୍ରାଇ, କେନାଆଦା ନେଞ୍ଜୁ ବେଏ ପିଜୁ ପୁହାନେଞ୍ଜୁ ।

ଇଦେଏ ଇରୁ ବେଞ୍ଜା ଦେରୁ – କେନା ଆବା ଏମ୍ବାଇ ? ମାନେଞ୍ଜୁ ଗିନା ମାସେଞ୍ଜୁ ? ନେଗାଞ୍ଜୁ ଗିନା ଡ଼ଇ ଗାଟାଞ୍ଜୁ ? ଇଆତେଃଙ୍ଗି ଏସଲି କାତାଙ୍ଗା । ଇରୁ ଆରେ 'ଉଁ'ଇଞ୍ଜି ଦୁଃତାଦୁ, ଆନୁ ଗୁଲେଏ ସିରୁ ତାକାରାଇ ।

କେନା ଆବା ମୀଡା ବେଲା ନାଙ୍କୁତାନି ଇସ୍କୁଲ ମାସେ ଗିନା ଆଏ, ଆନୁ ଏମ୍ଭେରିଇ ବେନମ୍ବା ତେକା ସିଡେନୁ । ମାସେକା ବେଏ ଆନାରି ଆନେ ଏ ଡେଲି ତାନି ମାସେ ଆବାଙ୍ଗା ପାଟାକଡ଼ି ପିହାନା ଟିବେରି ଜାର୍‌ସା, କାସାଗାବା ଡୁଡ଼ା ଡ଼ାଇ କାତା ଆଇସେରୁ । ମାଇ ବୁଡ଼ା ବେସ୍ତା କାତା, ମାଇବା ବେଏ ମାଡା ଆଜିବାଗା ଇସ୍କୁଲିକି ସାଲାଆତେଞ୍ଜୁ । ସାରା ଲକୁ ଡେଃଙ୍ଗି କେନା ଆବା ବେଏ ଗଡି କୁରାଡ଼ି ଆହାନା ସରୁ ବାଡି ରାଗାଡ଼ି ଆଜାନା ନିମ୍ବା ଗ୍ରାମ୍ବି ତେଞ୍ଜୁ । ଦିନା ଯାକ କାଙ୍ଗାନେଡା କୁଏରି ନେଡା ନାପା କୁନା ଲଏରି କୁନା ଗିଆନା ନିମ୍ବା ଗ୍ରାମ୍ବା ସେଞ୍ଜୁ । ରଗସି କାଲ କାତା ବେଗାଲି ମାସେ । ର ବାସାରି କାଙ୍ଗା ନେଡା, ଏ ବେଗିତି ବାସାଇ କୁଏରି କାଡକାଙ୍ଗା ଡେଡ଼ି ବେଡ୍ରା ଆଇ ମାସେ । ପାଇଟି ବାହାନା ରସେଜଡ଼ି ସାର୍ଭାକାଲୁ

# ତାକ୍ ଧିନାଧିନ୍

ତାରାବାଡ଼ି ପଟ ରୋଡ଼ରେ ଜାଇମତି ମା' ଆସୁଥିଲା ବାଟରେ କେନାବାବୁଙ୍କୁ ଭେଟିଲେ । କହିଲେ, କ'ଣ ବାପା, ଆଜି ସକାଳୁ ସକାଳୁ ଭିଜି ସାରିଲଣି ? କେନା ବାବା ଦାନ୍ତ ନଥିବା ପାଟିରେ ଛୋଟ ହସଟିଏ ହସି କହିଲେ, ହଁ ମାଆ, ଟିକେ ଭିଜି ଯାଉଛି । ଉପରେ କଳା ମେଘ ନଥିଲା, ବାଆ ବତାସ ବରଷା ଝଡ଼ି କିଛି ଆସିନଥିଲା । କେନାବାବା ସକାଳୁ ଟିକେ ରଂଗୀନ ହୋଇ ଯାଇଥିଲେ । କେନା ବାବା ବେଶି ପିଅନ୍ତି ନାହିଁ । ଯଦି ପିଇଲେ, ଗାଁ ଦାଣ୍ଡ ଦୁଲୁକେଇ ଦିଅନ୍ତି । ଥିବା ନଥିବା ନୂଆ ପୁରୁଣା ଗୀତର ସ୍ୱର ଲମ୍ବେଇ ଦିଅନ୍ତି । ଗାଁ ଦାଣ୍ଡରେ ନାଚି ନାଚି ସମସ୍ତଙ୍କୁ କୌତୁକ କରନ୍ତି ।

କେନା ବାବାଙ୍କୁ ବୟସ କେତେ ମୁଁ ଜାଣିନାହିଁ । ତାଙ୍କ ପାଖରେ ଦାନ୍ତ ଥିଲାକି ନାହିଁ ମୁଁ ଦେଖି ନାହିଁ । ଡାହାଣ ପାଦକୁ ତଳେ ବାଡ଼େଇ ବାଡ଼େଇ ତାକ୍ ଧିନା ଧିନ୍ ତାକ୍ ଧିନା ଧିନ୍ ଶବ୍ଦ ଗାଁ ଦାଣ୍ଡରେ ଶୁଣାଯାଉଛି ମାନେ ମୁଁ ଆଖି ନଖୋଲି କହିପାରିବି, କେନା ବାବା ଅସରାଏ ବର୍ଷା ଭିଜି ସାରିଲେଣି ।

ହୁଏତ ତମେମାନେ ପଚାରିବ - ଏଇ କେନା ବାବା କିଏ ? ଅଛନ୍ତି ନା ଥିଲେ ? ଭଲ ଲୋକ ନା ଖରାପ ଲୋକ ? ଏମିତି ଅନେକ ପ୍ରଶ୍ନ ... ଇତ୍ୟାଦି ଇତ୍ୟାଦି । ଖାଲି ତମେମାନେ ହୁଁ ମାରିଚାଲ, ମୁଁ କଥାଟାକୁ ଆମୂଳଚୂଳ କହିଯିବି ।

କେନା ବାବାଙ୍କ ପିଲାବେଳେ ଗାଁରେ ସ୍କୁଲ ଥିଲା କି ନାହିଁ ମୁଁ କାହାକୁ ବୁଝି ନାହିଁ, ଥିଲେ ବି କ'ଣ ହୁଅନ୍ତା ? ସେଇ ସମୟର ମାଷ୍ଟ୍ରମାନେ ପିଲାଙ୍କୁ ପାଠ ପଢ଼େଇବା ପାଇଁ ସିଲଟ ଖଡ଼ିଠାରୁ ନିର୍ଗୁଣ୍ଡି, ବାଇଗବ ଛାଟ ଅଧିକା ବ୍ୟବହାର କରୁଥିଲେ । ମୋ ଜେଜେବାପା କହିବା କଥା, ମୋ ବାପା ମାଡ଼ ଭୟରେ ଆଉ ସ୍କୁଲ ମାଡ଼ିଲେ ନାହିଁ । ଅନ୍ୟ ସମସ୍ତଙ୍କ ଭଳି କେନା ବାବା ମଧ୍ୟ କୁରାଢ଼ି କୋଦାଳ ଧରି ପାହାଡ଼ ଜଙ୍ଗଲ ସହ ଯୁଝି ବଞ୍ଚିବା ଶିଖିଥିଲେ । ସାରାଦିନ କାନ୍ଦୁଲ ପର୍ବତ, କୁଏରି ଖେତ, କନ୍ଦା ଖୋଳିବା ଆଦିକାମରେ ଯାଉଥିଲା । ସେ କାଳର କଥା ନିଆରା । ଯେଉଁଠାରେ ଏହି ବର୍ଷ କାନ୍ଦୁଲ ଚାଷ ଓ ଆରବର୍ଷକୁ ସେଠାରେ କୁଏରି, ଝୁଡ଼ଙ୍ଗ, ମାଣ୍ଡିଆ ଚାଷ ହେଉଥିଲା । ହାଲିଆ ହୋଇ ରସେଜଡ଼ିର ସଲପ ଗଛ ତଳେ କିଏ

ବାଣ୍ଡାନା ଏମ୍ବାଇ କାଲୁ ଗଟି ତାନି ସ୍କୁଲ୍ ଇସେକାନି କେନା ଆବା କୁରାଢ଼ି ପାସା ତିନି କଞ୍ଚର ଗିଆନା ଟଣ୍ଡିନେଞ୍ଜୁ ।

"ବାମୁଲା ରଗା, କକାନାସୁ ପାଏରି ଆକା,
ଗାଣ୍ଡିମାରା ଗ୍ରପିନାନୁ କଟଡ଼ି ସାପ୍‌କା" ।

କେନା ଆବା ବ୍ରିସା ପଡ଼ି ପୁନା ତାକେ ବେଏ କଞ୍ଚର୍ ଆଃତେକା ନିସାଟେ ନିସାଟେ ଗାଡ଼ି କଞ୍ଚା ଗିତେଞ୍ଜୁ । ସବେରକଲା ଲାଆସାଣ୍ଡକି ସାସେକା ଏଆନି ତାଇ ଗାଡ଼ିଙ୍ଗା କକୁ କ୍ଲାନି ଡ଼ାମ୍‌ନା ବିହାତୁ । ମୀଙ୍ଗେ ମିଛ ନାଙ୍ଗେ ସତ, ପାଟ୍‌କା ଦିପ୍‌କାଙ୍ଗାତେକା ବେଏ କେନା ଆବାତାରି ଗୀରା ଟିଣି ଡେଃଙ୍ଗି ମାସେ ।

ଏ ଡେଲି ତାନି କେନା ଆବା କଡ଼୍‌ଗି ଲାବେଞ୍ଜୁ, ବାତେରେଏ ସିର୍ କରାଙ୍ଗା ମୂତୁର ଆଇମାସୁ, ଆନ୍ଧାରିକୁଟ ପାହେରି ସାତାର୍ ଡ୍ରାଇବାରି ଟାପାଲ୍ ଗାଡ଼ି ନାପ୍‌ତା ତେଞ୍ଜୁ । ଆଲଗୁ କୁଡ଼ିଙ୍ଗା ଟୁଃ ଟୁଃ, ଉଷ କୁଡିଙ୍ଗା ଟୁଃ ଟୁଃ ଡେଲି ବାତେ ଇଞ୍ଜି ବୁଡାଙ୍ଗା କାତା ଆତେରୁ । ଉଦିଗିରି ପୁନି ପୁନି ସରକାଲି ଇଟ୍‌କା ଆବା ଟଣ୍ଡିତୁ । ପୁଞ୍ଚାଙ୍ଗା ପୁଞ୍ଚାଙ୍ଗା କ୍ଲାର୍କ ଅମିନାଙ୍ଗା ମେଷରଟଙ୍ଗା ବାତେରୁ । ଏ ଡେଲିତାନି ଗଞ୍ଜୁକଲା ବଙ୍ଗାଲି, ଉଦିଗିରି କଇଦ ଇଡୁ ନିଙ୍ଗିତେ । ସାସିବାଡିଟି ଟପା ଏଙ୍ଗା ମୁତା ଆହାନା ବାଜାମାସି ଲକୁ ଦୁକାନି ଗିଆନା ସ୍ତିଙ୍ଗା ସମ୍ଭୁ କଡି ତେରୁ ଏଙ୍ଗା ଗାଟି ବ୍ରାପ୍‌ତେରୁ । ପିଜୁଗାଲା ଅଡା ମେରଡ଼ାକା ଡେଃଙ୍ଗି ଇଟା ଇଟ୍‌କା ଡାଡିତୁ । ଏ ଇଟକାନି ଦାରା କବାଙ୍ଗା, ପାଟିଙ୍ଗା ଉରାଙ୍ଗା ଲୂଡ଼ା ଆତୁ । ସାସିଙ୍ଗା ନାସ୍କା ନାସ୍କା ଡାବୁଙ୍ଗା ଆହାନା ତ୍ରେତେରୁ । ବେଗାଲି ଲାବେଙ୍ଗାନ୍‌କେ ଆଡାନା କେନା ଆବାବେଏ ପାଙ୍ଗେଡ଼ାଙ୍ଗା, ଉରାଙ୍ଗା ପାଟିଙ୍ଗା ତାଃତେଞ୍ଜୁ । କକୁ କ୍ଲାଆଡ଼ାଇ ପାଙ୍ଗେଡ଼ାଙ୍ଗା ଡେଃକାନା ଉଦିଗିରିକି ଅତେରୁ । ଏସ୍ତିଲକୁ ବାରି ପାଟି ଉରା ଦାରାକବା ସେଲୁ ଦେରି ମ୍ରାଃକା କାଟ୍‌କି ସେରୁ ଏଆରୁ ବାଜାମାନି ସାସିଙ୍ଗାନି କାଟେ, କୁର୍ସି ଡ଼ାଇ ତାଡ଼ା ବିଡ଼ାତଡୁ ମୀଡ଼ା ଆଙ୍ଗାମିଡା ସେଲୁ ତିନିବାଞ୍ଜୁ ସାଗୁଆଣି, ସିସ ପାଙ୍ଗେଡ଼ାଙ୍ଗା ଅକ୍କା ଜିତେରୁ ।

ରସ ପିଇ ଗଡ଼ି ପଡ଼ିଲା ବେଳକୁ କେନା ବାବା ଟାଙ୍ଗିଆ ଫାଳକୁ ଖଞ୍ଜଣି କରି ଗୀତ ଆରମ୍ଭ କରିଦିଅନ୍ତି ।

ଆସ ମୋର ସଖି ତୋଳିବା ସିଆଳି ପତର
ଦେହକୁ ଲାଗୁଛି ଡର ଦେଖି କଣ୍ଟା ମାଳ ମାଳ

କେନାବାବା ଲେଖି ପଢ଼ି ଶିଖି ନଥିଲେ ହେଁ ଖଞ୍ଜଣି ଧରିଲେ ଠିଆ ଠିଆରେ ମୁହେଁ ମୁହେଁ ଗୀତ ଭଣତି କରିଦେଉଥିଲେ । ସବେରିକଲା ଧାଙ୍ଗିଡ଼ି ଘରକୁ ଗଲେ ସକାଳ କୁକୁଡ଼ା ଡାକିଲା ଯାଏ ତାଙ୍କର ଗୀତ ସରୁନଥିଲା । ତୁମକୁ ମିଛ ହେଲେ ମୋତେ ସତ, ଦାନ୍ତ ନଥିଲେବି କେନାବାବାଙ୍କ ସ୍ୱର ପୁରା ଘଣ୍ଟି ବାଜିଲା ଭଳି ସ୍ପଷ୍ଟ ଆଉ ସୁନ୍ଦର ।

ସେ ବେଳକୁ କେନାବାବା ଗଜା ଟୋକା, ନିଶଦାଢ଼ୀ ଗଜରୁଥିଲା । ଅନ୍ଧାରକୋଟ ବାଟ ଦେଇ ସତାର୍ ଡ୍ରାଇଭର୍ ପ୍ରଥମେ ପାଲଲଗା ବସ୍ ଘାଟି ଉପରକୁ ଚଳେଇ ଆସିଲେ । ବୁଢ଼ାମାନେ କହିଲେ, ଏଥର ମହରଗ କାଳ ଆସିଲା । ଅରୁଆ ଧାନ ରହିବ ନା ଉଷୁନା ଧାନ ଅଣ୍ଟିବ । ଉଦୟଗିରିରେ ନୂଆ କରି ସରକାରୀ ଘରସବୁ ତିଆରି ହେବା ଆରମ୍ଭ ହେଲା । ପଞ୍ଚା ପଞ୍ଚା କିରାଣୀ, ଅମିନ ଆସିଲେ । ସେଇ ସମୟରେ ହିଁ ଗଞ୍ଜୁକଲାର ଡାକବଙ୍ଗଳା, ଉଦୟଗିରିର ଜେଲଖାନା ତିଆରିହେଲା । ତଳ ଅଞ୍ଚଳରୁ ଚାଙ୍ଗୁଡ଼ିଟିଏ, ଢାଲଟିଏ ଧରି ଆସିଥିବା ଛୋଟ ବେପାରୀମାନେ ମାଳ ଅଞ୍ଚଳରୁ ହଳଦୀ ଅଦା କିଣି ଘାଟି ତଳକୁ ଚାଲାଣ କଲେ । ବର୍ଷାଦିନିଆ ଘାସବୁଦା ଭଳି ଛାଏଁଛାଏଁ ଇଟାଘର ସବୁ ଉଠି ଛାଇଗଲା । ଏଇ ଘର ଗୁଡ଼ିକର ଦୁଆରବନ୍ଧ, କଡ଼ି ବରଗା ଦରକାର ହେଲା । ବେପାରୀମାନେ ଅଣ୍ଟିରେ ଟଙ୍କା ଧରି ଗାଁ ଗାଁ ବୁଲିଲେ । କେନାବାବା ବି ଅନ୍ୟମାନଙ୍କ ସହ ମିଶି ଜଙ୍ଗଲରୁ କଡ଼ି, ବରଗା, ପଟା କାଟିଲେ । କୁକୁଡ଼ା ଡାକିବା ଆଗରୁ ପଟା କାନ୍ଧେଇ ଉଦୟଗିରିକୁ ନେଇ ବିକି ଆସୁଥିଲେ । ଯେଉଁମାନେ ପ୍ରଥମେ ଦୁଆରବନ୍ଧ, କଡ଼ି, ବରଗା ପାଇଁ କାଠ କାଟୁଥିଲେ, ସେମାନେ ତଳ ଅଞ୍ଚଳରୁ ଆସିଥିବା ଲୋକଙ୍କ ପାଇଁ ଖଟ, କୁର୍ସି, ତାଙ୍କ ସମ୍ପର୍କୀୟ, ନାତି ନାତୁଣୀଙ୍କ ପାଇଁ ତିନିଆଙ୍ଗୁଳ ମୋଟାର ସାଗୁଆନ୍, ଶିଶୁ ପଟା ବୋହିଲେ ।

ସ୍ରିଂଙ୍ଗ କାତା ସ୍ଲିପା କୁରାଡ଼ାକା ନକିଟି ଗସା ତୁମ୍ବିତେ । ମିଟ୍‌ଲି ବାଡ଼ିଙ୍ଗା ରୁଟୁ ଟାଜାଡ଼ାଇ ଲକୁରି କାଟ୍‌କା ତୁବିଟୁ । କେନା ଆବା ଗାଡ୍ରଙ୍ଗାନି ମେହାନା କେତାଙ୍ଗା ପାହେରି ଆଂଫିସାନି ଦିଆନା ରେଡି ନବା ଗାଡ଼ି ଆତେ । ଗଞ୍ଜୁ ଗବା ଗିପ୍‌ତେଞ୍ଜୁସିନା ବଥା ରାହି ଆତେ । ଲକୁ ଇ ଏସେବାସାରି ଏସେ ଉତେଏ ସାସେ ପୁନ୍‌ମ୍ବା ମୁଆତେରୁ । ଦେରି ସରୁଟା ଇଦେ ବାରି ଡପେ, କାମ୍ବା ଏଙ୍ଗା ପାଡେଲାକା ମାନୁ । ଗସାତାଇ ଦାମା ସ୍ରିଙ୍ଗାଙ୍ଗା ବେଏ ମୁହି ଆଟୁ । କାହେ ଏସ୍ତି ନେତାଙ୍ଗାନି କାଙ୍ଗା, କଣ୍ଡିଆଙ୍ଗା ପ୍ଲାସି ପ୍ଲାସି ଇଞ୍ଜିମାସୁ ଏମ୍ବା ଇଦେ ବାରମାସି ସାପ୍‌କା ତ୍ରାଡ଼ି ଇସୁ । ଏସ୍ତିଦେଆଜାସାକା ଆଗ ଗାଲା ଆର୍‌ପା କୁପ୍‌କା ଆଜାନା ଆକା କବା ସାଜିସୁ । ଇଦେ ଏକଡ଼ି ମାର୍ଗି ମାର୍ଗି ସାଦେକା ବେଏ ଆକା କାପେକା ପାନମ୍ବିସିଡ଼ । ଡାଞ୍ଜୁ ଦିଆ ଟାକେ ଲାବେଙ୍ଗାନାରି ଢୁ ଢୁ କାହା ସିଡେ କି କଞ୍ଚର ପିରଡ଼ି ଡିଇ ସିଡେ । ଉଜେନେ ଇରାତିନି ନେ ସିନା କଲି କାଲି ଇସେରୁ । ଲକୁ ସ୍ରିଙ୍ଗାଙ୍ଗା ପ୍ରାସାନା ଦୁକାନିଡ଼ାଇ ସ୍ରିଙ୍ଗାଗୁଣ୍ଡା କଡିତେରୁ ।

ଏକା ବାଡ୍‌ଇସି ଗିନା ଇସିଙ୍ଗି ? କେନା ଆବା ଟାରି କାତା ଅଟେ ପାଜେଏକା ମାନେ ସାଆ । ବୁଡାବେଲା ଟୁ ଟୁ ସାକାଡ଼ାକା ସେଲୁ କେନା ଆବା ଜାଟିଙ୍ଗା ଡୁମ୍ବିଙ୍ଗା ଦାହାନା ନାଡିସି ଆତେକା ବନମାଲି ହୁଟୁଲ ଟାଙ୍ଗି ଟାପିତେଞ୍ଜୁ । ସ୍ରବି ଟାବ୍‌ଲାଙ୍ଗା ମାଜି ଗିଆ ଜିତେଞ୍ଜୁ ଏଙ୍ଗା ବେହୁ ବେହୁ କୁସାଡ଼ାଇ ଚକୁଳି ଇଡ୍‌ଲିଙ୍ଗା ତିସେଞ୍ଜୁ । ଇଦେଡ ଅଟେ ଲେଙ୍ଗେରିଗୁଟାଟା ସୁଗା ସିଡେ, ଇର୍ପିକାଲୁ ସେଲୁ ଡାବୁ ସିଡେ । ଏମ୍ବେରି ମାରଜି କାଲୁଟାକାଙ୍ଗା ପାଟେକା ଆକା ବଡେକା ବାଣ୍ଡା ପାନମ୍ବିନେଞ୍ଜୁ । ସାକି ଟୁ ଟୁ ବ୍ରିଡି ସିଣ୍ଡାଡ଼ାଇ ଇଞ୍ଜି ସେଞ୍ଜୁ, "ବଡ଼ ମହରଗ ଡେଲି ବାତେ ।''

ଏସି ଗାଲା କାତା ଦିନା ବେଗାଲେ ବେଗାସେ । ଜାଟିଙ୍ଗା ପେଣ୍ଡି ଡେଃକାନା ଛକ ଡିଙ୍ଗି ବାଇସାନି କେନା ଆବା ପାହେରିଆ ଅକ ନାଛୁ ରଇଦ ମିରେନି ପୂଣ୍ଡି ତେଞ୍ଜୁ । ରଇଦ ମିରେଞ୍ଜୁ ମିଲ୍‌ଟେରିଟି ଛୁଟି ବାଜାସେଞ୍ଜୁ । ପ୍ଲାତେଞ୍ଜୁ, "ବୁଡା ଦହାରି, ନେଗିମାଞ୍ଜି ?" କେନା ଆବା କଟେର ଗିଆନା ନିସାନା ଇସେଞ୍ଜୁ "ନେଗାଡ଼େ ମେଃପି ଗ ସିଡ଼େନୁ ।'' ରଇଦ ମିରେଞ୍ଜୁ ରେଡ଼ିଞ୍ଜ ଗୀରା କଅକ୍‌ସାନା ରିକାଡୁ ଡୁଡା

ସ୍ପ୍ରିଂ କାଟାର ମୋଡ଼ା କୁରାଢ଼ୀ ସାମ୍‌ନାରେ ମାଳ ଅଞ୍ଚଳର ଜଙ୍ଗଲ ବି ସରି ସରି ଆସିଲା । ଗେଟିପଥର ରୋଡ଼ରେ ଚାଲି ଚାଲି ଲୋକଙ୍କ ପାଦ ପତଳା ହୋଇଗଲା । କେନାବାବା ଥରେ ଫରେଷ୍ଟ ଗାର୍ଡ଼ମାନଙ୍କୁ ଦେଖି ବିଲ ହୁଡ଼ା ଦେଇ ଚାଲିଲା ବେଳକୁ ହୁଡ଼ାରୁ ଖସିପଡ଼ିଲେ । ସେ ଦିନରୁ ତାଙ୍କର ଅଣ୍ଟା ଜଖମ ହୋଇ ଅଣ୍ଟାବଥା ଧରିଲା । ଯେତେ ଭାଲିଆତେଲ ମଡ଼େଇଲେ ବି ବଥା ରହିଗଲା । ଲୋକମାନେ ବି ସମୟ କେତେବେଳେ ଗଡ଼ିଗଲା, ଜାଣିପାରିଲେ ନାହିଁ । ଜଙ୍ଗଲର ବଣୁଆ ହଳଦୀ ଉଭାନ୍ ହୋଇଗଲା । ବଡ଼ ପର୍ବତରେ ଏବେ ଖାଲି ଶିମୁଳୀ ପାଳଧୂଆ ଅଛି । ଜଙ୍ଗଲର ପଦର ଗୁଡ଼ିକରେ ଯେଉଁଠି ଆଗରେ ଛୋଟଧାନ, କାନ୍ଦୁଲ, ଝୁଡ଼ଙ୍ଗ ଲହଡ଼ି ଭାଙ୍ଗୁଥିଲା, ଏବେ ସେଠାରେ ବାରମାସି କଣ୍ଟା ଭର୍ତ୍ତି ହୋଇଗଲା । ଆଗରୁ ଗାଁର ମାଆ, ଝିଅ, ସ୍ତ୍ରୀଲୋକମାନେ ମିଶି ଖଲିପତ୍ର ତୋଳି ଯାଉଥିଲେ । ଏବେ ଲୁଚିଲୁଚି ଏକୁଟିଆ ଗଲେ ବି ପତର ବିଡ଼ାଏ ମିଳୁନି । ଶାରଦ ଜହ୍ନ ଆଲୁଅରେ ଗାଁଦାଣ୍ଡର ଡୁଡୁ, କବାଡ଼ି ଖେଳ ନାହିଁ କି ଖଞ୍ଜଣି ବଇଁଶୀର ସୋର ଶବ୍ଦ ନାହିଁ । ଲୋକେ ହଳଦୀ ବିକି ଦୋକାନରୁ ହଳଦୀ ଗୁଣ୍ଡ କିଣି ଖାଉଛନ୍ତି ।

କ'ଣ ଆଖି ଲାଗିଗଲା କି ? କେନାବାବାଙ୍କ କଥା ଆଉ ଟିକିଏ ଅଛି । ବୁଢ଼ା କାଳକୁ କେନାବାବା ପେଟ ଚାଖଣ୍ଡ ପାଇଁ ଝାଟି ବିଡ଼ାଏ ଖୋଜି ଆଣି ସକାଳ ହେଲେ ବନମାଳୀ ହୋଟେଲକୁ ଆଣନ୍ତି । କଳା ଡେକ୍‌ଚି ମାଜିଦିଅନ୍ତି ଏବଂ ଗରମ ଗୁଗୁନି ସହିତ ଚକୁଲିଟିଏ, ଇଟିଲିଟିଏ ଖାଆନ୍ତି । ଏବେ ଆଉ ଶୁଖିଲା କାଠ ଉପରୁ ଚୁଆଁ ଝରୁନି କି ମହୁଲି ପାଇଁ ଅଣ୍ଟିରେ ପଇସା ନାହିଁ । କାହିଁ କେତେବେଳେ ଗାଁ ଝିଅଙ୍କର ବାହାଘର ପ୍ରସ୍ତାବ ଆସିଲେ ମଦପାଣି ମୁନ୍ଦାଏ ପିଇବାକୁ ଯାଆନ୍ତି । ଭୋକିଲା ପେଟ ଆଉ ଚିରା ଗାମୁଛା ଭିତରେ କେତେ ମହରଗ ବେଳ ଆସିଲା ସତେ !

ସେଇ ଦିନର ସକାଳଟା ଟିକିଏ ଅଲଗା ପାହିଥିଲା ବୋଧେ । ଫି'ଦିନ ପରି କେନାବାବା ଝାଟି ବିଡ଼ାଏ କାନ୍ଧେଇ ଛକକୁ ଆସୁଥିଲେ । ତଳସାହି ରଇଦ ପୁଅ ତାଙ୍କୁ ଭେଟିଲା । ସେ ମିଲିଟାରିରୁ ଛୁଟିରେ ଆସିଛି । କହିଲା, ଜେଜେବାବା ନମସ୍କାର, ଭଲଅଛ ? କେନାବାବା ଅଣ୍ଟା ବଙ୍କେଇ ଠିଆହୋଇ କହିଲେ, "ଆରେ କିଏରେ, ଟିକେ ପାଖକୁ ଆସ । ଟିକିଏ ଦୃଶ୍ୟ ଭଲ ହେଉନିତ ।'' ରଇଦ ପୁଅ ଧରିଥିବା ରେଡ଼ିଓ ସ୍ୱର ଟିକେ ଧିମା କରି ହସିହସି ଦୁଇପାଦ ପାଖେଇ ଆସିଲା ।

ତେଞ୍ଜୁ । "ଏକା ପୁଞ୍ଜାତି ଗିନାଆ ଆଏ ଡ଼େ ? ଇଦେ ଅଟେ ଗାଣିଙ୍ଗା କାହାଇଞ୍ଜି ଗିନା ଆଏ ?" କାଜୁ ସୂଡ଼ାନା କେନା ଆବା ଇସେଞ୍ଜୁ, "ଏକା ଇନୁ ଗିନାକା, ଇସାତି ଆଡିଡ଼େ, ନେଗିମାସି, ଏସେକା ବାତି, ଏସ୍ତାବାନି ମାଞ୍ଜି ?'' ରଇଦ ମିରେଞ୍ଜ ଇସଲି ପ୍ରଶ୍ନ ତାରା ଉତ୍ତର ସୀବା ଲାହାବେ ଆଜା ଦୁଃନେଞ୍ଜୁ । ଡାକି ମଡି ଡ଼ାଇ କୁଡ଼େଟାକା ତାରା ରଙ୍ଗ ଲୁଟୁ କଡାନା ସିଡେଞ୍ଜୁ । "ଆବା, ଇରା ଆଃମୁ, ନେଞ୍ଜୁ ବିଲୁଡ଼ି ଇକେ ଗାଣି ଏସିଦି, ବେନାସୁ ।''

ପାଙ୍ଗେଡ଼ାକା ପାଇଟି କୂତି ଦିନାଡ଼ାଇ କେନା ଆବା କୁଡ଼େ ଟାକା ଆନା ଦଶୁଟାକା ଲୁଟୁ କାଜୁତା ଆହାଆ ସିତା ତେଞ୍ଜୁ । କୁଗା ଉଜୁ ପାଟି ତେଃଙ୍ଗି ଅଟେ ଏଆନି କାତୁ ରୀନ୍ଦାତେ । ହୁଟୁଲି ନକିଟି ବେସ୍କାପେଣ୍ଡି ଇଗ୍‌ଜେ ସାଡ଼େ ପାଙ୍ଗାନାଜୁ କି କାଲୁ ତିକି ଆଃତେଞ୍ଜୁ ।

ଚଇତ୍ର ମାସ ପୂନି ଇର୍ପି । ପୂନି ଇର୍ପି କାଲୁ ଟ୍ରାଡାଙ୍ଗା ସାଡାଙ୍ଗା ଆଃପାନା ସାଜିନୁ । କେନାଆବା ଏସଲି ଉଟେଞ୍ଜୁ ତାନୁ ପୁନେଞ୍ଜୁ । ଏସିଗାଲା ରୂଟୁ ନାଜୁ ଡାଇ ନେଡିନାଜୁ ଡାମ୍‌ନା ଗୁଲେତାକା କେନା ଆବାତାକା କୁଇ ଗାଣିଙ୍ଗା, ବିଣାକାର ଗାଣିଙ୍ଗା ବେଞ୍ଜାନେରୁ । ଗାଣିଏସାଡ଼ାଇ ଡକା ବାସି ତାକା ଅଟେ ର ଇଡୁ ବାଣ୍ଡି କାତେଞ୍ଜୁ । ରଇଦଇ କାରା ତାନି ରଆଞ୍ଜେ ପିଜୁପୁହା ସେଞ୍ଜୁ ।

ବେଇତି ନାଡିସି ଅଟେ ବିଲୁ ପିଜୁ ସିଡାତେ । ନାଜୁତାକା କାତାଆଇ ସେରୁ, ସାକି ଟୁ ଟୁ ତାକି ପୂନି କାଲୁ ଦିତୁ । ନେଗି ଲକୁ ସମ୍ଭାଲାବା କଷ୍ଟ, କେନା ଆବା ତ ବୂଡା ଗାଟାଞ୍ଜୁ, ମୁହି ଆତେଞ୍ଜୁ । ଅନେନ ନାଜୁ ଡୁଲଙ୍ଗା ବେସି ବେସି ଡଣ୍ଡଙ୍ଗା ସଲ୍‌ବି ନାତେରୁ । କେନାଆବା ତ ଆଜାନି ସେଲୁ ତାପି ସରୁ ଡାଇ କାଲି ମୂଡେଞ୍ଜି ତ୍ରପି ନାତେ ।

❖❖❖

"କ'ଣ ଜେଜେ ଚିହ୍ନିଲଟି ? ଆଜିକାଲି ଗୀତଫିତ ଗାଉଛ ନା ନାହିଁ ମ ?'' ତା'ର ହାତକୁ ଆଉଁସି ଦେଇ କେନାବାବା କହିଲେ, "ଆରେ ଏତେବଡ଼ ହେଲୁଣି, ଭଲ ଥିଲୁଟି ? କେବେ ଆସିଛୁ ? କେଉଁଠି ଅଛୁ ?'' ରଇଦ ପୁଅକୁ ହୁଏତ ଏତେଗୋଟି ପ୍ରଶ୍ନର ଉତ୍ତର ଦେବାକୁ ଅଳସ ଲାଗୁଥିବ । ଛାତି ପକେଟରୁ କୋଡ଼ିଏ ଟଙ୍କିଆ ନାଲି ନୋଟ୍‌ଟିଏ ବାହାର କରି କେନାବାବା ହାତରେ ଧରାଇଦେଲା । କହିଲା, "ଜେଜେ, ଏଇଟା ଧର । ସଞ୍ଜ ବେଳକୁ ଆଜି ଟିକେ ତମେ ଗୀତ ବୋଲିବ, ଶୁଣିବା ।''

ପଟା କାଟିବା ଛାଡ଼ିବା ଦିନଠୁ କେନାବାବା କୋଡ଼ିଏ ଟଙ୍କା କ'ଣ ଦଶଟଙ୍କିଆଟିଏ ବି ହାତ ମୁଠାରେ ପାଇନଥିଲେ । ଏଇ କୋଡ଼ିଏ ଟଙ୍କା ପାଇ ଲାଗିଲା, ଯେମିତି ସେ ନିଧିଟିଏ ପାଇଗଲେ । ତାଙ୍କର ଗୋଡ଼ ତଳେ ଲାଗୁନଥାଏ । ବନମାଳୀ ହୋଟେଲ ଆଗରେ ଝାଟି ବିଡ଼ାଟା ଫୋପାଡ଼ି ଦେଇ ମହୁଲି ପିଇବା ପାଇଁ ପାଙ୍ଗାନାକୁ ଆଡ଼କୁ ମୁହାଁଇଲେ ।

ଚୈତ୍ରମାସ । ନୂଆ ମହୁଲର ମହୁଲି ଜିଭ ଅଗଠୁ ଛାତି କଲିଜାକୁ ଚେଙ୍କ ଦେଉଛି । କେନାବାବା କେତେ ପିଇଲେ, କେତେ ନ ପିଇଲେ ତାଙ୍କୁ ଜଣା । ସେଇ ଦିନ ରୋଡ଼ ସାହିରୁ ଆରମ୍ଭ କରି ଗାଁମୁଣ୍ଡ ତେନ୍ତୁଳି ସାହିଯାଏ ସମସ୍ତେ କେନାବାବାଙ୍କ କୁଇଗୀତ, ବୀଣାକାର ଗୀତ ଶୁଣିଛନ୍ତି । ସତରେ ସେଦିନ କେନାବାବା ମାତ୍ରାଧିକ ପିଇଥିଲେ । ଗୀତ ଗାଇ ତଣ୍ଟି ଶୁଖିଲେ ଆଉ ମୁନ୍ଦାଏ ପିଇ ଦେଉଥିଲେ । ଝାଳବୁହା ଖରାରେ କେନାବାବା ହିଁ ଜଣେ ସେଦିନ ବର୍ଷାରେ ଭିଜିଥିଲେ ।

ତା'ପର ଦିନ ସକାଳେ ବର୍ଷା ପବନ କିଛି ନଥିଲା । ସାହିଲୋକ ଦାଣ୍ଡରେ କଥା ହେଉଥିଲେ, ସହଜେତ କେନାବାବା ବୁଢ଼ାଲୋକ, ଖାଲି ପେଟରେ ନୂଆ ମହୁଲି ପଡ଼ିଗଲା । ଆରେ ମସ୍ତ ଜୁଆନ୍ ଲୋକ ହେଲେବି ସମ୍ଭାଳିବା କଷ୍ଟ । ସବୁଦିନ ପାଇଁ ଆଖି ବୁଜିଦେଲେ ।

ଚୈତ୍ରମାସର ସକାଳକୁ ପ୍ରତିଧ୍ୱନିତ କରି, ଦଣ୍ଡନାଚ ଦଳ ଢୋଲ ବଜେଇ ପାଖ ସାହିକୁ ପ୍ରବେଶ କରୁଥିଲେ । ଢୋଲ ଶବ୍ଦରେ କାନ ଅତଡ଼ା ପଡୁଥିଲା । ହେଲେ କେନାବାବାଙ୍କ ଘରେ ଜେଜେମାଆଙ୍କ ପାଇଁ ତାପି ପର୍ବତ ପଟୁ କଳାମେଘ ମାଡ଼ି ଆସୁଥିଲା ।

❖❖❖

୧. ସଲପ ରସ

# ଟାହିଇ

ଡାକ୍‌ପାଲା ବଙ୍ଗାଲି ପାଙ୍ଗା । କାହେକାଲ ତା ଇ ବାହାତାନି ଗୁରା ସାଇ ବଙ୍ଗାନାରି ବଙ୍ଗାଲି ମାସେ ଇଞ୍ଜି ବୁଡାଙ୍ଗା ବେସ୍କିସେରୁ । କରଡ଼ା ପାହେରି ଘାଟି ନାମ୍ଭାତାକେ ଡାକ୍‌ପାଲା କୁଇ ଦିନା ତାରି ପ୍ରଥମ ନାଜୁ ଦୀନେ । କରଡା ତାକା ସାଇବଙ୍ଗାନି ଡାକ୍ ପାଲା ଟୁକ୍‌ନା ଡେଃକାନା ତାପି ସେରୁ । ବଙ୍ଗାଲି ତାନି ସାଇବଙ୍ଗା ଜାମ୍ଭାଇ ସେରୁ । ଇଆଡ଼ାଇ ଡାକ୍‌ପାଲା ତାକା ଡେଃକାନା ସାଇବଙ୍ଗାନି ଲିଙ୍ଗାଗାଡ଼ା ଇଟା ସାଜିସେରୁ । ସାଇବଙ୍ଗା ତାଡ଼ା ଦିନା ତିଙ୍ଗି ସାସେରୁ । ବଙ୍ଗାଲି ପାଙ୍ଗା ତାରି ବଙ୍ଗାଲି ବ୍ରିଙ୍ଗିତେ । ଗୃସି ଗୃସି ଉହାମାସି ମାହାମ୍ରାଃକା ନେଡେଟି ଇଦେଏ ରଣ୍ଡେ ମଠ ଇଡ୍ଡୁ ଆଜାମାନେ, ଏ ସଡ଼ିଟି ଅଙ୍ଗନାବାଡ଼ି ଆଜାମାନେ ନାଜୁ ମୀଡାଙ୍ଗା ପଡ଼ି ଆପାକାରୁ କୂପାକାରୁ କିରିପାଲା ତିନ୍‌ମ୍ଭାତିକି ବାଇନେରୁ । ଏସି ଗାଲା ନାଜୁତାକା ଆବାରୁ ମଠଇଡ୍ଡୁ ବେଅଟି ପଟିଙ୍ଗା ପାସାନା କକ୍‌ସାସେରୁ । ନକିଟି ମର୍ଦନି, ଗିନିଙ୍ଗାଏଙ୍ଗା ହାରମାନି ମାସେ । ନାଡିସି ନଅଟା ଦଶଟା ଡେଲି । ଆନାରି ଆଇନେ ଇଞ୍ଜାନା ଅଙ୍ଗନାବାଡ଼ି ମୀଡାଙ୍ଗା ପଡ଼ିଆବା କୁଆନା ବେଅଟି ଉଜା ମାସେରୁ । ଦୁବାକିଆ ଭୀମ ଆପକେ ବାଜାସାଞ୍ଜୁ ଆବା କାତା ତୃକ୍‌ଟେଞ୍ଜୁ । "ଆବା ଜହାରି" । କକ୍‌ସାସାକା ଗୁଲେତାକା ଆବାରୁ ଇସେରୁ "ଜହାର୍ ଆବା" ।

ବାଜାସାଞ୍ଜୁ ଇସେଞ୍ଜୁ, "ଆବା ମୀ ନାଜୁ କାତା ଗାମେ ଦିନାଡ଼ାଇ ବେଞ୍ଜା ମାସେ । ନେଞ୍ଜୁ ବାବା ସେଲୁ ପାବି ମେଲି ଆଡେ । ମୀ ମାଦେଏ ଏମ୍ଭାଇ ଗାଣିଙ୍ଗା କେରଣ୍ଡାକା ପୂସେକା ରଣ୍ଡା ଜଡ଼େକା ବେସ୍ତାଦୁ । ଆନୁ ରେକର୍ଡଂ ଗିଇ ।

ରାମ ଆବା ଏ ନାଜୁ ତିଙ୍ଗି ରଆଞ୍ଜୁ ପୁନ୍‌ମ୍ଭା ଗାଟାଞ୍ଜୁ । ରାଇକାଣ୍ଡ ସ୍ତିଙ୍ଗା ରେଟୁଡ଼ାଇ ଆରମ୍ଭ ଗିଆନା ନବୀନ ସରକାର ତାନି ଏମ୍ଭାଇ ଆନି ମନ୍ତ୍ରୀମାନେ ଏଆନି ବାଙ୍ଗସି ଟି ଟି ତାନି ମାନେ । ଏହେଁ ଇଞ୍ଜାନା ଇସେଞ୍ଜୁ "ଆବା, ନେଗି କାତା । ହେଲେ ଆଜିକାଲି ଲକୁ ନେଗି ତାନି ଡ଼ଇ ମୀସା ଗିପି ନେରୁ । ମାଇ ଭିତରେ ଆନାରି ଡ଼ଇତାରିମାନେ ଏରା ଦେରାଡ଼ା ଗିଆନା ତସ୍କିନେରୁ । ଇନୁ ଆନି ସଂସ୍କାଡ଼ାଇ ବାଜାମାଞ୍ଜି ଗିନା ଇସିଙ୍ଗି ଇକେ ତୃପ୍‌କା ବେସ୍ତାତାକେ ନେଗି ଆନେମା ।"

# ଟାକୁଆ

ଡାକପାଲା ଗାଁର ବଙ୍ଗଳା ପଡ଼ିଆ । ଅତୀତରେ ଏଇଠି ଗୋରା ସାହେବମାନଙ୍କ ପାଇଁ ବଙ୍ଗଳାଟିଏ ଥିଲା ବୋଲି ବୁଢ଼ାମାନେ କୁହନ୍ତି । କରଡ଼ା ଘାଟି ପଟେ ଆସିଲେ ଡାକ୍‌ପାଲା ଏପଟ ଅଞ୍ଚଳର ପ୍ରଥମ ଗାଁ । କରଡ଼ାର ଗାଁଲୋକେ ଗୋରା ସାହେବଙ୍କୁ କାନ୍ଧେଇ ଡାକପାଲା ଯାଏଁ ପହୁଞ୍ଚେଇ ଦେଉଥିଲେ । ବଙ୍ଗଳାରେ ସାହେବମାନେ ବିଶ୍ରାମ କରୁଥିଲେ । ଏଠାରୁ ଡାକପାଲା ଗାଁର ଲୋକେ ସାହେବମାନଙ୍କୁ ଲିଙ୍ଗାଗଡ଼ ଯାଏଁ ପହଞ୍ଚେଇ ଦେଉଥିଲେ । ଦେଶ ସ୍ୱାଧିନ ହେଲା । ଗୋରା ସାହେବମାନେ ତାଙ୍କ ଦେଶକୁ ଫେରିଗଲେ । ବଙ୍ଗଳା ପଡ଼ିଆର ବଙ୍ଗଳା ଭାଙ୍ଗି ମାଟିରେ ମିଶିଲା । ଏଯାଏଁ ଖାଲି ସେ ନାଆଁଟା ରହିଯାଇଛି । ଅର୍ଦ୍ଧବୃତ୍ତାକାରରେ ଲାଗିଥିବା ଆମ୍ବଗଛଗୁଡ଼ିକ ତଳେ ବର୍ତ୍ତମାନ ଗୋଟିଏ ମଠ ଘର ହୋଇଛି । ତା'ପାଖରେ ଅଙ୍ଗନବାଡ଼ି କେନ୍ଦ୍ରଟିଏ ବି ଖୋଲିଛି । ପାଠପଢ଼ା ହେଉ କି ନହେଉ ରନ୍ଧା ଖିରି ଓ ଭାତ ଖାଇବା ପାଇଁ ପିଲାଏ ଆସୁଛନ୍ତି । ସେଦିନ ସାହିର ବୟସ୍କ ଲୋକମାନେ ମଠଘର ପଛପଟେ ଚଟେଇ ବିଛାଇ ବସିଥିଲେ । ସାମ୍‌ନାରେ ମୃଦଙ୍ଗ, ଗିନି ଓ ହାରମୋନିୟମ ରଖାଯାଇଥିଲା । କୌତୁହଳ ବଶତଃ ଅଙ୍ଗନବାଡ଼ିର ଛାତ୍ରଛାତ୍ରୀମାନେ ବି ଘେରି ଯାଇଥିଲେ । ଦୁବାକିଆ ଗ୍ରାମର ଭୀମ ବାବୁଙ୍କ ସହ ଆସିଥିବା ଆଗନ୍ତୁକ ଜଣକ ନିଜର ପରିଚୟ ଦେଇ କଥା ଆରମ୍ଭ କଲେ "ବାପାମାନେ ସମସ୍ତଙ୍କୁ ମୋର ଜୁହାର୍" । ବସିଥିବା ସମସ୍ତ ବ୍ୟକ୍ତି ବି ପ୍ରତ୍ୟୁତ୍ତର କହିଲେ, "ଜୁହାର୍" ।

ଆଗନ୍ତୁକ ଜଣକ କହିଲେ, "ଆଜ୍ଞାମାନେ, ଆପଣଙ୍କର ଗାଁ କଥା ବହୁ ଦିନ ଆଗରୁ ଶୁଣିଛି । ଆଜି ଆସିବାର ସୁଯୋଗ ମିଳିଲା । ଆପଣଙ୍କ ମଧ୍ୟରେ କିଏ ଗୀତ କି ଗପଟିଏ କହିପାରିବେ, ମୁଁ ରେକର୍ଡ଼ିଂ କରିବି ।''

ରାମନାଥ ବାବୁ ସେ ଗାଁର ଜଣେ ଗଣ୍ୟମାନ୍ୟ ଲୋକ । ରାଇକିଆ ବଜାରରେ ହଳଦୀ ଦରଠାରୁ ଆରମ୍ଭ କରି ରାଜ୍ୟରେ କେଉଁ ବିଭାଗରେ କିଏ ମନ୍ତ୍ରୀ, ତାଙ୍କର ଜିଭ ଅଗରେ ଅଛି । ଗଳା ସଫାକରି ସେ ଆରମ୍ଭ କଲେ, "ଆଜ୍ଞା, ଭଲ କଥା । ହେଲେ ଆଜିକାଲି ଯୁଗରେ ଲୋକମାନେ ଭଲରେ ଭେଲ ମିଶାଇ ଦେଉଛନ୍ତି । ଆମ ସମାଜରେ ଯାହା ଅଭାବ ଅନାଟନ ବା ମନ୍ଦ କଥା ଅଛି ତାହାକୁ ହିଁ ବଡ଼ କରି ପ୍ରଦର୍ଶନ କରୁଛନ୍ତି । ତମେ କେଉଁ ସଂସ୍ଥାରୁ ଆସିଛ ଆମମାନଙ୍କୁ ଟିକେ ଖୋଲି କହିଲେ ବୁଝିହୁଅନ୍ତା ।"

'ଆବାଙ୍ଗାଣ୍ଡେରୁ', ମାନ୍ଦେ କୁଇ କାତା ଏସେ ବୃସନ୍ ତାରି । ମାଇ କୁଇ କାତାତାନି ଖ, ଧ, ଛ ଡେଃଙ୍ଗି ବେସ୍ମାରି ସିଡେ । କୁଇ କାତା ଖାଲି ପ୍ରୁନାନି ଲକୁ ମୁର୍ଖଲକୁ ତାରି କାତା ଇଞ୍ଜାନା ଏଲୁଗିବା କୃପାକାସୁ । ବେଗାଲି ବେଗାଲି ଭାଷାଙ୍ଗାନି ଡେଃଙ୍ଗି ଇରି ବେଏ ଲକୁ ଜ୍ଞାନ ତାରି ରଣ୍ଡେ ବାଗା । ଆବା ମାନ୍ଦେ ଇରି କୁଇକାତା ଦୀରେ ଦୀରେ ମୁହିଁ ଆବାତିକି ସାଜିମାନେ । ମାଇ ମୀତାଙ୍ଗା ପାଠ ପଢ଼ି ଆଇନେରୁ ଶାସିକାତା ଆଇନେରୁ । ଏଆରି ମୀଡ଼ାଙ୍ଗା ଇଂଗଲିସ୍ ଇସ୍କୁଲିଆ ପଢ଼ିଆଇ ନେରୁ ଏଙ୍ଗା ଇଂଗଲିସ କାତା ଆଇ ନେରୁ । ରଣ୍ଡେ ନୂଡ଼ି କାତା ଆଇନେ, ଆଜୁ କୁଇ ଦିନା ଲକୁ, କୁଇ କାତା ତୁଃ-ନା ଇସେକା କାଲେଂକାଲାଡ଼ାଇ ବାଜାମାନି କୁଇ କାତା, ଏମ୍ବାତାଇ କେରଣ୍ଡାକା, ଗାଣିଙ୍ଗା, ବାକେଡ଼ାକା ଏମ୍ଭେସିକି ମ୍ରାଙ୍ଗିନୁ ।"

ନାଜୁତାକା ଆବାରୁ ଇସେରୁ "ସତ ବା, ଆଗତାରି କାତା ଇଦେଏ ଅଟେ ଏମ୍ଭେ ? ଇଦେ ତ ଅଟେ ଆଜା ଆବା ପଦନେ ସିଡେଏ ।

"ଆବା ଙ୍ଗାଣ୍ଡେରୁ, ଆନୁ ଇ କୁି କାତା ତିନି ଇକେଉସା ଦାଃପି ମାଇ । ଏସେରିବେଲା ନାଟକି ବାତେ କା ଇଃଙ୍ଗି ନାସ୍କା ନାସ୍କା ତ୍ରେଜାନା ଏମ୍ଭେରିବାହାଡ଼ାଇ ଗାଣିରଣ୍ଡା ଏମ୍ଭେରି ବାହାଡ଼ାଇ କେର ରଣ୍ଡା ଉସାଇ ମାଇ । ଇରୁ ଏଲୁଗିଦୁ, ରଆଞ୍ଜୁ ବୁଡା ଗାଟାଞ୍ଜୁ କି ବୁଡାଗାଟାରି ସାଡେକାନି ଏଆଡ଼ିଙ୍ଗେ ଏସେ କାତା ଗୁଲେଦିନା ସେଲୁ ମ୍ରାଙ୍ଗାଇ ମାନେ । ଇ କୁଇ ଦିନା ତାନି ଲକୁ ମାଦେ ଜେଡା ରାହିଆବା ଆଡେକା କୁଇ କାତା ରାହିଆବା ନୂଡ଼େ ଲୁଡ଼ା । କୁଇ କାତା ମାନ୍ଦେ ପରିଚୟ, ଇରି ମ୍ରାଙ୍ଗିତାକେ ନିଜକୁ, କୁଇ ଲକୁ ଇଞ୍ଜାନା ଇସିଂଙ୍ଗିଆନା ବେସ୍ମା ?" ଇ କାତା ଆବାରି ଏଲୁ ତାନି ଦିତେ ଏଙ୍ଗା ଗୁଲେ ଲକୁ ଇରି ନୂଡ଼େକାତା ଇଞ୍ଜି ଗାଟି ଗାସ୍ତେରୁ ।

ଆବା ପୁଟାଲାର୍ନା ବେସ୍ତେଞ୍ଜୁ ନେଞ୍ଜୁ ବାଜାନାଞ୍ଜୁ ଆବା ଏସ୍ତାରା କାତାପଦେକା ବେସ୍ତାତେଞ୍ଜୁ, ଏରା ମାଇ ଏଲୁତା ଇଟା କାସୁ । କୁଇ ଦିନା ତାରି କୁଇ କାତା କାଲେଂକାଲା ରାହି ଆପାକାରି । ଏମ୍ବାଡ଼େ ଗୁଲେତାକା ହାରମାନି, ମର୍ଜନୀ ଗିନିଙ୍ଗା ଡ଼ାଇ ଗାଣି ଏସା ଟଣ୍ଡି ତେରୁ ......

ଇ ଭାରତ ଦିନା ମାନ୍ଦେ ଗାଡ଼ିଆବା ବାହାଡ଼େ
ଇମ୍ବାଡ଼େଃଙ୍ଗି ଏସ୍ତାବାନି ପାନମ୍ବା ଆଏ ରେହାଡ଼େ.....

ଆଗନ୍ତୁକ କହିଲେ, "ଆଞ୍ଜାମାନେ, ଆମର କୁଇ ଭାଷା କେତେ କୋମଳ, କମନୀୟ । ଆମର କୁଇ ଭାଷାରେ ଖ, ଧ, ଛ ଭଳି ଉଚ୍ଚାରଣ ହିଁ ନାହିଁ । କୁଇ ଭାଷାକୁ ଖାଲି ଅପାଠୁଆ ମୁର୍ଖଲୋକଙ୍କ ଭାଷା ଭାବିବା ମୂର୍ଖତା । ଏଇ ଭାଷା ମଧ୍ୟ ମାନବ ଜ୍ଞାନର ଅଂଶଟିଏ । ଆଞ୍ଜା, ଆମର ଏଇ କୁଇ ଭାଷା ଧିରେ ଧିରେ ଲୋପ ପାଇ ଆସୁଛି । ଆମର ପିଲମାନେ ପାଠ ପଢୁଛନ୍ତି । ଓଡ଼ିଆ ଶିଖୁଛନ୍ତି, ଇଂରାଜୀ ସ୍କୁଲରେ ଇଂରାଜୀ ପଢୁଛନ୍ତି, କହୁଛନ୍ତି । ହେଲେ, କୁଇ ଦିନା ବାସୀ ଯଦି କୁଇଁ ଭାଷା ପରିତ୍ୟାଗ କରିବେ ତା'ହେଲେ ଯୁଗ ଯୁଗ ଧରି ଚାଲି ଆସିଥିବା କୁଇ ଭାଷା, ତା'ର ଗୀତ, ଗପ, ଢ଼ଗ ଢ଼ମାଳୀ କାହିଁ କେଉଁଠି ହଜିଯିବ ।"

ଗାଁର ସମସ୍ତେ ଏକଥାରେ ଏକମତ ହେଲେ । "ସତକଥା । ଆଗର ଭାଷା ଏବେ କାହିଁ ? ଧିରେ ଧିରେ ଲାଗୁଛି କୁଇରେ 'ବାପାମାଆ' ଶବ୍ଦବି ବୋଧେ ବି ଲୋପ ପାଇ ଯିବ ।"

"ଆଞ୍ଜାମାନେ, ମୁଁ ଏଇ କୁଇ କଥାରୁ କିଛି ସଂଗ୍ରହ କରିବାକୁ ଚାହୁଁଛି । କେତେବେଳେ ସମୟ ସୁଯୋଗ ପାଇଲେ ଗାଁକୁ ଗାଁ ବୁଲି କାହାଠାରୁ କୁଇ ଗୀତ ଖଣ୍ଡେ, ଗପଟିଏ ସଂଗ୍ରହ କରୁଛି । ଆପଣମାନେ ଭାବି ଦେଖନ୍ତୁ, ଆମର ଜଣେ ବୁଢ଼ା ଲୋକ କିମ୍ବା ବୃଦ୍ଧାଟିଏ ମରିଗଲେ, ତାଙ୍କରି ସାଥିରେ ସେ ଜାଣିଥିବା କେତେକଥା ସବୁଦିନ ପାଇଁ ହଜିଯାଉଛି । ଏହି କୁଇ ଦିନାରେ ଲୋକଙ୍କ ମଧ୍ୟରେ ସ୍ନେହ, ସୁସଂପର୍କ ରହିବା ପାଇଁ କୁଇ ଭାଷା ରହିବା ନିହାତି ଦରକାର । ବାପାମାନେ, କୁଇ ଭାଷା ଆମର ପରିଚୟ ଏହା ହଜିଗଲେ ଆମେ ନିଜକୁ କୁଇ ଲୋକ ବୋଲି କହିବା କେମିତି ?"

କଥାଟା ସମସ୍ତଙ୍କ ମନକୁ ପାଇଲା । ସମସ୍ତେ କଥାର ଗୁରୁତ୍ୱ ବୁଝିଲେ । ରାମନାଥ ବାବୁ ସମସ୍ତଙ୍କୁ ସମ୍ବୋଧନ କରି କହିଲେ, ଆଜି ଆସିଥିବା ଆଞ୍ଜା ଜଣକ ଯେଉଁ କଥା ଆମ ଆଗରେ ଉପସ୍ଥାପନ କଲେ, ଏହା ଆମର ମନରେ ରହୁ । କୁଇ ଦିନାର ଏଇ କଥା ଚିର ଦୀନ ପାଇଁ ରହିଥାଉ ।" ଏହାପରେ ସମସ୍ତେ ମୃଦଙ୍ଗ, ଗିନି ଓ ହାରମୋନିୟମ ନେଇ ଗୀତ ଆରମ୍ଭ କଲେ,

ଈ ଭାରତ ଦିନା ମାନ୍ଦେ ଗାଡ଼ିଆବା ବାହାଡ଼େ,

ଇମ୍ବା ଡେଃଙ୍ଗି ଏସ୍ତାବାନି ପାନମ୍ବାଆଏ ରେହାଡ଼େ ।

ଏସେରେହା ଇଞ୍ଜିନେ ଯେ ମାଇଲକୁ ଇଦେ ନିଜକୁ ବାରି ସବୁବାଟି ତାନୁଇଞ୍ଜି ଏଲୁ ଗିଆଡ଼େ ପୁରା ଭାରତ ଦେଶାତାଞ୍ଜୁ ଉଆଞ୍ଜୁ ଇଞ୍ଜାନା ଏଲୁ ଗିପିନେଞ୍ଜୁ । ଇଆଡ଼େଃଙ୍ଗେ ଉନିସି ତମାଣ୍ଡୋ ତାନି ସାର୍ଭାଗୁଡ଼ା ଆବାରୁ ଉମାତରଣ ଦିଗାଲ ଏଙ୍ଗା ସିଂହାସନ ଦିଗାଲ ଉଣ୍ଡା ଗାଡ଼ି ବେସା ନା ତେଲୁ.....

ଓଡ଼ିଶା ରାଇଜତା ଗାଡ଼ି ଆଜା ମାସେ
ଜିଲା କନ୍ଧମାଲ ଫୁଲବାଣୀ
ଏଣ୍ଡି ଦିନାତାନି ଗାଡ଼ିଆଜା ମାଇ
ଭାରତ ଏରି ହାରାମଣୀ ।

ନାଆଣ୍ଡା ନାଆଣ୍ଡା ତ୍ରେନାରି ବେଏ ମଜା ବେରାଲି । ମାଇ କୁଇ ଦିନାତା ଲକୁ ମାଦେ ଏସେ ଜେତା ମାନେ ଏରା ତ୍ରେଜାନାଞ୍ଜୁ ଆଜା ପୁନେଞ୍ଜୁ । ଇଲକୁ ଏଲୁ ତାନି ଏମ୍ବାଇତ ତାଡ଼ା ଜେତା ରାଜାଲିନି ଏଲୁ ଗିଆନା ଗାଣି ଏଣ୍ଡିନେ ତ ଏମ୍ବାଇ ପେନୁଇ ତାଦାରା ଦୁଃଖ ବେଣ୍ଡିନେଞ୍ଜୁ । ମାଇଲକୁ ତାରି ପ୍ରପତି ଆଜାନା ନାମ୍ବାଲାଇ ଏସେ ଯେ ଜୀବନ ଦର୍ଶନ ମାନେ ।

ଇରି ନାଦେ ମାହା ଇନୁଭତେ ଜାହା
ଜାହିଆତେକାନି ଇନୁ ଆଦି ରାହା
ତେଲି ବାତେକା ତିଞ୍ଜିଇନୁ....
ରଁ ରଁ ନା ଡ଼ିଆଇଆନୁ.......
ଲିରି ମୁରାଙ୍ଗା ତେଃଙ୍ଗି ରଁ ରଁ ନାଙ୍ଗା ଦିଆଇ ଆନୁ ।
ପ୍ରାହୁଣ୍ଡି କରାରି ମାହାଆ ବେରାଚି
କଲି ଯୁଗ ମାହା ଇରି ଆଜିନାରି.....
ରଁ ରଁ ନା ଡ଼ିଆଇ ଆନୁ......
ଲିରି ମୁରାଙ୍ଗା ତେଃଙ୍ଗି, ରଁ ରଁ ନାଙ୍ଗା ଓଆରି ଆନୁ ।

କୁଇଦିନା ତା ଇଞ୍ଜିନାନେ ଇମ୍ବା ଗସାମାଲାତା, ସବୁଜଲିତା ଗୁଲେବାହା ଗାଡ଼ିଗିତା ପୁରି ଆଜାନାମାନେ । ଜେତା ଲେଙ୍ଗି ନାରି କାତା ଆଇନେ ଆକୁ ଏଲୁ ଗିପିନାସୁ କୁଇ ଆଃତେକା ମାଇ ମାଡ଼ାଙ୍ଗା ପାଠ ପୁନେନୁ । ଉଜିରୀ ପାନେନୁ । କାଲିଙ୍ଗାଣ୍ଡ ଟାଡ଼ିଆ ଆବା ସତେକା ଇଞ୍ଜା ତେଞ୍ଜୁ, "ଇନୁ ଇଆ ଆନାରା କୁଇ ପାଠ

(ଏଇ ଭାରତ ଆମର ଜନମଭୂଇଁ,
ଏହାଠାରୁ ବଳି ଖୁସି ଆନ କାହିଁ ନାହିଁ)

କେତେ ଖୁସି ଲାଗୁଛି ଯେ ଆମର ଲୋକାମାନେ ନିଜକୁ କେବଳ ଏଇ ବଣ ଜଙ୍ଗଲ, ପାହାଡ଼ ପଥରର ନଭାବି ନିଜକୁ ଏ ସମଗ୍ର ଭାରତ ବର୍ଷର ଜଣେ ବୋଲି ଭାବୁଛନ୍ତି ।

ଏହିଭଳି ଦିନେ ତମାଣ୍ଡୋଠାରେ ସାର୍ଭାଗୁଡ଼ା ଗାଁରୁ ଆସିଥିବା ଶ୍ରୀ ଉମା ଚରଣ ଦିଗାଳ ଏବଂ ଶ୍ରୀ ସିଂହାସନ ଦିଗାଳ ଗୀତଟିଏ ଶୁଣାଇ ଥିଲେ ।

"ଉଡ଼ିଶା ରାଇଜତା ଗାଡ଼ି ଆଜା ମାସେ,
ଜିଲା କନ୍ଧମାଲ ଫୁଲବାଣୀ,
ଏସ୍ତି ଦିନା ତାନି ଗାଡ଼ିଆଜା ମାଇ,
ଭାରତ ଏରି ହୀରାମଣି ।"

(ଓଡ଼ିଶା ରାଇଜେ ଜନମ ମୋହର
ଜିଲ୍ଲା କନ୍ଧମାଲ ଫୁଲବାଣୀ,
ଯେଉଁ ଦେଶରେ ଜନମିଛି ମୁହିଁ,
ଭାରତ ସେ ଏକ ହୀରା, ମଣି ।)

ଗାଁ ଗାଁ ବୁଲିବାର ମଜା ବି ନିଆରା । କୁଇ ଦିନାର ଲୋକମାନେ କେତେ ସ୍ନେହୀ, ସରଳ ଏକଥା ଗାଁ ଗାଁ ବୁଲି ଥିବା ଲୋକ ହିଁ ବୁଝିବେ । ଏଠାରେ କିଏ ନିଜର ପ୍ରାଣସଙ୍ଗିନୀକୁ ମନେ ପକେଇ ଗୀତ ଗାଉଛି ତ କିଏ ଗୀତରେ ଭଗବାନଙ୍କୁ ତା'ର ଦୁଃଖ ଜଣାଉଛି । ଆମ ଲୋକଙ୍କ ଅପରିଚ୍ଛନ୍ନ ଜୀବନଯାପନ ଭିତରେ ବି ଜୀବନ ଦର୍ଶନ ଅଛି । କୁଇ ଦିନାର ବନଲତା, ପାହାଡ଼ ଖୋଲ, ଯେମିତି ସବୁଠାରେ ସଙ୍ଗୀତ ଭରି ରହିଛି । ଆମେ ଭାବୁଛୁ, କୁଇ କଥା ଧରିଲେ ପିଲାମାନେ ପାଠ ଜାଣିବେ ନାହିଁ, ଚାକିରୀ ପାଇବେ ନାହିଁ । କଳିଙ୍ଗା ଗାଁର ଟାଡ଼ିଆ ଭାଇ ଥରେ କହିଲେ, "ତୁ ଗୋଟାଏ କ'ଣ କୁଇ ଭାଷା ନେଇ ହଲାପଟା କରୁଛୁ ? ଆମ

ଆହାଞ୍ଜି ? ମାଇ ମୀଡ଼ାଙ୍ଗା ଓଡ଼ିଆ ଇଂଗଲିସି ଗ୍ରାମ୍ଭିତାକେ ସିନା ବେଗାଲି ଲକୁରିକେ ସମାଣ୍ଡି ଆନେରୁ ।" ଇଣ୍ଡାତେ ଏଆନି କାତାତା ପୀଗୁମାନେ । କାତା ଆଇନେ, ଆକୁ ଅହେଁ, ମୀତା ତିନି ଇଂଗଲିସ୍ ଗ୍ରାମ୍ନା ଗିନା କୁଇଡ୍ରେ ବାସି ଆନା ? ମାନ୍ଦାରା କାତା ନୀମ୍ଭା ଡ଼ିମ୍ଭା ପୁନାଆ ତାକେ ଏ ମୀତାଙ୍ଗାନ୍‌ଙ୍ଗି ଟିକାଙ୍ଗା ଉହାନାଇ ବୁଡାଆଜାସାକା ଅସୁରେଡ଼ି ସାନିଡେଃଙ୍ଗି ତଞ୍ଜିନୁ । ଶାସି କୁଡ଼ାମୀତାସାକା ନ୍ୟାଟକି କାଲୁ ଭୁଡାରାଅ । ଆକୁ କୁଇଲକୁ ଇସେକା ଲକୁ କାକ୍ତା ନେରୁ । ଡ୍ରେଣ୍ଡ ସିଡାନୀ ମାକାଡ଼ି ଡେଃଙ୍ଗି ଆକୁ ଆନାସୁ । ଗଙ୍ଗାଧର ମେହେର ତାରା କାତା ପଦେକା ଆବା ବୁଡ୍‌ଜା କୁନା ।

ମାତୃଭାଷା ମାତୃଭୂମୀର ମମତା
ଯା ହୃଦେ ଜନମୀ ନାହିଁ
ଏମାନଙ୍କୁ ଯଦି ଜ୍ଞାନୀରେ ଗଣିବେ
ଅଜ୍ଞାନୀ ରହିବେ କାହିଁ ....

ପ୍ଲାଡ଼ି ଲକୁତାକା ଗସାମାଲା ତିନି ଏସେ ପୁଞ୍ଜାସେରୁ ଏଆରି ତାରି ଅସ ପୀଡ଼ ଇଦେ ମାଇବାହା ସିତେ । ଇଦେ ଆକୁ ସକୁ ପ୍ରିବା ଗିନାରା ଅସ କି ତାଡ଼ିକା ମାଙ୍ଗା ଗିନାରା ଆକୁ ପୁନାଆ ସିଡାସୁ । ପ୍ଲାଡି କାତା ତିନି ପର୍ତେ ଗିଆନା ଏକୁଇଟି ବୈଜ୍ଞାନିକ ଗବେଷଣା ଗିନାରି ଡେଲି ଜାଙ୍ଗାମାନେ ।

ନାକୁତାଞ୍ଜୁ ରଆଞ୍ଜୁ ଆଜା ଆବାଇ ତାପେକି ଆର୍‌ସା ସେଞ୍ଜୁ । ଏ ଆନିଇସେଞ୍ଜୁ, ଇନୁ ଋକିରି ବାକିରି ଗିପଞ୍ଜି, ଆନାଡ଼ି କି ଇ କୁଇ କାତା ତିନି ଆହାନା ବାଇ ଆଇମାଞ୍ଜି ? କୁଇ କାତା ତ ମୁହିଁ ଆଇମାନେ, ଇରା ଏମ୍ଭାଇ ବେଏ ଅଟେ ନୀପା ମୁଏ, ନେଞ୍ଜୁ ଆ ଆ ତାକେ ଅଟେ ଏସେ ବାସାରି କାତା ।" ଆବା ତାଲେଡ଼ି ତାନି ମାହା କ୍ରାପ୍‌କାଇ ସେଞ୍ଜୁ । ଇଞ୍ଜାତେଞ୍ଜୁ, "ମେଃମୁ, ଇରିମାହା ଏସେ ସେନାରି । ତିସାସୁ, ବିହିତେ । ମାହା ସେଲୁ ଅଟେ ଡ଼ିତେକା ଆନାଆନେ ? ଏଆଞ୍ଜୁ କାକୁତା ଆହାସାରା ଟାହି ରାହାତିକି ଡୁଃତେଞ୍ଜୁ । ମାହା ବାସ୍ନାଡ଼ାଇ ବାଜାସାରି କଡି ଟାହିତିନି ମେରଡ଼ି ଗିବା ଟଣ୍ଡିତେ ଏଙ୍ଗା ସୂପିତେ । ବାଜାସାଞ୍ଜୁ ଆବା ଦୀରେ କାଟେ ଡ଼ାଇ ନିଙ୍ଗାନା ଅଡ଼େକି ବାତେଞ୍ଜୁ । କଡି ସୂପାସାରା ଟାହି କଡାନା ରୁମାଲତାନି ତହାନା ଇଟିତେ । ଆବା ଆମ୍ଭୁଂ ଆଜାନା ମେହା ମାସେଞ୍ଜୁ । ବାଜା ସାଞ୍ଜୁ ଆବା ଇସେଞ୍ଜୁ, "ଆବା, ଇନୁ ଇଞ୍ଜିନାତିନା ମାହା ତିସାସୁ ବିହିତ, ଟାହିବେଏ କଡି ମେରଡ଼ି

ପିଲାମାନେ ଓଡ଼ିଆ, ଇଂରାଜୀ ଶିଖିଲେ ସିନା ଅନ୍ୟମାନଙ୍କ ସହ ସମତୁଲ ହେବେ ।" ଲାଗିଲା, ତାଙ୍କ ଯୁକ୍ତିରେ କିଛିଟା ଓଜନ ଅଛି । କଥା ହେଉଛି, ଆମେ ଛୋଟ ପିଲାଙ୍କୁ କୁଇରେ ଗେଲ କରିବା ନା ଇଂରାଜୀ ଶିଖାଇବା ? ଏଇଆ କରିତ ଇଂରାଜୀ ଆମ ମାନଙ୍କ ପାଇଁ ଗୋଟିଏ ଭାଷା ନ ହୋଇ ଏକ ଜୀବନ ଶୈଳୀ ହୋଇ ଯାଇଛି । ଆମର ଜୀବନ ଶୈଳୀ, ସଂସ୍କୃତି ସହ ପରିଚିତ ନ ହେଲେ ଆମର ଚିତା କୁଟେଇଥିବା ମାଆ, ଜେଜେମାମାନେ ପିଲାମାନଙ୍କୁ ଅସୁରୁଣୀ ପରି ଦେଖାଯିବେ । ଅନ୍ୟ ଭାଷା ଓ ସଂସ୍କୃତିର ବୋହୂମାନେ ଗାଁ ମାଟି ମାଡ଼ିବେ ନାହିଁ । ଏମିତିରେ ନିଜକୁ କୁଇଲୋକ କହିଲେ ଲୋକହସା ହେବା । ଭାଇମାନେ, ଗଙ୍ଗାଧର ମେହେରଙ୍କ କଥା ପଦକ ଭୂଲି ଯାଅନା :

ମାତୃଭାଷା ମାତୃଭୂମିର ମମତା
ଯା ହୃଦେ ଜନମି ନାହିଁ,
ଏମାନଙ୍କୁ ଯଦି ଜ୍ଞାନୀରେ ଗଣିବା
ଅଜ୍ଞାନୀ ରହିବେ କାହିଁ ?

ପୁରୁଣା ଲୋକମାନେ ବଣଜଙ୍ଗଲକୁ ଯେତିକି ଚିହ୍ନିଥିଲେ ଯେତେ ଔଷଧି ଜାଣିଥିଲେ, ଏବେ ସେଇଟା ଆମ ପାଖରେ କାହିଁ ? ଆମେ କେଉଁଟା ବଥ ପାଚିବା କି କଦଳୀ ପଚେଇବା ପତ୍ର ଜାଣି ନାହାନ୍ତି । ପୁରୁଣା କଥାକୁ ଭରସା ରଖି ତାହାରି ଉପରେ ବୈଜ୍ଞାନିକ ଗବେଷଣା କରିବାର ସମୟ ଆସିଛି ।

ଏକଦା ଜଣେ ଭଦ୍ରବ୍ୟକ୍ତି ସେହି ଆଗନ୍ତୁକଙ୍କୁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ । ଆଲୋଚନା ପ୍ରସଙ୍ଗରେ କହିଲେ, "ତୁମେ ତ ଚାକିରି ବାକିରି କରୁଛ, କାହିଁକି ଏ କୁଇ ଭାଷା ନେଇ ଏତେ ବାଇଆ ହେଉଛ ? କୁଇ କଥା ତ ମୃତ ପ୍ରାୟ । ଅନ୍ୟ ଭାଷାମାନଙ୍କ ଭଳି ଏହା ମଧ୍ୟ ଅଚୀରେ ବିଲୁପ୍ତ ହେବ । ଅତିବେଶୀରେ ଆଉ କିଛି ବର୍ଷର କଥା ।'' ଭଦ୍ରବ୍ୟକ୍ତି ଜଣକ ଗୋଟିଏ ଥାଳିଆରେ ଆମ୍ବ କାଟୁଥିଲେ । କହିଲେ, ଦେଖ, ଏଇ ଆମ୍ବଟା ଭାରି ସୁଆଦିଆ । ଆମେ ଖାଇ ଦେଲେ, ସରିଗଲା । ଏଇ ଆମ୍ବ ପାଇଁ କାନ୍ଦିଲେ ତ ଫେରି ଆସିବ ନାହିଁ ।" ଏହା କହି ହାତରେ ଧରିଥିବା ଟାକୁଆକୁ ଦାଣ୍ଡକୁ ଫୋପାଡ଼ି ଦେଲେ । ଆମ୍ବ ବାସ୍ନାରେ ଦୁଆର ପାଖକୁ ଆସିଥିବା

ଗିତେ । ଆନୁ ଇଞ୍ଜି ମାଞ୍ଜାଇ ମାହା ବିହାସିଡେ । ଏଲୁ ଗିମୁ ଇ ଟାହିଇତିନି ଉହିତାକେ ଇଆଡ଼େ ରଣ୍ଡେ ମାହା ଆଏ, ମାହା ମାହାଣ୍ଡୁ ନିଙ୍ଗିନେ । ଏସେଦିନା ଆଃନେ ସତ, ହେଲେ ମ୍ରାହ୍ଣୁ ଡେଗାଙ୍ଗା ଗାଡ଼ି ମାହା ଆଗିନେ । ମାହା ଇଗାରି ବିହିତାକେ ଆନା ଆତେ ଟାହିଇମାନେ । ଏଙ୍ଗା ଆନୁ ଉହାତିଙ୍ଗି ଟାହିକା ଦାଃପିମାଇ ।

❖❖❖

ବୁଲା ଗାଈଟିଏ ଟାକୁଆଟାକୁ ପାକୁଳି କଲା ଏବଂ କିଛି ସମୟ ପରେ ଟାକୁଆଟାକୁ ଥୁମ୍ପିଦେଲା । ଆଗନ୍ତୁକ ତାଙ୍କର ବସିବା ସ୍ଥାନରୁ ଉଠି ଦାଣ୍ଡକୁ ଆସିଲେ । ଗାଈ ପାଟିରୁ ଖସିଥିବା ଟାକୁଆକୁ ଆଣି ନିଜ ରୁମାଲ୍‌ରେ ସାଇତି ବାନ୍ଧିଲେ । ଭଦ୍ରବ୍ୟକ୍ତି ଜଣକ ଅବାକ୍ ହୋଇ ଅନେଇ ଥାଆନ୍ତି । ଆଗନ୍ତୁକ କହିଲେ, ଆଜ୍ଞା, ଆପଣ କହୁଥିଲେ ନା, ଆମ୍ବ ଖାଇଦେଲେ ମାନେ ଆମ୍ବ ସରିଗଲା । ଟାକୁଆଟାକୁ ବି ଗାଈ ପାକୁଳି କରି ଦେଲା । ମୁଁ କହୁଛି, ଆମ୍ବ ସରିନାହିଁ । ଭାବି ଦେଖନ୍ତୁ, ଏଇ ଟାକୁଆଟାକୁ ରୋଇଲେ ଏଇଟା ଗୋଟିଏ ଆମ୍ବ ନୁହେଁ, ଆମ୍ବ ଗଛ ହେବ । କିଛି ଦିନ ସମୟ ଲାଗିପାରେ ସତ, ହେଲେ ଆମ୍ବଗଛର ଡାଳେ ଡାଳେ ଆମ୍ବ ଫଳିବ । ଏଇ ବର୍ଷର ଆମ୍ବରତୁ ସରିଲେ କ'ଣ ହେଲା, ଟାକୁଆଟାତ ଅଛି । ମୁଁ ଏମିତି ସୁଆଦିଆ ଆମ୍ବ ରୋଇବା ପାଇଁ ଟାକୁଆ ଖୋଜୁଛି ।

❖❖❖

# ମନ୍ତ୍ରୀ ବାଇନେଞ୍ଜୁ

ନେଞ୍ଜୁ ନାଡ଼ିସିଡ଼ାଇନେ ଶ୍ରୀରାମ ମାମାଇ ଅଟେ ତର ସିଡେଏ । ଛକ ତାନି ରୁଟୁମାଦେ ଆପ୍‌କାନି ଗାଡ଼ାଙ୍ଗାନି ମିଟ୍‌ଲିଙ୍ଗା କିଆନା ବିରା ପ୍ଲାପ୍‌କି ନେଞ୍ଜୁ । ଶ୍ରୀରାମ ମାମା ମାଏଲ୍ କୁଲି । ମେହ୍‌ତେକା ସମଦମ ତାଞ୍ଜୁ । ଡଲା ଡଲା ଟୁ ଟୁ ନେଡେଟି ଟାଟାନାରି ଧୁତି ଗାମଛା ଡେଃଙ୍ଗି ତସ୍କିନେ । କାରା ଉର୍‌ପାଡ଼ାଇ ଗାରଙ୍ଗା ଗାରାଙ୍ଗା ବାନିଆନି ଗାଣ୍ଡିତାନିନେ ଟାଁଇଙ୍ଗାନେ । ରଟୁ କେରି କେରି ପିଙ୍ଗା ଗାନ୍ଦାଡ଼ାଇ ମୁଙ୍ଗେଲି ପଟୁ ଇଙ୍ଗିନେ । ଅବେରସର ସାଇବ ବେସାନା ସାଜାନେଞ୍ଜୁ – ମନ୍ତ୍ରୀ ବାଇନେଞ୍ଜୁ, ଏଆଡ଼ିକି ପାହେରି ରଅସ୍ଥା ଦୀନେ । ପିଙ୍ଗା ପିତ୍‌କାନାକାରିଇ ବୀଡି ବୀଡି ପଦ୍ମଶ୍ରୀ ଗୁଡ଼ାଖ ସୁଡେକା ମୂକାନା ମାମା ଲାଗି ପଡ଼ି ଆଜାନେଞ୍ଜୁ ।

ଆନାକାଡ଼େ ଇ ମନ୍ତ୍ରୀଇ ବେଏ ଇଦେନେ ଆକା ବାବା ମାସେ । ଗ୍ଧରି ମାସ ଆତେ ଏଲାଟ୍ ମେଣ୍ଟ ବାଆସିତେ, ଦୂକାନିତାନି ବାକି ଯାତେକା ବାକି ମେଲିଆବା କଷ୍ଟ । ବାରି ମନ୍ତ୍ରୀ ଗିନା ବାନେଞ୍ଜୁ – ଏଆନିକେ କଲକଟ୍ର, ମେଷରଟ ପୁଲିସାଙ୍ଗା, ଏସେ ଚେଲା ଚ୍ଛମଣ୍ଡା ବାନେରୁ । ଜିନ୍ଦାବାଦ, ଜିନ୍ଦାବାଦ ଗୀରା ଡ଼େଏ ମନ୍ତ୍ରୀ କିରୁତା ଅଟେ ଆନାରି ଦୀନେ ? ରୂଟୁ ଗାତା ତାନି ବିରା ପ୍ଲାକ୍‌ନି ଡେଃଙ୍ଗି ମାଷ୍ଟ୍ରଙ୍କ ଗୁଲେତାକା ଇସ୍କୁଲକି ବାନେରୁ । ଅଙ୍ଗନାବାଡ଼ି ତାନି ଡାଲି ପାଲା ବ୍ରେଡ୍ ଇନେ । ଏମ୍ଭାଇ ପୁଙ୍ଗାନେ ପହାଗୁରୁ ଇଡୁ ସଲ୍‌ଗାନି ଡେଃଙ୍ଗି ମନ୍ତ୍ରୀ ମିସା ସଲ୍‌ଗାନେଞ୍ଜୁ । ଫୁଟ କୁଁପା ଗାଟା କା ତ ନକିଟି ବେଅଟି ପୂକି ବିହାଙ୍ଗା ତେଃଙ୍ଗି ଉସ୍ପି ଦୂଃନେରୁ । ଗରିବ କଥା ବୁଟୁଛି କିଏ ? ସେଃ, ଇଙ୍ଗାନା ଶ୍ରୀରାମ ମାମା ସିଉରି ଡେସ୍‌ତେଞ୍ଜୁ ।

ଆମୁ ମୀତା ବେଲାଡ଼େ ମେହା ନାମୁ, ମାଇବିଙ୍ଗାକି ଏସେଥର ସିକି ମନ୍ତ୍ରୀଙ୍ଗା, ଗବର୍ଣ୍ଣରଙ୍ଗା ବାଜା ନେରୁ । କାହେଏ ଏସେରି ବେଲା ଡିଏଭି ଟ୍ରେଂନି ସ୍କୁଲ ଗ୍ଧଲି ଆଇସେ ଏମ୍ଭାଙ୍ଗି ବାସାରି ଗାଡ଼ି ମନ୍ତ୍ରୀ, ଗବର୍ଣ୍ଣର ନହେଲେ କଲେକ୍ଟର ବାଇ ସେଞ୍ଜୁ । ଷ୍ଟେଜ୍ ତାନିଇ ଲାଇଟାକା ଝିଲିମିଲି ଆଇସୁ, ମିଟିଂ ଆଇସେ ଏଙ୍ଗା ଟ୍ରେଂନି ସ୍କୁଲ ମାଷ୍ଟ୍ରଙ୍ଗା ଗ୍ରାମ୍ଭାନାରି ଏନ୍ଦା ଆଇ ମାସେ । ଏସେକା ଏସେକା ବାଇସ୍କୋପ ବେଏ ଆଇମାସେ । ମନ୍ତ୍ରୀ ବାଇସେଞ୍ଜୁ, ଏ ବାସାରି ତାକା ମାଷ୍ଟ୍ରଙ୍ଗା ପାଶ ଆଜାନା ସାଜି ସେରୁ । ଅଟେ ପୂନାକା ବାଇସେରୁ ।

# ମନ୍ତ୍ରୀ ଆସୁଛନ୍ତି

ଆଜି ସକାଳୁ ଶ୍ରୀରାମ ମାମୁଁଙ୍କୁ ଆଉ ତର ନାହିଁ । ଛକ ରାସ୍ତାରେ ହୋଇଥିବା ଖାଲଗୁଡ଼ିକରେ ମେଟାଲ ପଥର ପକାଇ ତା' ଉପରେ ମାଟି ଢାଳୁଛନ୍ତି । ଶ୍ରୀରାମମାମୁଁ ହେଲେ ଜଣେ ମାଏଲ୍ କୁଲି । ଦେଖିବାକୁ ବଳିଷ୍ଠ ଚେହେରା । ଥନ୍ତଲ ପେଟ ତଳେ ପିନ୍ଧିଥିବା ଧୋତିଟା ଗାମୁଛା ପରି ଦେଖାଯାଉଛି । ଝାଳ ଫୁଟି କଣା କଣା ବାନିଆନ୍‌ଟା ଦେହରେ ଲାଖି ଯାଇଛି । ରୋଡ଼୍ ଦୁଇ ପଟେ ଗୁହ ଗନ୍ଧରେ ନାକ ଫାଟି ଯାଉଛି । ଓଭର ସିଅର ସାହେବ୍ କହି ଯାଇଛନ୍ତି, ମନ୍ତ୍ରୀ ଆସୁଛନ୍ତି । ଏଥିପାଇଁ ରାସ୍ତା ମରାମତି କରି ସମତଳ କରିବାକୁ ହେବ । ବାଟ ହଗୁରାମାନଙ୍କ ଚଉଦ ପୁରୁଷ ଓଝାଳି ପାଟିରେ କଳେ ପଦ୍ମଶ୍ରୀ ଗୁଡ଼ାଖୁ ଜାକି କାମରେ ଲାଗିପଡ଼ିଛନ୍ତି ।

କ'ଣ ଏଇ ମନ୍ତ୍ରୀଙ୍କୁ ଏବେ ହିଁ ଆସିବାର ଥିଲା ? ଚାରିମାସ ହେଲା ଆଲଟ୍‌ମେଣ୍ଟ ଆସିନାହିଁ । ଦୋକାନରେ ବାକି ମିଳିବା କଷ୍ଟକର ହେଲାଣି ଖାଲି କ'ଣ ମନ୍ତ୍ରୀ ଆସିବେ – ତାଙ୍କ ସହ କଲେକ୍ଟର, ମାଜିଷ୍ଟ୍ରେଟ, ଦଳ ଦଳ ପୋଲିସ୍, ଚାମଚା, ବେଲଚା ଚେଲା ଚାମୁଣ୍ଡା, ଏପରି ଅନେକ ଓଗେର ଓଗେର । ଜିନ୍ଦାବାଦ, ଜିନ୍ଦାବାଦର ଅତଡ଼ା ଶବ୍ଦ ମଧ୍ୟରେ ମନ୍ତ୍ରୀଙ୍କ କାନରେ କ'ଣ ଆଉ କିଛି ପଡ଼ିବ ? ରାସ୍ତାର ଗାତ ଗୁଡ଼ିକରେ ମାଟି ଦେଲା ଭଳି ମନ୍ତ୍ରୀ ଆସିଲେ ସ୍କୁଲକୁ ମାଷ୍ଟ୍ରମାନେ ଆସିବେ, ଅଙ୍ଗନବାଡ଼ିରେ ଡାଲିଟା ଆପେ ବହଳିଆ ହୋଇଯିବ । କିଏ ଜାଣେ ଦାଣ୍ଡପୂଜା ବେଳେ ଜାନୀ ପ୍ରତିଘର ବୁଲିଲା ଭଳି ମନ୍ତ୍ରୀ ମଧ୍ୟ ହୋଇ ପରେ କାହା ଘରେ ପଶିଯିବେ । ଫଟୋ ଉଠା ଲୋକେ ତ ଆଗ ପଛରେ ମହୁମାଛି ପରି ଘେରି ରହିବେ । ଗରିବ କଥା ବୁଝୁଛି କିଏ ? ଓଃ, କହି ଶ୍ରୀରାମ ମାମୁଁ ଗାଣ୍ଠୁଆ ଉଠାଇଲେ ।

ଆମେ ପିଲାବେଳୁ ଦେଖିଛୁ, ଆମ ଗାଁକୁ ବହୁଥର ମନ୍ତ୍ରୀ, ଗଭର୍ଣ୍ଣର ଆସିଛନ୍ତି । ଆଗେ ଯେତେବେଳେ ଡି.ଏ.ଭି. ଟ୍ରେନିଙ୍ଗ୍ ସ୍କୁଲ ଚାଲିଥିଲା, ସେଠାକୁ ପ୍ରତିବର୍ଷ ମନ୍ତ୍ରୀ, ଗଭର୍ଣ୍ଣର ନହେଲେ କଲେକ୍ଟର ଆସୁଥିଲେ । ମଞ୍ଚ ଉପରେ ରଙ୍ଗ ବିରଙ୍ଗ ଆଲୁଅ ଜକମକ ହେଉଥିଲା । ସଭା ଓ ସଭା ପରେ ଟ୍ରେନିଙ୍ଗ ସ୍କୁଲର ଶିକ୍ଷକମାନେ ଶିଖିଥିବା ନାଟକ ମଞ୍ଚସ୍ଥ ହେଉଥିଲା । କେବେ କେବେ ବାଇସ୍କୋପ ଦେଖା ହେଉଥିଲା । ମନ୍ତ୍ରୀ ଆସୁଥିଲେ, ସେ ବର୍ଷର ଶିକ୍ଷକମାନେ ପାଶ୍ ହୋଇ ଯାଉଥିଲେ ଏବଂ ପରେ ସେମାନଙ୍କ ସ୍ଥାନରେ ନୂଆ ଶିକ୍ଷକମାନେ ଆସୁଥିଲେ ।

ଏସେ ବାସାରି କାତା । ଏଡେଲି ତାନି ମହିଳା ସଂଘ, ଯୁବକ ସଂଘ ଲକୁ ପଡ଼ାଟି ପଡ଼ାଟି ଇଞ୍ଜିସେରୁ । ଉଦିଗିରି ରଣ୍ଡେ ଦେରି ସଂଘ ମିଟିଂମାନେ ଇଞ୍ଜାନା ରଆଞ୍ଜୁ ଦେରି ମନ୍ତ୍ରୀ ବାଜା ସେଞ୍ଜୁ । ସଭାତାନି କାଣ୍ଟୁଲି ପ୍ରାଂଙ୍ଗା କିରାସିନି ଡ଼ାଇ ଟଣ୍ଡାନା ସରୁବାଡି ସାର୍ତ୍ତାପ୍ରାଃକା ଇର୍ପି ମ୍ରାହ୍‌କା ଡ଼ାମ୍‌ନା କାତା ଦିତେ । କାଲୁ ଉନ୍‌ଜାନା ମ୍ଲେହାଙ୍ଗା ଲାବେଙ୍ଗା ବୁଡ଼ାଙ୍ଗା ବେଣ୍ଡ୍ର ଆଇନେରୁ । କାଲୁ ବାଜିନି ଉଡ୍ଡୁ ଉଜାଡ଼ି ଆଇନେ ବେଗାଲ ଇଟକା ଆନ୍ଦାରି ଆଇନୁ । ଇକାତା ତାନି ତ ସତମାନେ । ଗସା ବିହାଇମାନେ, ପ୍ରାଃକା ଉହାଦୁଇଞ୍ଜି ମନ୍ତ୍ରୀ ବେସ୍ତାବାନି ଯୁବକ ସଂଘ ନାରୀ ସଂଘ ଲକୁ କୁରାଡ଼ାକା ସ୍ଥାତେରୁ । ସାର୍ତ୍ତା ମ୍ରଃକା ଇର୍ପି ପ୍ରାଃକା ନାହିକା ଗିତେରୁ । ବେହୁବାରୁ ନକିଟି ଏମ୍ବାଇ ନିସିନେ ? ଲକୁ କାଲୁ ବାଜା ସିନା ମନା ହେଲେ ଇର୍ପି ସୃଣ୍ଡି କି ଗାରା ନିଜୁ ଗିନା ପିତା ଆଇସେ ? କାହେ ଲକୁ ସିନା ଗାରାନିଜୁ ଡ଼ାଇ ସେଁ ଇସ୍ତେରୁ କି ନେରକି ତେରୁ । ଇଦେ ତ ଦୁକାନି ଗାଡ଼ି ବାସ୍‌ଣା ନିଜୁ କାଞ୍ଚଙ୍ଗା ମେଲି ଆଇନୁ । ସତକୁ ସତ ଏସେଦିନା କାଲୁ ବାଜା ବନ୍ଦ ଆପ୍‌କିତେ । ଏମ୍ବାଡ଼ାଇ ଲକୁ ତାକା ଚତୁର ବୁଦ୍ଧି ଦାଃତେରୁ । ସାର୍ତ୍ତା କାଲୁ ଇର୍‌ପିକାଲୁ ବନ୍ଦ ଗିଆନା ଶାସି କାଲୁ ଇସେକା ଆସ୍କା ପାଉଚ, ରମ୍, ବିଅର ଦାଃତେରୁ । ବାସ୍ନା ନିଜୁ ବଣ ବଣ ଇନିଡେଃଙ୍ଗି ଲକୁ ଏନେକି ଆଃତେରୁ । ଏକା, ଆନାଇବା ଉନ୍‌ମ୍ବିଞ୍ଜେରୁ ଇସେକା - ଆଏଡ଼େ ଇବି ଫଳରସ ଗଅ ଇସେରୁ । ବେସାନା ପ୍ରାପା ଗାଟାକା ବେ ସତ, କଡ଼ାନା ଉବମ୍ବା ଗାଟାକା ରୀମିରୁ ଯେହେଏ ସତ ।

ଏସେ ଲକୁ ଲାବେଙ୍ଗା ଛକତାନି ଉଜାନା କାତା ଆଇସେରୁ । ଏମ୍ବାଇ ଇଞ୍ଜିସେ ମନ୍ତ୍ରୀଇ କ୍ରିକେଟ ବ୍ୟାଟ୍ ବଲ କଡା ଗିନା ତ ଏମ୍ବାଇ ଭଲିବଲ ଯାନାରା ବେସ୍କି ସେଞ୍ଜୁ । ଅଟେ ଇକେ ଯେହେ ବୁଦ୍ଧିଗାଟାଞ୍ଜୁ ଇଞ୍ଜିସେଞ୍ଜୁ, ଆରେ ଭାଇ, ମନ୍ତ୍ରୀ ଜିନିଷ କୁ-ଅନା ଡାବୁଙ୍ଗା ଯାନାସୁ । ମାଇ ମନଡ଼େ ମାଇ ମେହାନା ସୂଡ଼ାନା ଜିନିଷ ତାକା ନାସୁ । ଶ୍ରୀରାମ ମାମା ଇକେ କାନୁ ଡେସାନା ମେଃତେଞ୍ଜୁ । ଏ ଲାବେଙ୍ଗା ପୁଞ୍ଜାମାଦେ ଗାମେ କାତା ବେସ୍କିସେଞ୍ଜୁ, ଏଆଞ୍ଜୁ ସାସିଥର ମେଟ୍ରିକ ଫେଲ୍ ଆଜାନେଞ୍ଜୁ । ଏ ଆନିତାରି ତାଡ଼ା ପାଠ ବିଞ୍ଜାକି ଏଲୁ ସିଡେ । ଅଟେ ଗ୍ରୁସାନା ମାସାକା ବେଏ ଏମ୍ବାଇ ଏମ୍ବେରିକି ଉପା ଆଏ । ଇଆରୁ କେତା ତିଙ୍ଗି ସେରୁ ଅନେରୁ ଗିନା କୁରାଡ଼ି ଆହାନା ବେସ୍କା ପେଣ୍ଡେକା ତାକାନେରୁ । ଟାଡି ତାଞ୍ଜି ଗସାକୁଡା

ଏଇ ଗତ କେତୋଟି ବର୍ଷ କଥା । ସେଇ ସମୟରେ ନାରୀ ସଂଘ, ଯୁବକ ସଂଘ ଲୋକ ମାତି ଯାଇଥିଲେ । ଉଦୟଗିରିରେ ଗୋଟିଏ ସଂଘର ବଡ଼ ସଭାରେ ଜଣେ ବଡ଼ ମନ୍ତ୍ରୀ ଆସିଥିଲେ । ସଭାରେ କଣ୍ଟ୍ରୋଲ ଚାଉଳ, କିରୋସିନି ଠାରୁ ଆରମ୍ଭ କରି ପଥର ପାହାଡ଼, ସଲପ ଗଛ, ମହୁଲ ଗଛ ଯାଏଁ କଥା ପଡ଼ିଲା । ମଦପିଇ ମରଦ ଲୋକେ, ଟୋକା ବୁଢ଼ା ସମସ୍ତେ ବେକାର ହେଉଛନ୍ତି । ମଦ ରନ୍ଧା ଘର ଆଲୋକିତ ହେଉଛି ସତ, କିନ୍ତୁ ଅନ୍ୟମାନଙ୍କ ଘର ଅନ୍ଧାର ହୋଇ ଯାଉଛି । ଏଇ କଥାଟା ତ ସତ । ଜଙ୍ଗଲ ସରି ଆସୁଛି, ଗଛ ଲଗାଅ ବୋଲି ମନ୍ତ୍ରୀ କହିଲା ବେଳକୁ ଯୁବକ ସଂଘ ଲୋକେ ଟାଙ୍ଗିଆ ପକେଇ ବସିଲେ, ସଲପ ଗଛ ମହୁଲ ଗଛ ସବୁ ଲଣ୍ଡା କରି ଦେଲେ । ଅଦିନ ବର୍ଷାରେ ବଢ଼ିଥିବା ନଦୀର ଖରସ୍ରୋତ ଆଗରେ ଆଉ କିଏ ବା ଟିକିବ ? ଲୋକମାନଙ୍କୁ ମଦ ରାନ୍ଧିବା ସିନା ମନା, ହେଲେ ମହୁଲ ଭଜା ଖାଇବା, ଟୋଲରୁ ତେଲ ବାହାର କରିବା କ'ଣ ପିତା ଲାଗୁଛି । ଆଗ କାଳରେ ଲୋକମାନେ ସିନା ମହୁଲ ଟୋଲ ତେଲରେ ଛୁଙ୍କ ଦେଉଥିଲେ କି ମାଖୁଥିଲେ, ଏବେତ ପ୍ରତି ଦୋକାନରେ ବାସନା ତେଲ ମିଳୁଛି । ସତକୁ ସତ କିଛି ଦିନ ମଦରନ୍ଧା ବନ୍ଦ ହୋଇଗଲା । ତା' ପରେ ଲୋକେ ତାଙ୍କର ଚତୁର ବୁଦ୍ଧି ଖଟାଇଲେ । ସଲପ ରସ, ମହୁଲି ବନ୍ଦ କରି ବିଦେଶୀ ମଦ ମାନେ ବିଅର, ରମ୍, ଆଲ୍କୋ ପାଉଡ଼ର୍ ଖୋଜିଲେ । ଆରେ କ'ଣ ଏଇଟା ପିଉଚ ପଚାରିଲେ କହିବେ, ଏଗୁଡ଼ା ସବୁ ଫଳରସ । କଥା କହି ବିକିବା ଲୋକ ବି ସତ, କିଣି ପିଇବା ଲୋକ ତାଙ୍କଠୁଁ ଅଧିକା ସତ ।

କେତେଟା ଟୋକା ଛକରେ ଗୋଠ ହୋଇ କଥା ହେଉଥିଲେ । କିଏ କହୁଛି ମନ୍ତ୍ରୀଙ୍କୁ କ୍ରିକେଟ୍ ବ୍ୟାଟ୍ ବଲ୍ କିଣିବାକୁ କହିବା ଓ କିଏ କହୁଛି ଭଲିବଲ ଓ ନେଟ ମାଗିବା । ଆହୁରି ଟିକେ ପାକଲ ବୁଦ୍ଧିବାଲା କହୁଛି "ଆରେ ମନ୍ତ୍ରୀଙ୍କୁ ଟଙ୍କା ମାଗ, ଯାହା ମନ ହେବ ଦେଖି ଚାହିଁ କିଣିବା ।'' ଶ୍ରୀରାମ ମାମୁଁ ଟିକେ ମୁଣ୍ଡ ଉଠାଇ ଦେଖିଲେ । ସେଇ ଟୋକାଦଳ ମଝିରେ ଯିଏ ବେଶି ମାମଲତକାର କଥା କହୁଥିଲା ସେ ଗତଥର ମାଟ୍ରିକ୍ ଫେଲ୍ ହୋଇଛି । ତା'ର ପାଠ ଆଡ଼କୁ ମନ ଯାଉନି । ତାକୁ ଘେରି ରହିଥିବା କପିବୃନ୍ଦ ଏକରୁ ଆରେକ ବଳି । ଏମାନେ ନା ବିଲକୁ ହଳ ନେବେ ନା ଟାଙ୍ଗିଆ ଧରି କାଠ ବିଡ଼ାଏ ଆଣିବେ । ବାପାମାଆ ବଣ ଜଙ୍ଗଲ ସହ ଉଗଡ଼ଖାଇ

ରାଗାଡ଼ି ଆଜାନା ସାଇ ଦୁଃନୁ, ଇଆରୁ ଯେ ଛକତାନି ଟେପ୍ ଗାଡ଼ିଙ୍ଗା ବେଞ୍ଜି ବେଞ୍ଜି କାଟ୍‌କା ଦୃପ୍କି ଦୁଃନେରୁ । ମୁରିଙ୍ଗା ଲିଆଙ୍ଗା ମୂକିନି ଡେଃଙ୍ଗି ପୁଡ଼ିଆଙ୍ଗା ମୂକାନା ଲେଦ୍‌ନା ଲେଦ୍‌ନା ଦେପଲାକା ସୂପ୍‌କି ନେରୁ ।

ଡେଲି ପ୍ରାୟ ଏ ଗାରାଟା ଆଇ ଦୁଃନେ । କାରା ବେଏ କାଡ଼ିତେ ଡେଏ । ଅଟେ ଜଡ଼େକା ଗାଡାଙ୍ଗା ପୂରିଗିବା ମାନୁସାଆ । ଇଦେ ଟୁକ୍‌ନା ଶ୍ରୀରାମ ମାମା ପୁନ୍‌ମ୍ବା ମୁଆତେଞ୍ଜୁ ଯେ ମନ୍ତ୍ରୀ ଏସ୍ତାବାଙ୍ଗି ଆନାଡ଼ିକି ବାଇନେଞ୍ଜୁ । ଏ ଡ଼ାପ୍‌ନା ଜେନାବାବୁ ସାଇକିଲ୍‌ଡ଼ାଇ ବାତେଞ୍ଜୁ । "କ'ଣ ଶ୍ରୀରାମ, କାମ ସରିଲା ?" "ନାଇ ଆକା ଆଉ ଟିକେ ଅଛି । ପାଖରେ ଆଉ ମିଟ୍‌ଲି ନାଇଁ, ବଙ୍ଗଳା ପାଖରୁ ଆଣିବାକୁ ହେବ । " ମାମା ଇସେଞ୍ଜୁ । "ନାଇଁ, ନାଇଁ ଆଉ ବେଳ ନାଇଁ । ଜେନା ବାବୁ ଇଞ୍ଜିସେଞ୍ଜୁ । "ଆରେ ଆଜି ଉପର ବେଳା ମନ୍ତ୍ରୀ ଆସିବେ । ଯଦି ମିଟ୍‌ଲି ନାଇଁ ଖାଲି ମାଟିପକା । ଆଜି ଦିନଟା ଚଳିଯାଉ । ପରେ ଦେଖିବା ।" "ଆଜ୍ଞା, ମନ୍ତ୍ରୀ ଜେଉଁଠାକୁ, ମାନେ ବଙ୍ଗଳାକୁ ଆରିବେ ?" ଶ୍ରୀରାମ ମାମା ବେସେଞ୍ଜୁ । "ନାଇଁରେ ଶ୍ରୀରାମ" ଜେନା ବାବୁ ବେସେଞ୍ଜୁ । "ମନ୍ତ୍ରୀ ପରା ଗୁରା ସାହୁ ପୁଅର ଦେଶୀ ମଦ ଦୋକାନ ଉଦ୍‌ଘାଟନ କରିବାକୁ ଆସୁଛନ୍ତି । ବଡ଼ଲୋକ କଥା, ବଙ୍ଗଳାକୁ ଆସିବେ ଯଦି ଆସିବେ ମୁଁ ଯାଉଛି । ତୁ ଜଲଦି ଜଲ୍‌ଦି ମାଟି ପକା । ଓଭରସିଅର ସାହେବ ଫେରିବେ ।

ଶ୍ରୀରାମ ମାମାଇ ବ୍ଲାଉ ତିକି ପିଉ ଚଢ଼ି ଆତେ । ଏକା ଇ ମନ୍ତ୍ରୀକି ଅଟେ ଉଦ୍‌ଘାଟନ ଗିବା ବାଇମାନେଞ୍ଜୁ । ମାଇ ଋରିମାସ ଆଟୁ ଦରମା ମେଲି ଆଆସିତ ପଞ୍ଚାୟତ ତିକି ଚିନି କିରାସିନି ବାଇସିଡ଼େ, ବୁଡା ଲକୁ ତାଇ ଭତ୍ତା ଟାକାଙ୍ଗା ଏମ୍ଭେ କି ସାଜିନୁ ଠିକଣା ସିଡେ । ଏ ମନ୍ତ୍ରୀକି ଲାଜା ସିଡେ କି ନାଜୁତାରା ସୁବିଧା ଅସୁବିଧା ତୁହାନା କ୍ରିକେଟ୍, ଭଲିବଲ ତିଙ୍ଗି ବାଇବୁମ୍ଭୁ ଆଇମାନି ଲାବେଙ୍ଗାନି ଲାଜାସିଡେ । ଏଲୁତ ଇସ୍ପିମାନେ ଇ ଗାଡାଙ୍ଗାନି ବିରାମାଦେ କିରାସିନି କଣ୍ଡାଙ୍ଗା କି କାଜୁରି ସାପ୍‌କା ମୁସ୍କା ଜିଇମା ଏଙ୍ଗା ମନ୍ତ୍ରୀ ତାରି କାରୁ ଗୁଲି ପଟୁ ଇନେମା । ତୁଃ, ତୁଃ, ସାଲାକାରି । ଇ ମନ୍ତ୍ରୀ, ସାଇବଙ୍ଗାନି ତ ପେନୁ ମାଜୁ ବେଏ ମୂଏ । ସରକାରୀ କାଲୁ ଦୁକାନି ଦାପାକାରୁ ଏଙ୍ଗା ବିପିଏଲ୍ କାର୍ଡ ଡେଃଙ୍ଗି ରଣ୍ଡା ରଣ୍ଡା କାଲୁ କାର୍ଡ ପାହାଜିପାକାରୁ । ଅଟେ ନଅ ମାସ ଋକିରିମାନେ ଉତେ ଉତେ ପାଇଟି ଗିତେକା ସାସେ । ଇ ବୁଢ଼ା ତେଲିତ । ସାଇବଙ୍ଗାନାରା କାତା ପଦେକା ବେନ୍‌ମ୍ବା ଏମ୍ଭେରି ସୁଖ ଆଇନେ ?

❖❖❖

ପ୍ରାଣ ଯାଉଥିବ, ଏମାନେ ଛକରେ ପାନ ଦୋକାନର ଟେପ୍‌ରେକର୍ଡର ଗୀତର ତାଳେ ତାଳେ ଗୋଡ଼ ହଲାଉ ଥିବେ । ମୁଢ଼ିଲିଆ ଖାଇଲା ଭଳି ପୁଡ଼ିଆ, ଗୁଟୁଖା ଚୋବେଇ ସବୁଠାରେ ଛେପ ପକେଇବେ ।

ସମୟ ପ୍ରାୟ ଏଗାରଟା ହେଉଥିବ । ଖରା କାଟିଲାଣି । ଆଉ ଦୁଇଟି ଗାତ ଭରିବା ବାକି ଅଛି । ଏଯାଏଁ ଶ୍ରୀରାମ ମାମୁଁଙ୍କୁ ଜଣା ପଡ଼ିଲା ନାହିଁ ଯେ ମନ୍ତ୍ରୀ କେଉଁଠାକୁ କ'ଣ ପାଇଁ ଆସୁଛନ୍ତି । ଠିକ୍ ସେତେବେଳେ ଜେନାବାବୁ ସାଇକେଲ ଚଢ଼ି ଆସି ପହଞ୍ଚିଲେ । "କ'ଣ ଶ୍ରୀରାମ, କାମ ସରିଲା ?

ନାଇଁ ଆଜ୍ଞା, ଆଉ ଟିକେ ଅଛି । ପାଖରେ ଆଉ ମିଟଲି ନାହିଁ, ବଙ୍ଗଳା ପାଖରୁ ଆଣିବାକୁ ହେବ" ଶ୍ରୀରାମ ମାମୁଁ ଜବାବ୍ ଦେଲେ । ଜେନାବାବୁ ତାଗିଦ୍ କରିବା ଭଳି କହିଲେ, ନାଇଁ ନାଇଁ, ଆଉ ବେଳ ନାହିଁ । ଆରେ ଆଜି ଉପରବେଳା ମନ୍ତ୍ରୀ ଆସିବେ । ଯଦି ମିଟଲି ନାହିଁ, ଖାଲି ମାଟି ପକା ଆଦି ଦିନଟା ଚଳିଯାଉ । ପରେ ଦେଖିବା ।"

"ଆଜ୍ଞା, ମନ୍ତ୍ରୀ କେଉଁଠାକୁ ଆସୁଛନ୍ତି, ବଙ୍ଗଳାକୁ ? ଶ୍ରୀରାମ ମାମୁଁ ପଚାରିଲେ । "ନାହିଁରେ ଶ୍ରୀରାମ'', ଜେନାବାବୁ ଉତ୍ତର ଦେଲେ, "ମନ୍ତ୍ରୀ ପରା ଗୁରା ସାହୁ ପୁଅର ଦେଶୀ ମଦ ଦୋକାନ ଉଦ୍‌ଘାଟନ କରିବାକୁ ଆସୁଛନ୍ତି । ବଡ଼ ଲୋକ କଥା, ବଙ୍ଗଳାକୁ ଆସିବେ ଯଦି ଆସିବେ । ମୁଁ ଯାଉଛି । ତୁ ଜଲ୍‌ଦି ଜଲ୍‌ଦି ମାଟିପକା । ଓଭରସିଅର ସାହେବ ଫେରିବେ ।"

ଶ୍ରୀରାମ ମାମୁଁଙ୍କ ମୁଣ୍ଡକୁ ପିତ୍ତ ଚଢ଼ିଲା । ଆରେ, ଏଇ ମନ୍ତ୍ରୀକୁ ଆଉ ଅନ୍ୟ କିଛି କାମଧନ୍ଦା ନାହିଁ, ଯେ ମଦ ଦୋକାନ ଉଦ୍‌ଘାଟନକୁ ଧାଇଁଛି । ଆମର ଚାରି ମାସ ହେଲା ଦରମା ମିଳିନାହିଁ, ପଞ୍ଚାୟତକୁ ଚିନି, କିରୋସିନି ଆସୁନି, ବୁଢ଼ାବୁଢ଼ୀଙ୍କ ଭତ୍ତା ଟଙ୍କା କୁଆଡ଼େ ଯାଉଛି ଠିକଣା ନାହିଁ । ଏ ମନ୍ତ୍ରୀକୁ ଲାଜ ନାହିଁ କି କ୍ରିକେଟ, ଭଲିବଲ ପାଇଁ ବାଇଆ ବେତାଳ ହେଉଥିବା ଟୋକା ଦଳଙ୍କର ସରମ ନାହିଁ । ମନ କରୁଛି ଏଇ ମାଟି ଗାତ ଗୁଡ଼ିକରେ ଖଜୁରି କଣ୍ଟା ପୋତି ଦିଅନ୍ତେ ଏବଂ ତାଙ୍କର ଗାଡ଼ିର ଚକାଫାଟି ଯାଆନ୍ତା । ଯାଃ, ଯାଃ ସେତିକି ଥାଉ । ଏ ମନ୍ତ୍ରୀ, ସାହେବମାନଙ୍କୁ ଦେବୀଦେବତା ବି ପାରିବେ ନାହିଁ । ସରକାର ମଦ ଦୋକାନ ଖୋଲନ୍ତୁ ଏବଂ ବି.ପି.ଏଲ୍. କାର୍ଡ଼ ଭଳି ଗୋଟିଏ ଗୋଟିଏ ମଦ କାର୍ଡ ବି ଦିଅନ୍ତୁ । ଆଉ ନଅ ମାସ ଚାକିରି ରହିଲା । ଶୀଘ୍ର ଶୀଘ୍ର କାମ ସାରିଲେ ଗଲା । ଏଇ ବୁଢ଼ା ବୟସରେ ସାହେବମାନଙ୍କର କଥା ପଦେ ଶୁଣିବା ପାଇଁ କାହାକୁ ବା ଆଉ ସୁଖ ଲାଗୁଛି ?

❖❖❖

# ଲାଗୁଡ଼ି ମାହା

ନାଇ ଜାମା ଇଡ୍ଡୁକି ସାସାରି ପାଞ୍ଚବାସାରି ପୂରି ଆତେ । ଆଜା ଆବା ଏଲୁ ଗିତ୍ତୁ ଜାମା ଦେରି ଋକିରୀ ଗିପିନେଞ୍ଜୁ, ନାଇମାର ନେଗାଡ଼ାଇ ରାହି ଆନେ । ସାଇବ କୃଡ଼ା ସାଇବରେଡ଼ି । ଗୁଲେ କାତା ସତ । ଡ଼ାଞ୍ଜା ଛୁଟି ବିହାନେ ଜାମା କେ ଆନୁ ବାତେ ଚଣ୍ଡିଗଡ଼ । ଇରି ଦିନା ଏସେସାଞ୍ଜା ନାରି । ଇମ୍ବା ତାଇ କେତାଙ୍ଗା ଏସେକା ବେଏ ଆରେଏ ରାହିଆଅ  । ଲକୁ ପାଇଟି ଗାଟାକା । ସହର ତାରି ନିମ୍ବାଡ଼ିମ୍ବା ବେଏ ଏସେ ବେଗାଲି । ରନିସି ଜାମାକେଏ ରକ୍‌ଗାର୍ଡେନ ବୁଲି ଆବା ସାଜାସେଏ । ରଆଞ୍ଜୁ ଜାପା ଗାଟାଞ୍ଜୁ ତାଡ଼ା ଏଲୁଡ଼ାଇ ଏସାରା ଦେରି ପାଇଟି ଗିଆନା ସାସେଞ୍ଜୁ । ଉଜେନେ, ମାଇ ଏଲୁ  ଅକଲି ପାକିଟି, ମାଲ ପୁଞ୍ଜାନି ମୁହୁଁ ବେଅଟି ଏମ୍ବେରି ଏଲୁ ତାନି ଇ ପୁର୍ଭି ସେଲୁ ଆନିକାତା ମାନେ । ଏମ୍ବାଇ ପୁଟୁ ପାହାରେଏ  ତାଡ଼ା ପାଇଟି ଗିଆନା ସାଜିନେ, ଏମ୍ବେରିଇ ତାନ୍ଦାରାଆ ମୁଲୁ ଜାପି ସିଡ଼େ ଏଙ୍ଗା ସାଜିନି ଜଡ଼ି ତାନି ରନିସି କାଡ୍ଡୁ ଡୁଟ୍ କିନେ । ଏସିରାତି ଏଲୁ ନାଟ ଦାଃତାତେ, ଇସ୍ତାତେ ଇଦେ ମାଇ ବିଞ୍ଜି ରାହାତାନି ପିଅ ପିଅ ତାରି ଡାଞ୍ଜୁ ଦିଆଦୁଃନେ । ଲାଗୁଡ଼ି ମାହା ପୂଙ୍ଗା ପୂସା ଦୁଃନେ । ନାଟକି  ବାବା ସେଲୁ ମନ ଦାଃତାତେ, ଆନୁ ଗାମେ କ୍ଳଙ୍ଗସି ଆତେ ।

ମାଇ ନାଜୁଡ଼ାଇ ନେତକି ସାନି ପାହେରିତାନି ମାନାରି ମାହା ମ୍ରାହ୍ଣୁ ଏସେକାଡ଼ାଇ ସିକି ନିସାମାନେ ପୁନ୍‌ମ୍ବା ଗାଆମେ କଷ୍ଟ । ଆନାଡ଼ିକି ଇସେକା ଇରି ମ୍ରାହଣ୍ଣୁ ଏସେ ପୁରୁ ମିତାଙ୍ଗାନି ଲାଆ ଲାବେଞ୍ଜୁ ଆତାରା, ଡ଼ାଞ୍ଜା କାଣ୍ଡୋ ଆଜାନା ବୁଡାଲାଡି ଆତାରାଆ ମେହାମାନେ । ମାଇ ବୁଡାରୁ ବେଏ ଇ ମାହା ନେଡେଟି ମେଡ଼ାଙ୍ଗା, ଜାଆକା ପେଣ୍ଡିଙ୍ଗା ଡେରି ଗିଆନା ଜାମ୍ବାଇ ମାସେରୁ । ମାଇ ଆମା ସାକା ବେସ୍କା କାତା ଯେ, ତାଡ଼ା ମୀଡା ବେଲା ଦେରି ସେଡ଼ି ଡାଇ ସେଣ୍ଟଟି ବାଇ ମାସାନି ଏମ୍ବା ଡେଃକା ଗାଟାକା ପାଜା ଗ୍ଲାପ୍‌ତେରୁ । ଇ ମ୍ରାହଣ୍ଣୁବାରି ମାଇନାଜୁ ଆନା, ସଡ଼ିଟି ମାନି ସାତୁ ଗସି ଲକୁ ତାରି ସକି ଡ୍ଡାପା ବେରଡ଼ି ବାଡି । ବେସ୍କା ଦାଃପା ସାଜାନାଇ ଆପାକାଇ କି ଇର୍ପିପେସ୍କା ସାଜାନାଇ, ଇ ମାହାତିକି ଏତା ତାକେ ପାହେର ବିହିତେଇଞ୍ଜି

# ଆମ୍ବିଳି

ମୋର ବାହାଘର ପ୍ରାୟ ପାଞ୍ଚ ବର୍ଷ ହୋଇଗଲାଣି । ବାପାମାଆ ଭାବିଲେ ଜୋଇଁ ବଡ଼ ଚାକିରୀ କରୁଛନ୍ତି, ମୋ ଝିଅ ଭଲରେ ରହିବ ସାହେବ ସ୍ତ୍ରୀ ସାହେବାଣୀ । ସବୁକଥା ସତ । ମୋ ସ୍ୱାମୀଙ୍କ ବାହାଘର ଛୁଟି ସରିବାପରେ ତାଙ୍କ ସହ ମୁଁ ଚଣ୍ଡିଗଡ଼ ଚାଲି ଆସିଲି । ଏଇ ଅଞ୍ଚଳଟା ସତରେ କେତେ ସୁନ୍ଦର । ଏଇ ରାଜ୍ୟର କ୍ଷେତ ସବୁ ସର୍ବଦା ଶସ୍ୟ ଶ୍ୟାମଳା । କେଉଁଠି ପଡ଼ିଆ ପଡ଼େ ନାହିଁ । ଲୋକମାନେ ଭାରି କାମିକା । ସହରର ହାବଭାବ ଟିକେ ଅଲଗା, ଅଲଗା ।  ସ୍ୱାମୀଙ୍କ ସହ ଥରେ ରକ୍ ଗାର୍ଡ଼େନ ବୁଲିବାକୁ ଯାଇଥିଲି । ଜାଣିବାକୁ ପାଇଲି ଯେ ଜଣେ ଭିକାରୀ କେମିତି ନିଜ ବୁଦ୍ଧିରେ ଏଡ଼େ ବଡ଼ କାମକୁ କରି ଦେଇ ଗଲେ । ସତରେ ଆମ ଜାଣତରେ ଆଢୁଆଳେ କାହାରି ମନରେ ଏହି ପୃଥିବୀ ପାଇଁ କେତେ ଭାବନା ଉଙ୍କି ମାରୁଛି । ନିଜ ମୁଖରୁ ଉଃ ଟିଏ କରୁନାହିଁ କିମ୍ବା କାହାଠୁ ନିଜର ମୂଲ ମାଗୁନାହିଁ । ନିଜର କାମ କରି ସାରି ଚୁପ୍‌ଚାପ୍ ସମୟର ସୁଅରେ କାହିଁ କେଉଁଠି ହଜି ଯାଉଛି । ସେଇ ରାତିରେ ଗାଁ କଥା ବହୁତ ମନେ ପଡ଼ିଲା । ମୋ ଆଖି ଆଗରେ ଯେମିତି ଜଳ ଜଳ ଦେଖା ଯାଉଥିଲା । ଆମ ଗାଁ ଦାଣ୍ଡରେ ତୋଫା ଜହ୍ନ ଆଲୁଅ ଝରୁଥିବା ଆମ୍ବିଳି (ଆମ୍ବ ଗଛ)ରେ ବଉଳ ଆସି ଯାଇଥିବ । ଗାଁକୁ ଯିବା ପାଇ ମନ ଭାରି ଉଚ୍ଚାଟ ହେଲା । ଗାଁକୁ ମୋର ମୁଁ ଝୁରି ବସିଲା ।

ଆମ ସାହିରୁ ଜଙ୍ଗଲକୁ ଯିବା ବାଟରେ ଥିବା ଆମ୍ବ ଗଛଟି କେଉଁ ଅନାଦି କାଳରୁ ଠିଆ ହୋଇଛି ଜାଣିବା କଷ୍ଟକର । କାହିଁକିନା ଏଇ ଗଛଟି କେତୋଟି ପିଢ଼ୀକୁ ଛୁଆରୁ ଯୁବା, ବାହାଚୁଡ଼ା ଏବଂ ବୁଢ଼ାବୁଢ଼ୀ ହେବାର ଦେଖିଛି । ଆମର ଜେଜେବାପାମାନେ ବି ଜଙ୍ଗଲରୁ କାଠ ଆଣିଲା ବେଳେ କାଠ ବିଡ଼ାକୁ ଏଇ ଗଛରେ ଡେରି ଦେଇ ବିଶ୍ରାମ କରୁଥିଲେ । ପିଉସୀ କହନ୍ତି, ତାଙ୍କ ପିଲାବେଳେ ଦୂରଗାଁରୁ ବୋହୂ ଟିଏ ଆସିଲେ ପାଲିଙ୍କି ବାଲାମାନେ ଏଇ ଗଛ ତଳେ ବଦଳ ହେଉଥିଲେ । ଏଇ ଗଛଟି କେବଳ ଆମ ଗାଆଁ କାହିଁକି ଆଖ ପାଖର ସାତୋଟି ଗାଁ ପାଇଁ ଯିବା ଆସିବା ଏରୁଣ୍ଡି ବନ୍ଧ, ଖଟି ଜାଗା । କାଠ ଆଣିବା ଲୋକ ହୁଅନ୍ତୁ କି ମହୁଲ ଗୋଟେଇ ଆସିବା ଲୋକ ହୁଅନ୍ତୁ, ଫେରିବା ବାଟରେ ଏଇ ଗଛ ତଳକୁ ପହଞ୍ଚିଲେ ବାଟ

ଏଲୁ ଗିନୁ । ଉଜେନେ, ରଣ୍ଡେ ଏସ୍ତି ବୁଢ଼ା ଆଜାନି ଡେଃଙ୍ଗି ଇ ମାହା ମ୍ରାହଣ୍ଟୁ ଗୁଲେ ସାଜାମାନି ଲକୁରି ବ୍ବେତାନି ପାହେରି ମେହାନା ନିସାନା ମାନେ ।

ବାରି ଲକୁ ବାକୁ ଇଞ୍ଜାନା ଆଏ, ଇରି ମାହା ମ୍ରାହୁଣ୍ଟି ଏସେସିକି ପଟାକାଟି, ମାକାଡ଼ି ମାକି ଡିଉ ସିରୁଡ଼ି ସେଲୁ ଡୁଗାବାହା ବାସା । ଆଜା ଏତ ମୀଡ଼ା ଏତଗିଆନା ଡାକିତି ମୀଡାତିନି କାଜୁତା ଆହାନି ଡେଃଙ୍ଗି ପୁରୁ ଗାଡ଼ି, ତାରାଂ ଗାଡ଼ି ଜତଜିଅଡ଼ି ତିନି ଆହାନା, ରହାନା ବାଇନେ । ନେଗାଡ଼େ ପେନି ବେଏ ସାଜା ଦୁହେଏ, ଇରି ମାହା ପୂଙ୍ଗା ତାନେ, ଗୁଲେତିକି ଆଗ ପ୍ରିହା ଆଃନେ, ମାହା ମାଜିନେ । ପୂନି ପଲ ଇଞ୍ଜାନା ପଟା କାଟି, ସାଲ୍‌ବା ବାବା ଲକୁ ଇରା ମାହା ବାଣ୍ଡିନେରୁ । ଇରି ମାହା ଇକେ ଗାପ୍‌ସି ଶ୍ରାଃନେ ଇଞ୍ଜି ମ୍ରାହଣ୍ଡତାରି ପାଦା ଆଇନେ ଲାଗୁଡ଼ି ମାହା । ନାକୁ ତାଞ୍ଜୁ ଗାଉଡ଼େଞ୍ଜୁଡ଼ାଇ ଟାଣ୍ଡାନା ଦୁକାନି ଗିଆମାନି ରାମସାହୁ ଡ଼ାମ୍‌ନା ଗୁଲେତାକା ଇ ମାହା ମ୍ରାଃଣ୍ଟୁ ତାରା ପାଦା ପୁଞ୍ଜା ଦୁଃନେରୁ - ଲାଗୁଡ଼ି ମାହା ।

ଜାମା ଇଡୁଟି ପୂନି ପୂନି ଆବା ଇଡୁକି ବାନାରି ଅନୁଭୂତି ଉଜେନେ ଏସେ ବେଗାଲି । ଇକାତା ନାଟଟି ଦୁରୁକି ଜାମାକି ସାଜାନାଇ ଗୁଲେ ତାଇ ପୁଞ୍ଜା ଦୁଃନୁ । ଏସିଗାଲା ଜାମାକେଏ ସ୍କୁଟର ଡ଼ାଇ ମାପେକି ବାଇ ସାନି ଇସ୍ପିନାତେ ଇ ସୂଗାଡେପା, ପାଡେଲିଗବୁ, ବାବେ ଦୁବାଙ୍ଗା ନାଇ ରଗା ସାକା । ଇବାସାଙ୍ଗେ କାହାନା ଆନୁ ମୀଡା ଡ଼ାଇ ଲାଆନେନୁ ଆଜାମାଇ । ଇସ୍ପିନାତେ, ଗୁଲେ ତାଇ ନାଇ କୁଇଟି ରୁସୁମ୍ ଆଜାନାନୁ । ଜାମା ସଡ଼ିଟି ମାନାକି କାନାଡ଼ି ଆଇ ସିଡାରଅ । ଆନୁ ବେଏ ଏଲୁ ଗିପିସେଏ, ଗାଡ଼ିଡ଼ାଇ ଜାସାନା କେତା ପୀଡ଼ାଙ୍ଗା ପାହେରି ଦେଗି ଦେଗି ସାଇମା । ନାଟକି ବାତି ବେଇତି ବେଣ୍ଡା ନାକୁ ତ୍ରେଜିସି ଆନୁ ଅକନାଜୁ କି ସାଜାସେ । ଗୁଲେ ଲକୁରି ପ୍ଲାସେ ପ୍ଲାସେ ଆନୁ ମଦେରି ଆଜାନି ତକି ସଲ୍‌ଗା ତେଏ । ମଦେରି ଆଜା ଅକଲି ଡେପା ତାଆ କାଟ୍‌କା ପାଆସାନା କକ୍‌ସାସେ । ଦାରା ଦାଆସାନା ପ୍ଲାତେଏ, "ଆଜା ଜହାରି, ଏମ୍ଭେ ମାଞ୍ଜିଲା ?"

"ଜହାରିଜା, ଅକଲି ମାଇ । ଏମ୍ବାଇଲା, ଇଜକି ବାଇକେ" ମଦେରି ଆଜା ଇଞ୍ଜାତେ । ଆନୁ ଅକଲିକି ସାସେଏ । ନାଇ ଦେରାନି ଆତି ଟୁକ୍‌ନା ଆନୁ ଏଲୁ ଗିଆ ସିଡା ତେନୁ କି ମଦେରି ଆଜାନାରି ବେଗାଲି ପାଦା ମାନେ । ଆନାକି ଇସେକା ମାଇ ମୀଡ଼ା ବେଲା ମେହାନାମୁ, ମଦେରିଆଦା ଇସ୍କୁଲର ତାନି ମୀଡାଙ୍ଗାନି ସେଲୁ ବାଲଗେରି

ସରିଗଲା କୁହନ୍ତି । ସତରେ ଏଇ ଆମ୍ବ ଗଛଟି ଗୋଟିଏ ଗଛ ନୁହେଁ, ମାଆ ଟିଏ ଭଳି ସମସ୍ତଙ୍କର ଫେରିବା ବାଟକୁ ନିଘାକରି ଠିଆ ହୋଇଛି । ଖାଲି ଲୋକମାନେ ନୁହଁ ଏଇ ଗଛଟି କେତେ ପକ୍ଷୀ, ହନୁ, ପାତି, ଗୁଣ୍ଡୁଚି ଭଳି ଜୀବଜନ୍ତୁଙ୍କ ପାଇଁ ଛାଇଜାଗା ଆଶ୍ରୟ। ମାଆଟିଏ ଛୋଟ ଛୁଆକୁ କାଖେଇ, ଟିକେ ବଡ଼ ଛୁଆକୁ ହାତରେ ଧରି ଚଲେଇ ନେଲା ଭଳି ଏଇ ଗଛଟି କେତେ ପୁରୁଷ ଲୋକଙ୍କୁ ସାହାରା ଦେଇଛି । ପୁରା ଶୀତ ବି ଯାଇ ନଥିବ, ଏଇ ଆମ୍ବରେ ପ୍ରଥମେ ବଉଳ ଆସେ ଆମ୍ବ କଷିଧରେ, ଆମ୍ବ ପାଚେ । ବର୍ଷର ନୂଆଫଳ ବୋଲି ପଶୁପକ୍ଷୀ ଠାରୁ ଆରମ୍ଭ କରି ଲୋକବାକ ସମସ୍ତେ ଏଠାରୁ ଚାଖନ୍ତି । ହେଲେ, ଆମ୍ବଟା ଟିକିଏ ବେଶି ଖଟା ବୋଲି ତା'ର ନାଆଁ ହୋଇଛି ଆମ୍ବିଳି । ଗାଁର ଛେଳି ଜଗା ଲୋକଠୁ ଆରମ୍ଭ କରି ସାହୁକାର ରାମସାହୁ ଯାଏଁ କାହାକୁ ଏହାର ନାଆଁ ଅଜଣା ନୁହେଁ ।

ଶାଶୁଘରୁ ପ୍ରଥମ ଥର ବାପାଘରକୁ ଆସିବା ଅନୁଭୂତି ସତରେ କେତେ ନିଆରା । ସେଇଦିନ ସ୍ୱାମୀଙ୍କ ସହ ସ୍କୁଟରରେ ଆସିଲା ବେଳେ ଲାଗୁଥିଲା ଗାଁର କାଶତଣ୍ଡି, ବୃନ୍ଦାବଣ, ଚୁଆଁ, ନଈ ସବୁ ମୋର ସଖି ସହେଲି । ଏମାନଙ୍କ ସହ ନାଚି ଖେଳି ମୁଁ ବଡ଼ ହୋଇଛି । ଲାଗୁଥିଲା, ସମସ୍ତେ ମୋ ଉପରେ ରୁଷିଛନ୍ତି । ସ୍ୱାମୀ ପାଖରେ ଅଛନ୍ତି ବୋଲି କଥା କହୁନାହାନ୍ତି । ମନ ହେଉଥିଲା ସ୍କୁଟରରୁ ଡେଇଁ ପଡ଼ି ସରୁ ବିଲହୁଡ଼ା ଦେଇ ଦଉଡ଼ି ଦଉଡ଼ି ଯାଆନ୍ତି । ଗାଁକୁ ଆସିବା ବାସି ଦିନ ଉପରଓଳି ଗାଁ ବୁଲିଲା ଭଳି ମୁଁ ପଛ ସାହିକି ଯାଇଥିଲି । ସମସ୍ତଙ୍କୁ ଜୁହାର ମୁଣ୍ଡିଆ ହୋଇ ମୁଁ 'ମଦେର୍' ମାଆଙ୍କ ଘରକୁ ପଶିଗଲି । କବାଟ ମେଲା କରି ଡାକିଲି, "ମାଆ ଜୁହାର, କେଉଁଠି ଅଛ ?"

"ଜୁହାର ଗୋ ଜୁହାର୍ । କିଏଲୋ, ବାରିକି ଆ" । ମଦେର୍ ମାଆ କହିଲେ । ମୁଁ ଘର ପଶି ବାରିକୁ ଗଲି । ମୁଁ ବଡ଼ଟିଏ ହେଲା ଯାଏଁ ଜାଣିନଥିଲି ଯେ ମଦେର୍ ମାଆଙ୍କର ଅନ୍ୟ ଗୋଟିଏ ନାଆଁ ଅଛି । କାହିଁକିନା, ଆମେ ପିଲାବେଳେ ଦେଖିଛୁ ମଦର୍ ମାଆ ଗାଁ ସ୍କୁଲରେ ପିଲାମାନଙ୍କ ପାଇଁ ବଲଗର ଖିରି ରାନ୍ଧି ଦେଉଥିଲେ । ସେତେବେଳେ ତ ଅଙ୍ଗନବାଡ଼ି ନଥିଲା । ପିଲା ମାନଙ୍କ ପାଇଁ ବଲଗର୍ (Bulgar)

କିରି କାସ୍କିମାସେ । ଏ ଡେଲିତାନି ତ ଅଙ୍ଗନାବାଡ଼ି ସିଡାତେ । ମିଡାଙ୍ଗାନି ବାଜାନି ସିପ୍‌କିସାକି ଏମ୍ବାଇ ସିକି ଆଗ ପାଦା ସିଆସେରୁ । ମଦେର୍ ଇସେକା ମାରାନି ଆଜା । ମଦେରି ଆଜା ଏସେ ପୂରୁ ସିକି ମୀଡାଙ୍ଗାନି ସେଲୁ ଗୂଡ଼ାନି ଆଜା ଆଜାନା ମାସେ । "ଏକାଲା, ଶଇଲ, ନେଗି ମାସିଜା, ଏସେକା ବାତି ?''

– ଆଁ, ଅଜା, ନେଗି ମାସେ । ରିଇସି ଗ ବାଜାମାଇ ।

– ଜାମାକେ ଗିନା ରଆତେ ?

– ଆଏଲା ଆଜା । ବାଜା ସେଞ୍ଜୁ ଯେ, ନେଞ୍ଜୁ ବ୍ଲେଡତେଞ୍ଜୁ । ଦେହା ଛୁଟି ସିଡେଏ ତ, ବିଏ ଚଣ୍ଡିଗଡ଼ ସାନେଞ୍ଜୁ ।

ମଦେରି ଆଜା ନାଇ କପ୍‌କା ସେଲୁ ଡେପା ସେପା ତିକି ସେପେରି କଟ୍‌କିସେ । ଆନୁ କାଜୁ ଆହାନା କୂବା ଗିତେଏ ।

"ମାନିକେ ଅଜା, ଇମ୍ବାନେ କକେନୁ ଗିନା ।''

ଆଗ ମଦେରି ଆଜା ଇଡୁ ତିନି ଇସିଙ୍ଗି ଗ୍ରିସି ଗ୍ରିସିନା ପସି ଗିଆନା ଇଟ୍‌କି ମାସେ । ମଦେରି ଆଜାନି ଗୁଞ୍ଜୁକାନି ଗୁଡି ତାନି ଡୂଃଗା ଦିପ୍‌କିସେ । ଆଜା ତାଆ ସଅସ ବାଡିଙ୍ଗା ଗୁଲେଏ ଲକୁରିକି ସିଆଡେ । ନେଞ୍ଜୁ ମେଃପିମାଇ ମଦେରିଆଜାନି ଡେପାଙ୍ଗା ସିମ୍‌ଟି ଗିଆନି କୂଇଟେ ମାସି ଆଜାନୁ,ସେଣ୍ଟି କୁର୍ମା ଦିର୍ଦ୍ଦିଙ୍ଗା ତହାନୁ ।

ମଦେରି ଆଜାନି କାଟ୍‌କା ଇକେ କ୍ରିପ୍‌କା ମାସୁ । ବାଞ୍ଜୁ ଡ଼ାଇ ନାସିତାକାଆ ଗ୍ରହୁ ଇଞ୍ଜିସୁ । ବେସେଏ, "ଏକାଆଜା, କାଟ୍‌କା କ୍ରିପ୍‌କାଇ ନାନୁ ? ଅସ ତିଞ୍ଜିଞ୍ଜି ଗିନା ଆଏ ?'' "ଏସେ ଅସ ତିଇଜା, ଏସେକା ଆକା ଇବି ଗୁଲେ ପୁଡୁଧୁଟା ଗିଆନା କାମ୍ବିନୁ'', ମଦେରି ଆଜା ଉକଡ଼ି ପିହାନା ବେସ୍ତାତେ । ଆମୁ ମେହାନାମୁ, ମଦେରି ଆଜା ଏସେ ପ୍ଲାପା ସୂଜା ଗାଟାରି । ଇସିଙ୍ଗି ଡାଟା ଗାଟାରି ଏଃଙ୍ଗି ଏମ୍ବେରିଇ ଆଜାଆ ନାରି । ନାଜୁ ତାନି ଲକୁ ସିଲାକଲ ଆଜାନା ଡୁଡ଼ାଙ୍ଗା ଠେଙ୍ଗାଙ୍ଗା ନିକ୍‌ତେକା ମାଦେ ସଲଜାନା ଆଙ୍ଗି କାତେ । ଆକା କଅବା, ବେସ୍କା ତାପ୍‌କା ଆତେକା ଇରି ଗସା ମଦେରି ଆଜାନିଙ୍ଗି ଏସେବେଏ ଆଆତେ । ସଟେକା ତାରି କାତା ।" ତାଡ଼ା ଲାଆ ବେଲା ଆଜା ଏଙ୍ଗା ଅଟେ ଏସେଲକୁ ଆକା କବା ସେଲୁ ଆନ୍ଦାରି କୁଟୁ ସାଇକି ସାଜାସୁ । ରୁଟୁ ପାହେରି ବୁପା ଇଞ୍ଜାନା ବାଇସାରା ରଣ୍ଡା ବାଲୁ ଟ୍ରକୁ ଆଙ୍ଗିତୁ ଏଙ୍ଗା ଡାଲା ତାନି ସେଙ୍ଗିତୁ ।

ରାନ୍ଧି ଦେଉଥିଲେ ବୋଲି କିଏ ତାଙ୍କୁ ନାଆ ଦେଇଥିଲେ 'ମଦର୍' ମାନେ ମାଆ । ସତରେ ମଦର୍ ମାଆ କେତେ ପିଢ଼ୀ ପିଲାଙ୍କୁ କାଖେଇ କୋଳେଇ ବଡ଼ କରିଥିବା ଯଶୋଦା ମାଆ ।

"କିଏ ଲୋ, ଶଇଳ, ଭଲ ଥିଲୁ ମା, କେବେ ଆସିଲୁ ?"

"ହଁ ମା, ଭଲ ଅଛି । କାଲି ପରା ଆସିଛି ।"

"କ'ଣ ଜୋଇଁ ସହ ନା ଏକୁଟିଆ ?"

"ନାଇଁ ଗୋ ମାଆ, ସେ ଆସିଥିଲେ ଯେ ଆଜି ଫେରିଗଲେ । ବେଶିଦିନ ଛୁଟି ନାହିଁତ, କାଲିକି ଚଣ୍ଡିଗଡ଼ ଫେରିଯିବେ ।"

ମଦର ମାଆ ମୋ ବସିବା ପାଇଁ ବାରଣ୍ଡା ଓଳେଇବା ପାଇଁ ଝାଡୁ କାଢୁଥିଲେ, ମୁଁ ହାତଧରି ମନା କଲି ।

"ଥାଉମା, ମୁଁ ଏଇଠି ବସିଯିବି ।"

ପୂର୍ବରେ ମଦର ମାଆ ଘରକୁ କେତେ ସଫା ସୁତୁରା ରଖେ । ତା'ହାତରେ ସିମେଣ୍ଟ ଘସା ଚଟାଣରେ ମୁହଁର ଛାଇ ଦେଖାଯାଏ । ସିଏତ ନିଜର ଘର ଘସା ପଥର ଯା'ତାକୁ ଦିଏନି । ମୁଁ ଦେଖୁଛି, ଘରର ବାରଣ୍ଡା ସବୁ ସିମେଣ୍ଟରେ ତିଆରି ହୋଇଛି ହେଲେ ଗନ୍ଧିଆ ହୋଇ ପଡ଼ିଛି । ଉପରେ ବୁଢ଼ିଆଣୀ ଜାଲ ବାନ୍ଧିଛି ।

ମଦର ମାଆର ଗୋଡ଼ ଦୁଇଟା ଟିକେ ଫୁଲି ଯାଇଛି । ଆଙ୍ଗୁଠି ଦାବିଲେ ଦବି ଯାଉଛି । ପଚାରିଲି, ମାଆ, ଗୋଡ଼ ଫୁଲିଛି କିଛି ଔଷଧ ଖାଉଛୁ ନା ନାହିଁ ?

ନିଶ୍ୱାସଟିଏ ଛାଡ଼ି ମଦର ମାଆ କହିଲେ, "କେତେ ଆଉ ଖାଇବି ? କେଉଁ ଦିନ ଏଇସବୁ ଜୁଇରେ ଜଳି ପାଉଁଶ ହେବ ଯେ ଜଞ୍ଜାଳ ଯିବ ।"

ଆମେ ଦେଖିଛୁ ମଦର ମାଆର କେତେ ମଜବୁତ୍ ଚେହେରା । କେତେ ବଳୁଆ, ସାହାସୀ ମଧ୍ୟ । ଗାଁ ଦାଣ୍ଡରେ ଲୋକେ ଠେଙ୍ଗା ବାଡ଼ିଧରି କଳି କରି ବାହାରିଲେ ମଝିରେ ପଶି କଳି ଭାଙ୍ଗେ । ପତର ତୋଳା, କାଠ ଆଣିବା ପାଇଁ ଏଇ ଜଙ୍ଗଲ ମଦର ମାଆ ପାଇଁ ବାଟ ଘରଖଣ୍ଡେ । ଥରକର କଥା । ତାଙ୍କର ଯୁବତୀ ବୟସରେ ମଦେର୍ ମାଆ ଆଉ ତାଙ୍କର ସଖିମାନେ ମିଶି ଶିଆଳୀ ପତ୍ର ତୋଳିବା ପାଇଁ ଅନ୍ଧାର କୋଟ ଜଙ୍ଗଲକୁ ଯାଇଥିଲେ । ରୋଡ୍ ଦେଇ ଫେରିଲା ବେଳେ ଆସୁଥିବା ଏକ ବାଲି ଟ୍ରକ୍‌କୁ ହାତ ଦେଖାଇ ସମସ୍ତେ ଡାଲା ଉପରେ ଯାଇ ବସିଲେ ।

ଲାଆମୀଡା ସାନି ମେହାନା ଟ୍ରକୁ ଡ୍ଲାଉ ତାନି କକ୍‌ସା ମାସି ପୁଲିସ ଇନ୍‌ସ୍ପେକ୍ଟର ଡାଲା ତିକି ବାତେଞ୍ଜୁ ଏଙ୍ଗା ଗାଡ଼ି ପିଃତେ । ଏଆଞ୍ଜୁ ଏନେ ଆନା କାତା ଆଜାନା ନକିକି ନକିକି ଆଇସେଞ୍ଜୁ । ନାଜୁ ତାଇ ଆଙ୍ଗ ସାକା ଇଦେବେଏ କାତା ଆନୁ, ମଦେରି ଆଜା ସୁତ୍ର ମେହାନା ଏଆନି ରେଡିତାନି ଆହାନା ଜିଇସି ଗିଆନା ନେଡେ ତ୍ରେପ୍‌ତାତେ ଏଙ୍ଗା ଗୁଲେଏ ତାଇ ଆଜାନା ଏଆନି ଗୁଡୁ ଗ୍ଡୁମ୍‌ନା ତେଜିତୁ ।

ବୁଡା ଆବା ସାବାବେଅଟି ମଦେର ଆଜା ଇଜ ରଣ୍ଡେନେ ରାହି ଆଇନେ । ତାଡ଼ା ମୀଡା କାନିଇ ମାରାନା ପଡ଼ି ଗିଆନା ବାଡି ଉଡି ଗିଆନେ । ଲଙ୍କେଶ୍ୱର ସାନବପା ତ ଭୂବନେଶ୍ୱର ଆନି ମାକା ଦେରି ପାଇଟି ଗିପିନେଞ୍ଜୁ । ଆନୁ ବେସେଏ, “ ”ଅ....ଜା, ସାନବପା ବାଜାସେଞ୍ଜୁ ଗିନା ଆନା ଆ ? ସାନମା ଏସେକା ବାଜାନେ ଗିନା ଆଏଜା ?’’ ମଦେରି ଆଜା ଉକଡ଼ି ପ୍ରଁନା ପିହାନା ବେସ୍ତାତେ, “ଆଁଜା, ମୀ ସାନବପା ଡ଼ାଣ୍ଡୁ କୁଡିଙ୍ଗା କବା ଛୁଟି ତାନିଇ ବାଜା ମାସେଞ୍ଜୁ । ସାନମା ନିଙ୍ଗେ ପୁଅଇ ଆହାନା କାରୁଡ଼ାଇ ବାତୁ, ଇମ୍ବା ରାହିଆବା ସାଞ୍ଜେଏ, ସିରୁ ମୀବା ଇଡୁକି ଜାଡ଼ାସାଲ୍‌ବା ବାହା ସିଡେଏ ଇଞ୍ଜାନା ଏସିଗାଲାନେ ବ୍ଦେଡୁ । ନାଇ ଆଙ୍ଗାମୀଡ଼ାଇ କାନୁବୁକ୍‌ନା ମେଃପାବେଏ ପାନାଆ ତେନୁ ।” ମଦେରି ଆଜା କିନ୍ ଇଞ୍ଜାନା ଏସ୍ତି ରାଇଜତିକି ସିନାଆ ସାଜାସେ । ଆନୁ ବେସେଏ, “ଗିନା ଆଜା, ଈନୁ ସାନବପା ବାହାଙ୍ଗି ସାଜି ସିଡାଇ ଆନାକି ?’’ କାଣ୍ଡୁକା ପୂକ୍‌ନା ଇଞ୍ଜାତେ “ଆଏଜା, ମୀ ବୁଡାତାରା ଇଡୁ ତୁହାନା ଏମ୍ବେକି ସାଇ ? ମାନି ଜାଇକ ମାଇ । ଭୂବନେଶ୍ୱର ଗାଡ଼ି ମଟ୍ରଙ୍ଗା ବାହାଙ୍ଗି ନାଙ୍ଗେ ଜୀଉ ଅପି ସିଡାରାଏ । ଆରେଏ ନାଇ ରାଜେନି ଆକାଆ ଏଲୁ ଦାଃପିନାନେ । ମୀ ସାନବପା ତ ମବେଲ ଆଃପି ନେଞ୍ଜୁ । ମାଦେଏ ମାଦେଏ ଇକେ ଫୋନ ଗିଆତାକେ ସଦିବେଲେ ପୁଇମା ।’’

ଏସିଗାଲା କଡିଙ୍ଗା ସଡାତୁ । ଆନୁ ଉତେଏ ଇଜକି ସାସେଏ । ବେଇଟି ଆନୁ ମାଇ ବଉନିଙ୍ଗେ କାଣ୍ଡିଙ୍ଗା ଲେପ୍‌କିସି ଲାଗୁଡ଼ି ମାହା ପାହେରି ସାସେଏ । ଲାଗୁଡ଼ି ମାହା ନେଡେଟି ମାନି କପ୍‌କା ବାଡିଙ୍ଗାନି ଇଦେଏ ଗାନ୍ଦାସଲା ପୋକଶୁଙ୍ଘା ବାରମାସିଙ୍ଗା ବାଡି ଆଜାନୁ । ଗସା ବିହାନେ ଏଙ୍ଗା କାଙ୍ଗାସରୁ କାତା କୂବାନେ ଇଦେ

ଯବାନଝିଅମାନଙ୍କୁ ଦେଖି ଟ୍ରକ୍ ଭିତରେ ବସିଥିବା ଜଣେ ପୋଲିସ୍ ଇନ୍‌ସ୍ପେକଟର ଟ୍ରକ୍ ଡାଲାକୁ ଉଠି ଆସିଲେ ଏବଂ ଝିଅମାନଙ୍କୁ ବ୍ୟଙ୍ଗ ବିଦୃପ କରିବାକୁ ଲାଗିଲେ । ଆମ ସାହିର ମାଉସୀମାନେ କହନ୍ତି ଚାଲିଲା ଟ୍ରକ ଉପରେ ମଦର ମାଆ ସେଇ ହୀନବୁଦ୍ଧିକୁ ସୁଯୋଗ ଦେଖି ଟେକି କଚାଡ଼ି ଦେଲେ ଏବଂ ସମସ୍ତେ ମିଶି ତା'ଉପରେ ବିଧା ଗୋଇଠା ଅଜାଡ଼ି ଦେଇଗଲେ ।

ଜେଜେ ଚାଲିଯିବା ପରେ ମଦେର ମାଆ ଘରେ ଏକୁଟିଆ ରହୁଛି । ତାଙ୍କର ପିଲାମାନଙ୍କୁ ଯତ୍ନରେ ପାଠ ପଢ଼େଇ ବଡ଼ କରିଛନ୍ତି ସେ । ଲଙ୍କେଶ୍ୱର କକା ତ ଭୁବନେଶ୍ୱରରେ କ'ଣ ଗୋଟେ ବଡ଼ ପଦବୀରେ ଅଛନ୍ତି । ମୁଁ ପଚାରିଲି, ମାଆ, କକା ଘରକୁ ଆସିଥିଲେ କି ? ଖୁଡ଼ିବି ଆସିଥିଲେ ନା ନାହିଁ? ଲମ୍ବା ନିଶ୍ୱାସଟିଏ ଛାଡ଼ି ମଦେର ମାଆ କହିଲେ, "ହଁ ମା, ତୋର କକା ଗତ ଧାନକଟା ଛୁଟିରେ ଆସିଥିଲେ । ସାଙ୍ଗରେ ତୋ ଖୁଡ଼ି ଆଉ ନାତିଆ ପୁଅ ନେଇ କାର୍‌ରେ ଆସିଥିଲେ । ଏଠାରେ ରହିବା ଅସୁବିଧା, ଗାଧୁଆଘର ନାହିଁ, ପାଇଖାନା ନାହିଁ କହି ସେହିଦିନ ହିଁ ଚାଲିଗଲେ । ନାତି ପିଲାକୁ ଟିକେ ଆଖି ପୁରାଇ ଦେଖି ପାରିଲି ନାହିଁ "। ମଦେର୍ ମାଆର ଆଖି ଛଳ ଛଳ ହୋଇ ଆସିଲା । ମଦର୍ ମାଆ କିଛି କ୍ଷଣପାଇଁ ଚୁପ୍ ହୋଇଗଲା । ମନ ତା'ର କେଉଁ ଦୂର ରାଇଜକୁ ଚାଲି ଯାଇଥିଲା । ମୁଁ ପଚାରିଲି, "ମାଆ ! ତୁମେ ଭୁବନେଶ୍ୱର ଯାଉନ କାହିଁକି ?'' ବାଷ୍ପଭରା କଣ୍ଠରେ କହିଲେ, "ତୋର ଜେଜେର ଏଇ ଘରକୁ ଛାଡ଼ି ମୁଁ ଆଉ କୁଆଡ଼େ ଯିବି ? ଥିବା ଯାଏଁ ଥିବି । ଭୁବନେଶ୍ୱରରେ ଗାଡ଼ି ମଟର ଭିଡ଼ ଶୁଣି ଯିବାକୁ ମନ ହେଉନି । ଖାଲି ଟିକେ ମୋ ରଜାକୁ ମୋ ମନ ଖୋଜି ହେଉଛି । ତୋ କକା ତ ହାତରେ ମୋବାଇଲ୍ ଧରି ରହୁଛି । ମଝିରେ ମଝିରେ ଟିକେ ଫୋନ୍ କଲେ ସୁଖ ଦୁଃଖ ଜାଣି ପାରନ୍ତି ।"

ସେଦିନ କଥା ହେଉ ହେଉ ସଞ୍ଜ ନଇଁଲା । ଗାଁ ଗାଇଗୋଠ ଆସିଗଲେ । ମୁଁ ତରତରରେ ଆମ ଘରକୁ ଫେରି ଆସିଲି । ତା'ପରଦିନ ଭାଉଜ ସହ ମିଶି ଦାନ୍ତ କାଠି ଭାଙ୍ଗିବା ବାହାନାରେ ଆମ୍ବିଳି ରାସ୍ତାରେ ଗଲୁ । ଆମ୍ବିଳି ଗଛ ତଳର ଚିକକ୍ଣ ପଥରଗୁଡ଼ିକ ଚାରିପଟେ ଏବେ ପୋକ ଶୁଂଘା, ବାରମାସୀ କଣ୍ଟା ବୁଦା ବଢ଼ିଲାଣି ।

ଅଟେ ଲକୁ ଦେହା ଇପାହେରି ବାଇ ସିଡେରୁ । ଲକୁ କାତା ଡ଼ାଇ ଉର୍ମି ଆଇ ମାସି ଲାଗୁଡ଼ି ମାହା ଇଦେଏ ସିଃପି ମାନେ । ନାଙ୍ଗେ ଇସ୍ତାତେ ଲାଗୁଡ଼ି ମାହା ବେଏ ମଦେରି ଆଜାନି ଡେଃଙ୍ଗି ରଣ୍ଡେନେ ନିଶାନା ମାନେ । ମାହା ତୁନ୍ଧି ପଲା ଆତେ ଡେଏ । ଏମ୍ଭାଇ ପୁଞ୍ଜାନେ ଇରି ଅଟେ ଏସେ ଦିନା ନିଶାନା ରାହି ଆନେ ? ଇଆଡ଼ିନି ଡୂଗାତାନି କାହି କାହି ବାଡି ଆଜାମାନି ମୀଡାଙ୍ଗା, ଦୂରୁ ଦିନାତା ମାନାକା ଉଜେଏ ଗିଁନା ରନିସି ଇମ୍ଭାଙ୍ଗି ବ୍ଲେଡ଼ାନେରୁ ?

ଇଃଙ୍ଗିତ ଆଏ... ମୀତାଙ୍ଗାନି ବ୍ଲେତାନି ଜାଇକ ଲାଗୁଡ଼ି ମାହା ଡିମ୍ଭୁତିଞ୍ଜାନା ବିରାଆ ମ୍ଲିଆ ଦୁଃଏ ?

❖❖❖

ଜଙ୍ଗଲ ସରି ଆସିବାରୁ ଏବଂ କାନ୍ଦୁଲ ଚଷ (ପୋଡୁଚାଷ) ବନ୍ଦ ହେବାରୁ ଏ ବାଟରେ ଲୋକମାନଙ୍କର ଯିବାଆସିବା କମ୍ ହେଉଛି । ଏଡ଼େ ବଡ଼ ଆମ୍ବ ଗଛର ଗଣ୍ଡିଟା ଭିତରୁ ଉଇଖାଇ ଫମ୍ପା ହୋଇ ଯାଇଛି । କିଏ କହିବ, ଏଇ ଆମ୍ବିଳି ଆଉ କେତେଦିନ ଠିଆ ହୋଇ ପାରିବ ? ଏହାରି ଛାଇରେ ଖେଳି ଡେଇଁ ବଡ଼ ହୋଇଥିବା ପିଲମାନେ, ଯାଇଥିବା ଦୂର ରାଇଜରୁ କ'ଣ ଦିନେ ଫେରି ଆସିବେ ?

ଏମିତି ହେବନି ତ ... ପିଲାମାନେ ଫେରିବା ବେଳକୁ ଆମ୍ବିଳି ଉଇ ଲାଗି ମାଟି ପାଲଟିଥିବ !

❖❖❖

# ନାଡି କାଲୁ

ମାଇ ମୀଡା ବେଲା କାଡା । ବିଲୁଡ଼ି ଆଡେକା ଆଜା ଇଞ୍ଜାନେ, ଏବା, ମସୁରଡାଲି ଆଠଣା, ଗୁଡ଼ାକି ସୂକେକା ଏଙ୍ଗା ନାଶ ସୁକେକା ତାରା ତାକାମୁ । ନାଶ କାଡା ନାଡ଼ିକାଲୁ ଦୁକାନି ତାରା ତାକାମୁ । ବେଗାରି ତାରି ନାଶ ଗ୍ଡମ୍‌ନା ସେପି ସିଡେ । ନାଇ ଦେରାନି ଆଡି ଡ଼ାମନା ଏଲୁ ଗିପିସେ ଦେରି ଦେରି ସିର୍ କରାଙ୍ଗା ଗାଟାଞ୍ଜୁ ଲାମ୍ବା ଲାମ୍ବା ଉଙ୍ଗୁଲାକା ପିହାନା ଦୁକାନିଆ କପ୍‌କିମାନି ସାହୁକାର ପାଦା ଆଇନେ ନାଡ଼ିକାଲୁ । ଏଆନି ପାଦା ମାଇସେଲୁ ନାଡ଼ିକାଲୁ । ନାଡ଼ିକାଲୁ ମୀଡ଼ାଙ୍ଗାନି ବେଗାଲି ଡେଃଙ୍ଗି ସେସେ ସେସେ ଗିଆତେଞ୍ଜୁ । ଏଆନି ଦୁକାନି ତାନି ଦଶପାଇ ଡ଼ାଇ ହାଲୁଆ କାଣ୍ଡେକା ମେଲି ଆଇସେ । ଆମୁ ମୀଡାକା ଏସେକା ବେଲେ ଦଶପାଇ ପାଟେକା ହାଲୁଆ କଡା ସେଲୁ ଏମ୍ବାଙ୍ଗି ଦେଗାଇ ମାସାମୁ । ହାଲୁଆ ଏସେ ସେପିସେ, ଆନାଡ଼ାଇ ଆଜାମାନେ ପୁନ୍‌ମ୍ବା ଆଗନେ ଏରି ବିହାଇ ମାସେ ।

ନାଡ଼ିକାଲୁ ପ୍ଡିସାନା ସମଦମ ଗାଟାଞ୍ଜୁ । ଦେରି ଦେରି ସିରକରାଙ୍ଗା ପିହାସେଞ୍ଜୁ । ର ବାସାରି ନାଟ ଏନ୍ଦା ଗ୍ରାମ୍ବିତାନି ଏଆନି ରାଜେଞ୍ଜୁ ପାର୍ଟି ସୀବା ଆଜାସେ । ଡ୍ଲାଉତାନି ଦେରାଡ଼ା ମୁକୁଟ କିଆନା ଦେବା କାଜୁତାନି ସିଣ୍ଡାଲେଞ୍ଜା ତେରସାନା ଏଙ୍ଗା ରୀମିରୁ ତାରା ଖଣ୍ଡା ଆହାନା ନାଡ଼ିକାଲୁ ଏସେରିବେଲା ସ୍ତୁହ୍‌ତାତେଞ୍ଜୁ ଆମୁ ମୀଡାଙ୍ଗାନାମୁ ଏଆନି ପୁନ୍‌ମ୍ବା ମୂଆତାମୁ । ପଣସି ଡ଼ୂଗାଙ୍ଗାନି ଆମୁ କାରା ଗାଲା କାହାଇ ସାକେ ନାଡ଼ିକାଲୁ ଡେଃଙ୍ଗି ରାଜେଞ୍ଜୁ ସ୍ତୁଃପା ତିକି ସୀଲା ଆଃପି ସାମୁ ।

ରନିସି ଆନୁ ମାଇ ଆଜାନି ବେସେଏ, ଆଜା ନାଡ଼ିକାଲୁତ ଶାସିଲକୁତାଞ୍ଜୁ, ଏଆନିତାରି ପାଦା ଇସିଙ୍ଗିଆନା ନାଡ଼ିକାଲୁ ଆଡେ ? ନାଡ଼ିକାଲୁ ଇସେକା ଆନାରି ?

ନାଡ଼ିକାଲୁ ଏସେରିବେଲା ଘାଟି ନାମ୍ବାନା ମାଇଦିନା କି ବାଜା ମାସେଞ୍ଜୁ, ଏଆଞ୍ଜୁ ରଣ୍ଡା ଟପା ଏଙ୍ଗା ମୁଡା ଆହାନା ବାଜାସେଞ୍ଜୁ ଇଞ୍ଜି ଲକୁ କାଡା ଆଇନେରୁ ।

# ରାମ ବାଣ

ଆମ ପିଲା ବେଳର କଥା । ବେଳ ନଇଁ ଆସିଲେ ମାଁ କହନ୍ତି, "ବାବୁରେ, ମସୁରି ଡାଲି ଆଠଅଣା (୫୦ ପଇସା) ସୁଉକିଏ (୨୫ ପଇସା)ର ଗୁଡ଼ାଖୁ ଆଉ ସୁଉକିଏର ନାଶ ନେଇ ଆସ । ହଁ, ନାଶଟା କିନ୍ତୁ ନାଡ଼ିକାଲୁ ଦୋକାନରୁ ହିଁ ଆଣିବୁ । ଅନ୍ୟ କାହାର ଜମା ସୁଆଦ ଲାଗୁନି ।" ମୁଁ କେତେ ବଡ଼ ହେଲା ଯାଏଁ ବି ଭାବୁଥିଲି, ଏଇ ଯୋ ପଚ୍ଚ ପଚ୍ଚା ନିଶ, ଲମ୍ବା ଲମ୍ବା ନଖ ରଖି ଦୋକାନରେ ବସୁଥିବା ସାହୁକାରର ନାଆଁ ନାଡ଼ିକାଲୁ । ବାସ୍ତବରେ, ତାହାର ନାଆଁ ମୋ ଭଳି ଦୋକାନ ଦଉଡ଼ା ପିଲାଙ୍କ ପାଇଁ ନାଡ଼ିକାଲୁ । ନାଡ଼ିକାଲୁ ସାହୁକାର ଅନ୍ୟମାନଙ୍କ ଭଳି ପିଲାମାନଙ୍କୁ ଛେ ଛା କରନ୍ତି ନାହିଁ । ତାଙ୍କ ଦୋକାନରେ ଦଶ ପଇସା ଦେଲେ ଖଣ୍ଡେ ହାଲୁଆ ମିଳୁଥିଲା । ଆମେ ସବୁ ପିଲାମାନେ କେତେବେଳେ ଦଶପଇସାଟିଏ ପାଇଲେ ସିଧା ସେଠାକୁ ଦଉଡୁଥିଲୁ । ହାଲୁଆଟା କେତେ ସୁଆଦିଆ କେଉଁଥିରୁ ତିଆରି ବୁଝିବା ଆଗରୁ ହାଲୁଆ ଆମ ଜିଭରେ ମିଳାଇ ଯାଉଥିଲା ।

ନାଡ଼ିକାଲୁ ସାହୁକାର ଲମ୍ବା ଚଉଡ଼ା ହୋଇ ମଜ୍‌ବୁତ୍ ମରଦ ଟିଏ । ପଚ୍ଚା ପଚ୍ଚା ନିଶ ରଖିଥିଲେ । ଏଥିପାଇଁ ବର୍ଷଟିଏ ଗାଁରେ ନାଟକ ଶିଖିବା ବେଳେ ରଜା ଭୂମିକା ତାଙ୍କୁ ହିଁ ଦିଆଗଲା । ମୁଣ୍ଡରେ ଗୋଟିଏ ବଡ଼ କିରୀଟ ପିନ୍ଧି ବାଆଁ ହାତରେ ଉତ୍ତରୀୟ ଗୁଡ଼ାଇ ଏବଂ ହାତରେ ଦୁଇ ହାତିଆ ତଲବାର୍ ଧରି ନାଡ଼ିକାଲୁ ସାହୁକାର ଯେତେବେଳେ ମଞ୍ଚକୁ ଆସିଲେ ଆମେ ସବୁ ପିଲାମାନେ କେହି ଚିହ୍ନି ପାରିଲୁ ନାହିଁ । ଖରାଦିନ ଦୁଇ ପହର ବେଳେ ପଣସ ଗଛ ତଳେ ଖେଳ ସମୟରେ ରଜା ହେବା ପାଇଁ ଆମ ଭିତରେ ଟଣାଓଟରା ହେଉଥିଲା । କହିବାକୁ ଗଲେ ରାଜା କହିଲେ ଆମେ ନାଡ଼ିକାଲୁ ସାହୁକାରକୁ ହିଁ ବୁଝୁଥିଲୁ ।

ଦିନେ ମୁଁ ମୋ ମାଆକୁ ପଚାରିଲି, ମାଆ, ନାଡ଼ିକାଲୁ ତ ଓଡ଼ିଆ ଲୋକ, ହେଲେ ତା'ର ନାଆଁ କେମିତି ନାଡ଼ିକାଲୁ ହେଲା ? ନାଡ଼ିକାଲୁର ମାନେ କ'ଣ ?

ପୂର୍ବାପର ପ୍ରସଙ୍ଗ ଦେଇ ମାଆ ମୋତେ ବୁଝାଇଲେ । ଲୋକେ କୁହନ୍ତି, ନାଡ଼ିକାଲୁ ସାହୁକାରର ଯେତେବେଳେ ଘାଟି ଡେଇଁ ଆମର ଏଇ ଅଞ୍ଚଳକୁ ଆସିଥିଲେ, ସେ ହାତରେ ଗୋଟିଏ ବାଉଁଶ ରଙ୍ଗୁଡ଼ି ଆଉ ଡାଲଟିଏ ଧରି ଆସିଥିଲେ । ନୂଆଁ

ପୂନି ପୂନି ବାଜାନା ଲକୁରିକେ ଆଡାତିକି କାଲୁ ସଡୁ ଇସେକା କାଲୁବାଜିନି ବାହାତିକି ନେତକି ସାଜାନା କାଲୁ ଉନ୍‌ମ୍ଭା ସାଜିସେଞ୍ଜୁ । ଇର୍ପିକାଲୁ ବାଜିନାନି ସେଣ୍ଡାକାଲୁ ନାଡ଼ି ତାନି କିଡେକା ଏମ୍ଭା ନାଡ଼ି ଆଃନେ । ଏ କାଲୁ ତିନି ନାଡ଼ିକାଲୁ ଇନେରୁ । କାଲୁ ସଡୁ ତାନି ନାଡ଼ିକାଲୁ ତାଡ଼ା ବେପାରି ଗିନାରାଆ ନୂଡ଼େ କାତା ପାଟେଞ୍ଜୁ । ଏ ବେଅଟି ଏଆଞ୍ଜୁ ଟପାତାନି ଗୁଡ଼ାଖୁ ନାଶ ଡୁସାନା ପ୍ରାପା ଅଡେକା କୂକତେଞ୍ଜୁ "ନାଡ଼ିକାଲୁ ... ନାଡ଼ିକାଲୁ, କଡିବାଦୁ ଜା ନାଡ଼ିକାଲୁ !" ଏକା ମେହଅ, କୁଇ କାତା ତାରି ପଦେକା ନାଡ଼ିକାଲୁଇ ଏମ୍ଭେଡ଼ାଇ ଏମ୍ଭେକି ଅଆନା ଇଟିତେ । ନେଞ୍ଜୁ ଏଆନିବାହା ଆନାରି ସିତେ ? ରୁଟୁ କେରି ବଜାର ତାନି ଏସଲି ଇଟ୍‌କା, ଇଡୁଲାଇ କାଟେକା ମେଃଦି ଗିନା କାଟେ ଡାଲାଇ ବାନ୍ଧା ଆହାମାନି ତାମ୍ଭାଙ୍ଗା ମାଣ୍ଡିଙ୍ଗା ।

ନାଡ଼ିକାଲୁ ତାରି ଟପା ଦୀରେ ଦୀରେ ଗାମେ ପୀଗିଡ଼େ । ଗସି ତାକା ଜାକ ନାଡ଼ିକାଲୁ ତାରା ନାଶ ଗୁଡ଼ାକି ଅଡ଼୍‌ପା ଟଣ୍ଡିତେରୁ । ନାଡ଼ିକାଲୁ ଅଟେଏ ନାସ୍କା ନାସ୍କା ପସରା ତ୍ରେହଡ଼ାଇ ବଇଦ ତାଞ୍ଜିତାରା ବାଡ଼ା ଦଶୁମିରୁ ଜାସାନା ଏମ୍ଭା ଇଡୁ ଗିତେଞ୍ଜୁ । ତାଡ଼ା ଦେଶାଡ଼ାଇ ତାଡ଼ାକୁଡ଼ା ମୀଡା ବଦା ଅତାତେଞ୍ଜୁ । ଏଆଞ୍ଜୁ କୁଇକାତା ଗ୍ରାମ୍ଭିତେଞ୍ଜୁ ଏଙ୍ଗା କୁଇ ଦିନା ତିନି ତାନ୍ଦାରା ଦିନା ଗିଆନା ଇମ୍ଭାନେ ରାହି ଆତେଞ୍ଜୁ ।

ଆନୁ ପଢ଼ିଆବା ତିକି ଏସେ ବାସାରି ବିଦେଶ ତାନି ରାହି ଆଜାନା ନାଟକି ସାଜା ମାସେ । ନାଡ଼ିକାଲୁ ଦୁକାନୀ ବିଞ୍ଜକି ଆମୁ ତ୍ରେବା ସାଜିସାମୁ । ନାଡ଼ିକାଲୁ ତ ଆଜା ନାଙ୍ଗେ ପ୍ଲାତାତେ, ପୁଅ କେବେ ଆସିଛୁ ? ଆନୁ କିର ଇଞ୍ଜାନା ମେଃତେ, ଆଜା ନି ଟ୍ଲାଉତାନି ସିନ୍ଦୁର ସିଡାତେ । ନାଇ କାନୁ ନକିଟି ମାଇ ମୀଡାବେଲାତାଞ୍ଜୁ ରାଜେଞ୍ଜୁ ତାରି ମୁହୁବାନା ତୃପକା ତଞ୍ଜାରାତେ ।

❖❖❖

ନୂଆଁ ମାଳ ଅଞ୍ଚଳକୁ ଆସିଥିବାରୁ ଲୋକଙ୍କ ସହ ମିଶିବା ପାଇଁ ମହୁଲି ରନ୍ଧା ଜାଗାକୁ ଯାଉଥିଲେ । ମହୁଲି ରାନ୍ଧିବା ସମୟରେ ହାଣ୍ଡିର ପ୍ରଥମ ମଦକୁ ନିଆଁରେ ଢ଼ାଳିଲେ ସେଥିରେ ନିଆଁ ଲାଗିଥାଏ । ଏଥିପାଇଁ ଏହାକୁ ନାଡ଼ିକାଲୁ ବା ଜଳନ୍ତା ମଦ କୁହାଯାଏ । ଏହି ମଦରନ୍ଧା ସ୍ଥାନରୁ ନାଡ଼ିକାଲୁ ଯେମିତି ଗୋଟିଏ ନୂଆ ଫର୍ମୁଲା ପାଇଗଲେ । ଏହାପରେ ଯେତେବେଳେ ବାଉଁଶ ଚଙ୍ଗୁଡ଼ିରେ ନାଶ, ଗୁଡ଼ାଖୁ ମୁଣ୍ଡେଇ ସାହି ସାହି ପଶିଲେ, ଡାକ ଦେଲେ, "ନାଡ଼ିକାଲୁ...ନାଡ଼ିକାଲୁ" । ତାଙ୍କର ଏହି ପଦେ କଥାରୁ ସମସ୍ତଙ୍କର ଲୋକପ୍ରିୟ ହେଲେ । ତାଙ୍କର ବ୍ୟବସାୟ ବି ବଢ଼ିଆ ଚାଲିଲା । ଧିରେ ନାଶ, ଗୁଡ଼ାଖୁ ସହିତ ଗୋଟିଏ ଦୁଇଟା କରି ଜିନିଷ ବଢ଼େଇ ଚାଲିଲେ । ଆଜି ତାଙ୍କ ପାଖରେ ଆଉ କ'ଣ ନାହିଁ ? ମେଇନ୍ ରୋଡ଼ ଉପରେ ଧାଡ଼ିଏ ଘର! ଘର ଭିତରେ ମୋଟା ମୋଟା ଶାଗୁଆନ୍ ଖଟ ଆଉ ସେଇ ସବୁ ଖଟ ତଳେ ଲୋକଙ୍କଠାରୁ ବନ୍ଧାରେ ଥିବା ମାଳ ମାଳ ପିତଳ ହାଣ୍ଡି ଆଉ ମାଠିଆ ।

ନାଡ଼ିକାଲୁ ସାହୁକାରର ବ୍ୟବସାୟ ବଢ଼ିଯିବାରୁ ସେ ଆଗ ଭଳି ମୁଣ୍ଡରେ ପସରା ଧରି ସାହି ସାହି ବୁଲିଲେ ନାହିଁ । ହେଲେ ଲୋକମାନେ ତାଙ୍କର ନାଶ, ଗୁଡ଼ାଖୁ ଆଉ ପଦେ କଥାରେ ପାଗଳ ହୋଇ ଯାଇଥିଲେ । ଆମ ଗାଁ ବଇଦ ବାପାଙ୍କଠାରୁ ରାସ୍ତାକଡ଼ ଜାଗା ଖଣ୍ଡେ କିଣି ଘର ତିଆରି କଲେ । ତଳ ଦେଶରୁ ନିଜର ସ୍ତ୍ରୀ ପିଲାଙ୍କୁ ଆଣି ଏଠାରେ ରଖିଲେ । ପଦେ, ଦୁଇ ପଦ କରି ଶିଖୁ ଶିଖୁ ସେ ଭଲ କରି କୁଇ କଥା କହି ପାରିଲେ ଏବଂ ଏଇ କୁଇ ଦିନାକୁ ନିଜର ବାସସ୍ଥାନ କରି ଗାଁ ଲୋକଙ୍କ ସହ ଏକାକାର ହୋଇଗଲେ ।

ଏଇ ଭିତରେ ସମୟ ଗଡ଼ି ଚାଲିଲା । ଗାଁ ସ୍କୁଲରୁ ପାଠ ସାରି ହାଇସ୍କୁଲ, କଲେଜ ପଢ଼ି ବାହାରେ ଚାକିରି କଲି । ଏ ମଝିରେ ଗାଁକୁ ଅନେକ ଥର ଯାଇଛି ହେଲେ ନାଡ଼ିକାଲୁ ସାହୁକାରର ହାଲୁଆ ଖାଇ ପାରିନି । ଗତ ଛୁଟିରେ ଗାଁକୁ ଯାଇଥିଲି । ଆମେ କେତେ ଜଣ ସାଙ୍ଗ ନାଡ଼ିକାଲୁ ଦୋକାନ ସାମ୍ନା ଦେଇ ଗପ କରି ଯାଉଥିଲୁ । ହଠାତ୍ କିଏ ଜଣେ ପଛରୁ ମୋର ଡାକ ନାଆଁ ଧରି ଡାକିଲା । ମୁଁ ପଛକୁ ଫେରି ଚାହିଁଲି । "ପୁଅ, କେବେ ଆସିଛ ?" ନାଡ଼ିକାଲୁ ସାହୁକାରଙ୍କ ସ୍ତ୍ରୀ ପଚାରିଲେ । ମୁଁ ତାଙ୍କୁ ନମସ୍କାର କଲି । ତାଙ୍କ ହାତରେ ଶଙ୍ଖା କି ମଥାରେ ସିନ୍ଦୁର ନଥିଲା । ଆଉ ବୁଝିବାକୁ କିଛି ବାକି ରହିଲା ନାହିଁ । ମୋ ଆଖି ଆଗରେ ସେଇ ପଚା ପଚା ନିଶ, ଲମ୍ବା ଲମ୍ବା ନଖ ରଖିଥିବା ଆମର 'ରଜା' ନାଡ଼ିକାଲୁ ସାହୁକାରର ଛବି ମୋ ଆଖି ଆଗରେ ସ୍ପଷ୍ଟ ଭାସି ଆସୁଥିଲା ।

❖❖❖

# ବାବଡ଼ି

ଅରଡ଼ିବିଟ୍ ନାଲ୍ଗୁଡ଼ାଇ ମଣ୍ଡାସରୁ କୁଟି ଗ୍ଲାସାନା ବିରେନ୍ଦ୍ର ଏସେରି ବେଲା ଭୂବନେଶ୍ୱର କି ଏତାତେଞ୍ଜୁ ଏଆନି ତାଇ କାନ୍ଙ୍ଗା ବାଣିବୁଣୁ ଆତୁ । ଆଅମା ବେଏ ଇସିଙ୍ଗି । ରାଜଧାନୀ ତାନିତ ଉଜାଡ଼ି ନାଡାଙ୍ଗି ରଣ୍ଡେନେ । ଇମ୍ଵା ନାଟନି ଡେଃଙ୍ଗି ପାନାଙ୍ଗା କରାଇ ସିଡାତୁ କି ଝିଲିମିଲିଙ୍ଗା ଉଜାଡ଼ି ଗିପିସିଡାତୁ । ହଷ୍ଟେଲ କିଡ଼୍କିଡାଇ ତାରି ଦିନା ଦେଶା  ଉଜେନେ ଏସେ ବେଗାଲି । ଇ ଦିନାତାନି ତ ପାନ୍ମ୍ଵା ପୁନ୍ମ୍ଵା ଗୁଲେ ପୁରି ଆଜାନା ମାନେ । ମାଇ ନାଟ ତାନି ତ ସରୁତାଇ ବେଏ ମେଡ଼ାଙ୍ଗାଜାକା ବିହାଇମାନୁ ।

ବିରେନ୍ଦ୍ର ନୂଆଗାଁ ଆଶ୍ରମ ଇସ୍କୁଲଡ଼ାଇ ସଟେକାଡ଼େନେ ମେଟ୍ରିକ୍ ପାଶ୍ ଆଜାନେଞ୍ଜୁ । ତାଡ଼ା ନାଲ୍ଗୁଡ଼ାଇ ନେଞ୍ଜୁ ଟୁକ୍ନା ଏମ୍ବାଇ ଇଆଡେଃଙ୍ଗି ପାଶ୍ ଆଆ ସିଡାତେ । ଆବା ପୋଷ୍ଟମାଷ୍ଟ୍ର ମାନେଞ୍ଜୁ । ଏ ଆଡ଼ିକି ବିରେନ୍ଦ୍ରଇ ଭୂବନେଶ୍ୱର କଲେଜ ତାନି ପଡ଼ିଗିବା ଦାଃତେଞ୍ଜୁ । ଭୂବନେଶ୍ୱର କି ବାଜାନା ର ଆଟା ମାଦେ ବିରେନ୍ଦ୍ର କେଶରୀ ସିନେମା ଡ଼ାଇ ଟଣ୍ଡାନା ଖଣ୍ଡଗିରି ଗୁମ୍ଭାଙ୍ଗା ଡ଼ାମ୍ନା ଗୁଲେ ତ୍ରେତେଞ୍ଜୁ । ଉଜେନେ ଇ ଦିନାତାନି ଆନାରି ସିଡେଏ ଇଞ୍ଜାନା ସିଡେଏ । ଏଙ୍ଗା ...... ନାଟ ? ଆନାରିମାନେ ଇଞ୍ଜାନା ସିଡେଏ । ଗାଡ଼ିଙ୍ଗାଡ଼ାଇ ତ୍ରେତେକା ବେଏ ବିହାନି ଇ ସହର ନକିଟି ମାନ୍ଦେ ନାଲ୍ଗୁ ଆନାରି  ? କଲେଜ ତାନି ମୀଡାଙ୍ଗାନାରା ନିଙ୍ଗା କପ୍କା ପାଠ ଏଙ୍ଗା ମାର୍କ ମେହାନାତ ଏଆନିତାରି ଏଲୁ ଡୂମ୍ବିତେ । ମାଇନାଲ୍ଗୁତିକି ପ୍ରଥମ ସଟେକାଡ଼ାଇ ପାଶ ଇଞ୍ଜାନା ମାସାରି ରେହା ତୋର କୋଉ ସ୍କୁଲ ? ପରସେଣ୍ଟ୍ (%) କେତେ ଅଛି ? କୋଉ District ରୁ ଆସୁଛୁ ? ତୋତେ କେମିତି ସିଟ୍ ମିଳିଲା ? ଇଃଙ୍ଗି ଏସଲି ପ୍ରଶ୍ନମାଦେ ନାଡିସି କୁତୁକୁଏଡ଼ି ଡେଃଙ୍ଗି ଏମ୍ବେକିସିକି ବ୍ରିଙ୍ଗ୍ ଇସେ । ଏଆନି ଇସ୍ତେ ଯେ, ଆନିବାହାତିଙ୍ଗି ବାଜାନା ଦିତେ, ଗେଟେ ଆନୁ ରାଇକାଣ୍ଡ କି ବାଲିଗୁଡ଼ା କଲେଜ ତାନି ପଡ଼ିଆଜା ଦୁହିମା ଇଆଡେଃଙ୍ଗି ହଜାରେ ପ୍ରଶ୍ନଙ୍ଗାନାରା ଉତ୍ତର ସୀବା ଦିଏମା । ଇହିଙ୍ଗିତାଇ ପ୍ରଶ୍ନଙ୍ଗା ଏ ଆନି ଦୀରେ ଦୀରେ ଏଲୁତାନି ଆଜି ଗାଡ଼ି ଗିତୁ । ଏ ଆଞ୍ଜୁ ମୀଡ଼ାଙ୍ଗାନି ପୁଞ୍ଜାଡ଼ାଇ ଗେଞ୍ଜାନା ରାହିଆବା ଦାଃ ତେଞ୍ଜୁ । ଏଲୁତା ବାଇସେ ମାଇ ନାଟ ଗାଡ଼ିଆବା ତାରି ଆନାରି ମୁଲୁ ସିଡେ । ଗସାତାନି ଗସା

# ଖାପଡ଼

ଅଖ୍ୟାତ ଅରଡ଼ିବିଟ ଗାଁରୁ ମଣ୍ଡାସରୁ ଘାଟି ଡେ଼ଇଁ ବୀରେନ୍ଦ୍ର ଯେତେବେଳେ ଭୁବନେଶ୍ୱର ପହଞ୍ଚିଲା, ତା'ର ଆଖି ଖୋସି ହୋଇଗଲା । ନ ହୁଅନ୍ତା ବା କେମିତି ? ରାଜଧାନୀରେ ତ ଦିନ ରାତିଏକା । ଏଠାରେ ଗାଁ ଭଳି ବେଙ୍ଗର କେଁକଟର ନାହିଁ କି ଜୁଳୁଜୁଳିଆ ପୋକର ଝିଲିମିଲି ଆଲୋକ ନାହିଁ । ହଷ୍ଟେଲ୍‌ର ଝରକା ଦେଇ ଦେଖା ଯାଉଥିବା ଦୁନିଆଟା ସତରେ କେତେ ଅଲଗା । ଏଇଠିତ ଧନଧାନ୍ୟ ଜ୍ଞାନ ସବୁ କିଛି ଭରି ରହିଛି । ଆମ ଗାଁରେ ପାହାଡ଼ ପର୍ବତରୁ ଜାଳକାଠ ବି ସରି ଆସିଲାଣି ।

ବୀରେନ୍ଦ୍ର ନୂଆଗାଁ ଆଶ୍ରମ ସ୍କୁଲରୁ ଏକାଥରକେ ମ୍ୟାଟ୍ରିକ ପାଶ୍ ହେବାରେ ସେଥିଲା ଗାଁର ପ୍ରଥମ । ବାପା ପୋଷ୍ଟ ମାଷ୍ଟର୍ । ଏଥିପାଇଁ ବୀରେନ୍ଦ୍ରକୁ ଭୂବନେଶ୍ୱରରେ କଲେଜ ପଢ଼ାଇବା ପାଇଁ ଋହିଁଲେ । ଭୂବନେଶ୍ୱର ଆସିବାର ସପ୍ତାହେ ମଧରେ ବୀରେନ୍ଦ୍ର କେଶରୀ ସିନେମାଠାରୁ ଆରମ୍ଭ କରି ଖଣ୍ଡଗିରିର ଜୈନଗୁମ୍ଫା ଯାଏଁ ବୁଲି ଦେଖିଲା । ସତରେ ଏଠାରେ ଆଉ କିଛି ନାହିଁ ବୋଲି ନାହିଁ । ଆଉ ଗାଁରେ କିଛି ଅଛି ବୋଲି ନାହିଁ । ଗାଡ଼ିଧରି ବୁଲିଲେ ବି ନସରିବା ଏଇ ସହର ଆଗରେ ଆମ ଗାଁଟା କେତେ ନଗଣ୍ୟ, ବୀରେନ୍ଦ୍ର ଅନେକ ସମୟରେ ଭାବି ବସେ ।

କଲେଜ ପିଲାଙ୍କ ହାବଭାବ, ପାଠପଢ଼ା ଏବଂ ନମ୍ବର ଦେଖି ତା'ର ମନେ ମନେ ସେ ଡ଼ରିଯାଏ । ଗାଁରେ ତୋର ପ୍ରଥମ କରି ଥର କରେ ମାଟ୍ରିକ ପାଶ ହୋଇଥିବାର ଖୁସି, "ତୋର କେଉଁ ସ୍କୁଲ ? ପରସେଣ୍ଟ (%) କେତେ ଅଛି ? କେଉଁ districtରୁ ଆସିଛୁ ? ତୋତେ ସିଟ୍ କେମିତି ମିଳିଲା ?'' ଏମିତି କିଛି ପ୍ରଶ୍ନରେ ଶୀତ ସକାଳର କୁହୁଡ଼ି ଭଳି କାହିଁ କେଉଁଠି ଉଭେଇ ଗଲା । ତାକୁ ଲାଗିଲା ଯଦି ସେ ରାଇକିଆ କିମ୍ବା ବାଲିଗୁଡ଼ାରେ କଲେଜ ପଢ଼ିଥାନ୍ତା କମ୍‌ସେ କମ୍ ଏଇସବୁ ପ୍ରଶ୍ନର ବାରମ୍ବାର ଉତ୍ତର ଦେବାକୁ ପଡ଼ିନଥାନ୍ତା । ଏଇ ସବୁ ପ୍ରଶ୍ନଗୁଡ଼ିକ ଧିରେ ଧିରେ ତା'ମନରେ ଅଜଣା ଭୟର ଛାଇ ହୋଇ ମାଡ଼ି ବସିଲେ । ସେ ସାଙ୍ଗ ସହପାଠୀଙ୍କ ଠାରୁ ବାଟ କାଟିଲା । ସେ ଭାବୁଥିଲା, ମୋର ଗାଁରେ ଜନ୍ମ ହେବା ହିଁ ମୂଲ୍ୟହୀନ ।

ମାକାଡ଼ାକା ଡେଃଙ୍ଗି ମାଇଲକୁ ରାହିଆଇନେରୁ । ମାଇ ନୀଜୁ ତାନି ଦେରି ଇସ୍କୁଲି ସିଡ଼େ, ନେଗି ପାଠ ଆଇସିଡ଼େ, ମୀଡ଼ାଙ୍ଗା ମାଦେ attitude ସିଡ଼େ, competition ସିଡ଼େ, ଏଆଡ଼ିକି ମାନ୍ଦେ percent ନେଗି ବାଇ ସିଡେ । ନାଟନି ସେଲୁ ଏଆନିତାରି ମାନ୍ୟ କଗାଇ ମାସେ ।

ନାଟ ଲକୁ ତାକା, ଏମ୍ଭାଇକି ବୀରେନ୍ଦ୍ର ସେଲୁ ଦାଦା କକା କି ଆଙ୍ଗ ଆମା ଆଏ, ଏଆରି ମନତା ବୀରେନ୍ଦ୍ର ସେଲୁ ରଣ୍ଡେ ରେହା ଜେଡ଼ା ଗାଡ୍ରି ଆଜାମାସେ । ଏଆରୁ ତାଡ଼ା ମୀଡାକାନି ବୀରେନ୍ଦ୍ର ତାରା ଦହାନା ବେସ୍କି ମାସେରୁ । ଏମ୍ଭାଇ ପୁଞ୍ଜିସେ ଏଆଞ୍ଜୁ ତାନ୍ଦାରା ଜେଡା କପ୍‌କି ସେଞ୍ଜୁ । କାତା ଆଇନେ, ଏଆଞ୍ଜୁ ବାଲୁ କାହିନି ମୀଡା ଆପାକାଞ୍ଜୁ କି ଦେରାଞ୍ଜୁ ମ୍ଭେତ୍ରହେଞ୍ଜୁ ଆପାକାଞ୍ଜୁ ଆନାରି ବେଏ କାତା ଦିତେକା ତାଞ୍ଜିଟାଡି ଏଆନିସେଲୁ ଆନାଡ଼ିକି ଇଆ ଗିଆସିଡାତୁ ଇଞ୍ଜିଦୁସ ସୀବା ରଣ୍ଡେ ସାରା କାତା । ଟାଡି ତାଞ୍ଜି ଯେ ଏସାରା ପାଇଟିକାମା ବାହାନା ଏଆନି ଇସେ ଦୂରୁକି ଏପ୍‌ସାମାଞ୍ଜାନୁ ଏରା ବୁଡ୍‌ଜା ସେଲୁ ଅଟେ ଏଆନି ସପେଏ ବେଏ ଡେଲି ଆଃପି ସିଡେ । ଏଲୁ ଆନା ଇସେକା ବେଏ ନାଟଡି କୁଡିଙ୍ଗା ପ୍ରାସାନା ଆବା ପାଟ୍‌କିମାନି ପାଇଙ୍ଗାନି ଜସାନା ବୀରେନ୍ଦ୍ର ମାସ ପୁରି ଗିପିସେଞ୍ଜୁ । ଏସେ ଡେଲି ସାଜିମାସେ ଏସେ ତାଙ୍ଗେ ଲକୁଡ଼ାଇ କଅକ୍‌ସି ଏଲୁ ଗିଆନା ସେମ୍ଭି ତାଙ୍ଗେନେ ତାଡ଼ା ଡା'କି ଲାଇ ଇଟିନି ଡେଃଙ୍ଗି ଜିକିଜକ ଗିଆନା ନିମ୍ଭାଇ ସେଞ୍ଜୁ । ଏଆନି ତାରି ଏଲୁ ତାଡ଼ାତ୍ରିକ ଇନିଜାକ ଏଆନିତାରି ଏଲୁ ପାଠଡ଼ାଇ ସାଜାନାଙ୍ଗା ଏସ୍‌ଲି ଦାପେ କାତାଙ୍ଗାନି ସଲ୍‌ବା ମୁସାସେ । ଏସ୍ତି ଆଜାଆବା ନାଟ ତାନ୍ଦାରା ରାକାଜାଲା ସିଆନା ଡିମ୍ଭୁଡେଃଙ୍ଗି ତାନ୍ଦାରା ଦେଅଲି ପୁହିପୁନି ତାଙ୍ଗେ ନିଶା ଗିଆସୁ ଏବାସାନି ସେଲୁ ଇଆନି ଏଲୁତା ମାନ୍ୟ କଗାଇ ମାସେ ।

ଭୁବନେଶ୍ୱର ପଡ଼ିଆବା ସାଜାନା ବୀରେନ୍ଦ୍ର ଏସ୍ତିଗାଲା ଛୁଟିଡ଼ାଇ ଇକକି ବାତେଞ୍ଜୁ ଏସିଗାଲା ନାଟନାକା ଆଙ୍ଗେ ଗାଡ଼ି ରେହା ଆଇସେରୁ । ଏମ୍ଭାଇ ବେଏ ଏଆନି ପୂଣ୍ଡା ଆବା ବାଇ ସେରୁ । ବାଇସାକା ମେଃପିସେରୁ ଯେ, ଏଆନି ତାରି ମୁହୁତା ଅଟେ ଆଗ ତାରି ମୁସୁକି ଇନମ୍ଭା ସିଡେ । ଏମ୍ଭାଇ ଇଞ୍ଜିସେ ଏମ୍ଭା ପାଠ ଗାମେ, ଏଆଡ଼ିକି ପାଠତାନି ମନସିଆନା ବୀରେନ୍ଦ୍ର ବେଗାଲି କାତାତାନି କିରୁ କାନୁ ସିପ୍‌କି ସିଡ଼େଞ୍ଜୁ । ଆଜା ନାଡିସେ ସୁରାକାରା ସିରୁ ମିଆନା ସେସି ତାନି ଗୁଣ୍ଡା

ଜଙ୍ଗଲ ମଝିରେ ବଣ ମାଙ୍କଡ଼ ଭଳି ଆମ ଗାଁ ଲୋକେ ରହୁଛନ୍ତି । ଆମ ଗାଁରେ ଭଲ ସ୍କୁଲ ନାହିଁ, ଭଲ ପାଠପଢ଼ା ହେଉନି, ପିଲାଙ୍କର ପଢ଼ିବା ମନୋଭାବ ନାହିଁ, ପ୍ରତିଯୋଗୀତା ନାହିଁ, ଏଥିପାଇଁ ଆମର ଭଲ ପରସେଣ୍ଟ ଆସୁନି । ଏହିସବୁ ଅଜବ ଭାବନା ହେତୁ ଗାଁ ପ୍ରତି ତା'ର ଆଦର ସମ୍ମାନ କମିଆସୁଥିଲା ।

ଗାଁର ଲୋକମାନେ, ଯିଏକି ବୀରେନ୍ଦ୍ରର ନିଜର ଜ୍ଞାତି କୁଟୁମ୍ବ ନୁହନ୍ତି, ବୀରେନ୍ଦ୍ର ପ୍ରତି ସେମାନଙ୍କର ବି ଏକଭଲ ମନୋଭାବ ଥିଲା । ସେମାନେ ନିଜ ଛୁଆମାନଙ୍କୁ ବୀରେନ୍ଦ୍ରର ଉଦାହରଣ ଦେଉଥିଲେ । କିଏ ବା ଜାଣୁଥିଲା । ଯେ ଗାଁର ମଉଡ଼ମଣି ବୀରେନ୍ଦ୍ର ନିଜର ଗାଁ ପ୍ରତି ତା'ର ମମତା କମେଇ ଦେଉଛି । କଥା ହେଉଛି, ସେ ବାଲି ଖେଳୁଥିବା ଛୁଆ ହେଉବା ବଡ଼ ଲୋକଟିଏ ହେଉ, ନିଜର ଅପାରଗ ପଣିଆ ନମାନି ବାପାମାଆଙ୍କୁ ଦୋଷ ଦେବା ଏକ ସାଧାରଣ କଥା । ବାପାମାଆ ଯେ ତାଙ୍କର ଅକ୍ଲାନ୍ତ ପରିଶ୍ରମ କରି ତାକୁ ଏତେ ଦୂରକୁ ଆଣିଛନ୍ତି ଏଇ କଥା ଅତି ସହଜରେ ଭୂଲି ଯାଆନ୍ତି । ମନ ଯାହା କହିଲେ ବି ଗାଁରୁ ଧାନ ବିକି ବାପା ପଠାଇବା ପଇସା ଅପେକ୍ଷା କରି ବୀରେନ୍ଦ୍ରର ମାସ ପୁରିଯାଏ । ଯେତେ ସମୟ ଗଡ଼ିଚାଲିଲା, ସେତେ ସେ ନିଜକୁ ଅନ୍ୟମାନଙ୍କଠାରୁ ଛୋଟ ମନେ କରି କଇଁଚ ନିଜକୁ ଖୋଳପା ଭିତରେ ଲୁଚିଲା ଭଳି ଏକ ସଂକୁଚିତ ଜୀବନ ବଞ୍ଚୁଥିଲା ବୀରେନ୍ଦ୍ର । ତା'ର ବିବେକ ଚେତିବା ପୂର୍ବରୁ ମନ ଯାଇ ଏଭଳି କିଛି ମୂଲ୍ୟହୀନ କଥାରେ ଉବୁଟୁବୁ ହେଉଥିଲା । ଗାଁରେ ଯେଉଁ ବାପା ମାଆ ମୁଣ୍ଡଝାଳ ତୁଣ୍ଡରେ ମାରି, ନିଜଥୁକରେ ଉଇ ହୁଙ୍କା ଉଠାଇଲା ଭଳି ତାକୁ ଠିଆ କରେଇଛନ୍ତି, ତାଙ୍କ ପ୍ରତି ସେ ବୀତସ୍ପୃହ ହେଉଥିଲା ।

ଭୂବନେଶ୍ୱର ପଢ଼ିବା ପାଇଁ ଯିବା ପରେ ପ୍ରଥମ ଥର ଯେବେ ସେ ଛୁଟିରେ ଗାଁକୁ ଆସିଲା, ଗାଁରେ ସମସ୍ତେ ଖୁସି ହେଲେ । ଯେକେହି ତାକୁ ଦେଖା କରିବା ପାଇଁ ଘରକୁ ଆସିଲେ, ଆସିଥିବା ଲୋକେ ଲକ୍ଷ୍ୟ କରିପାରୁଥିଲେ ଯେ, ବୀରେନ୍ଦ୍ର ମୁହଁରେ ଆଗର ସେଇ ସରଳ ମତି ହସ ନାହିଁ । କିଏ କହୁଥିଲା ସେଠାରେ ପାଠ ବହୁତ । ଏଥିପାଇଁ ପାଠରେ ମନ ଦେବାରୁ ଅନ୍ୟ କଥା ପାଇଁ ବୀରେନ୍ଦ୍ର ନାକ କାନ ଦେଉନାହିଁ । ମାଆ ତରବରରେ ସକାଳୁ ଗାଧୋଇ କୁଲାରେ ଜନ୍ତୁଆଣି ଧରି ପିଠା ଭାଜିଦେଲା ।

ଆଃପାନା ମାକାପିଟ ଗିଆଜିତେ । ଅସେ ବେଲା ଦିଆନା ନିଙ୍ଗାନା ଏଙ୍ଗା ବୃସୁଡ଼ାଇ କାଣ୍ଡିଗିଆନା ବୀରେନ୍ଦ୍ର ମାକାପିଟ ମେହାନା ମୁହଁ ସୂକ୍‌ତେଞ୍ଜୁ । ନାଟନାରା ଗୁଲେ ସିଡେସିଡ଼େ ତିନି ଆଡ଼ସାନା ଏମ୍ୱାଇ ଗେଟେ ଇଆ ପିଟ ମାକାନେ । ମାରାନି ମୀଡ଼ା ତାରା ମୁହୁଁ ସୂପ୍‌କା ମେହାନା ଆଜା କାଣ୍ଡୁକା ଲିପଲପ ଆତେ । ଆଜାନାଇ କାଣ୍ଡୁକା ମୀରେନି କୁଇଟି ଦୀନୁ ଇଞ୍ଜି ସୁରାବାରା କାଣ୍ଡୁକା ତାଜିତେ । କିଡ୍‌କି ସିଡ଼ାନି ବାଜା ବାକାରି ତାନି ଆଜାନାଇ କାଣ୍ଡୁକା ଏମ୍ଭେରିଇ ତଞ୍ଜାତୁ । ଆବା ରାହାବାଡ଼ା ଆର୍‌ଡ଼ା ନେଃପିସେଞ୍ଜୁ । ଏ ପାହାରି ଡ଼ାଇ ସାଙ୍ଗ୍ରକକା ଡୁଡ଼ାଙ୍ଗା ଡୁଡାଗିଆନା ସାଜିସେଞ୍ଜୁ । ବୀରେନ୍ଦ୍ରରିଆବା ପ୍ଲାତେଞ୍ଜୁ "କକା ଜହାରି ।''

"ଜହାରି ଆବା ଜହାରି", ସାଙ୍ଗ୍ରକକା ନିସିତେଞ୍ଜୁ । "ନେଗିମାଞ୍ଜେରୁ, ବିରେନ୍ଦ୍ର ବାଜାନେଞ୍ଜୁଗ, ଏଆନି ପୂଣ୍ଡାଆବା ଗ ବାଇସେଏ ।" ସାଙ୍ଗ୍ରକକା ନାଜୁତାନି ମୀଡା, ବୁଡାଲାଡି ଗୁଲେ ଲକୁରିକି କକା । ତାଡ଼ା ଲାବେନି ବେଲା ଗାଡ଼ାପଡ଼ାଙ୍ଗାନି ବେଏ କଅସ୍କାନି ଆଃତେଞ୍ଜୁ । ଡାଉକେ ମିଲ୍‌ଟେରି କି ସାଜାସେଞ୍ଜୁ । ୧୯୭୨ ଲଡ଼ାଇ ତାନି ଏଆନି କାଡୁତାନିଁ ଝରିଟା ଗୁଲିଙ୍ଗା ଗଡ଼୍‌ସାସୁ । ଏଆଡିକି ଏଆନିତାରା ଦେବା କାଡୁ ମେଣ୍ଡା ମିଅଟି କୁଗଜୁଡ଼ାଇ ଡୁହାଜିଆନେରୁ । ରି ଗିଲାଙ୍ଗାନି ଆଶା ଡୁଡ଼ାଙ୍ଗା ନାପ୍‌ସାନା ତିନିଟା କାଟ୍‌କା ଡାଇ ତାକାଇ ନେଞ୍ଜୁ । ଏସେରି ବେଲା ବେଏ ନାଜୁମୀଡାକା ଏଆନି ଗ୍ରୁସାନା ଲଡ଼ାଇ କେରଣ୍ଡାକା ବେଞ୍ଜିନେରୁ । ସାଙ୍ଗ୍ର କକା ଡେପାତାନି ଦିଆନି କାଟେଏ ତାନି କକସାନ ରେଡିଓ ବେଞ୍ଜାନା ଦେଶଦୁନିଆ ଖବର ଇଟ୍‌କି ନେଞ୍ଜୁ । ଏମ୍ଭେ ଆନାରି ଆଇନେ ନାଜୁ ଲକୁରି ବେସ୍ସା ତିକି ଏଆଞ୍ଜୁ ତାନୁ ରଆଞ୍ଜୁ ରେଡ଼ିଓ କିରିଇଞ୍ଜାନେଞ୍ଜୁ । ବୀରେନ୍ଦ୍ରରି ଆବା ଇସେଞ୍ଜୁ, "ଏକା ଇଦେ ଗ ନିଙ୍ଗାନା ଆପ ମୀଡ଼ା ଙ୍ଗାନ୍‌ଙ୍ଗେ ସିରୁ ମୀବା ସେଲୁ ମୁର୍ଡ଼ିସୁଗା ବେଞ୍ଜି କି ସାଜିସେଞ୍ଜୁ । ଏସେରିବେଲା ବାନେରୁ ଆନାରି ଠିକଣାମାନେ?" "ହଉ, ଆପାକାରି । ଏସେଦିନାଡ଼ାଇ ନାଟକି ବାଜାନେଞ୍ଜୁ, ନାଟ ଡ୍ରେବା ସେଜୁ ଏଲୁ ଦାଃପି ଦୁଃନେ । ବାତେକା ଇକେ ବିଲୁଡ଼ି ଇଜକି ବାପାକାଞ୍ଜ ! ଗାମେ କ୍ଲଙ୍ଗସି ଆଇମାଇ ଏଆନି ।" ସାଙ୍ଗ୍ର ଆବା ଏଆଡ଼ାଇନେ ତାପେକି ବ୍ଲେତେଞ୍ଜୁ ।

ଏଲୁ ଦାହାଆତାକେ ବେଏ ଆବା ବେସ୍ତା କି ଏଙ୍ଗା ସାଙ୍ଗ୍ରକକାଇ ଏସ୍ତାନି ଦାପ୍‌ନା ପୁଣ୍ଡିନି ଆଜି ସେଲୁ ବିଲୁଡ଼ି ଆବାନେ ବୀରେନ୍ଦ୍ର ଅନେନି ନାଜୁ ସାଙ୍ଗ୍ର କକା ରିତକି ସାସେଞ୍ଜୁ । ସାଙ୍ଗ୍ରକକା ଡେପାତାନି ପଡ଼ା କାଟେଟା କକ୍‌ସାନା ଆକାଶବାଣୀ ସମାଚାର ବେଞ୍ଜି ସେଞ୍ଜୁ ।

ଖରା ଟାଣ ହେବା ପରେ ଶେଯରୁ ଉଠି, ବ୍ରସ୍ କରି ବୀରେନ୍ଦ୍ର ଭଜାପିଠା ଦେଖି ମୁହଁ କେମିତି ଗୋଟାଏ କଲା । ତାକୁ ଲାଗୁଥିଲା, ଗାଁର ସମସ୍ତ ନାହିଁ ନାହିଁକୁ ମିଶାଇ ଯେମିତି ପିଠା ତିଆରି ହୋଇଛି । ନିଜ ଛୁଆର ଶୁଖିଲା ମୁହଁ ଦେଖି ମାଆର ଆଖି ଛଳ ଛଳ ହୋଇ ଆସିଲା । ମାଆ ଆଖିର ଲୁହ ପୁଅ ଉପରେ ପଡ଼ିବ ଭାବି ଝରକା ନଥିବା ରୋଷେଇ ଘର ଭିତରେ କେହି ନ ଦେଖୁଣୁ ଲୁହ ପୋଛି ଦେଲା ।

ବାପା ଘର ସାମ୍ନା ବାଡ଼ିରେ ବାଡ଼ ବାନ୍ଧୁଥିଲେ । ସେଇ ବାଟ ଦେଇ ସାଙ୍ଗ୍ର କକା ଦୁଇ କାଖରେ ଆଶାବାଡ଼ି ଦେଇ ଆସୁଥିଲେ । ବୀରେନ୍ଦ୍ରର ବାପା ତାଙ୍କୁ କହିଲେ, କକା ନମସ୍କାର । ନମସ୍କାର, ନମସ୍କାର । ସାଙ୍ଗ୍ର କକା ଠିଆ ହେଲେ । ଭଲ ଅଛି ? ବୀରେନ୍ଦ୍ର ଆସିଛି ପରା, ମୁଁ ତାକୁ ଦେଖିବା ପାଇଁ ଆସୁଥିଲି । ସାଙ୍ଗ୍ରକକା ଗାଁର ପିଲାଠାରୁ ବୁଢ଼ାଯାଏଁ ସମସ୍ତଙ୍କର କକା । ତାଙ୍କର ଟୋକା ବୟସରେ ଗାଁର ଅରଣା ମଇଁସିକୁ ଶିଂଘରେ ଧରି କାବୁ କରିପାରୁଥିଲେ । ପରେ ସେ ମିଲିଟାରୀ ଯାଇଥିଲା । ୧ ୯ ୭ ୨ ଲଢ଼ାଇରେ ତାଙ୍କର ଗୋଡ଼ରେ ଝରି ଝରିଟା ଗୁଳି ଲାଗିଥିଲା । ଏଥିପାଇଁ ତାଙ୍କର ବାଆଁ ଗୋଡ଼ଟା ଆଣ୍ଠୁ ଉପରକୁ କଟା ହୋଇଛି । ଦୁଇ କାଖରେ ଆଶା ବାଡ଼ି ଦେଇ ଚାଲୁଛନ୍ତି । ସବୁବେଳେ ଗାଁ ପିଲାମାନେ ତାଙ୍କୁ ଘେରି ଲଢ଼ାଇ କାହାଣୀ ଶୁଣନ୍ତି । କେଉଁଠି କ'ଣ ହେଲା, ବର୍ଷା ପାଣିପାଗ ଆଦି କଥାର ସୂଚନା ଦେଇ ଦେଇ ସେ ଯେମିତି ନିଜେ ଏକ ରେଡ଼ିଓ ପାଲଟି ଯାଇଥିଲେ । ବୀରେନ୍ଦ୍ରର ବାପା କହିଲେ, "ସେ ଏଇ ତ ଉଠି ଛୁଆମାନଙ୍କ ସହ ଗାଧୋଇବା ପାଇଁ ଚୁଆଁକୁ ଯାଇଛି । କେତେ ବେଳେ ଫେରିବ ଠିକଣା କ'ଣ ? କକା କହିଲେ, "ହଉ ହେଲା । କେତେ ଦିନ ପରେ ଆସିଛିତ, ଗାଁ ବୁଲିବା ପାଇଁ ମନ ହେଉଥିବ । ଫେରିଲେ କହିବ । ଟିକେ ସଞ୍ଜବେଳକୁ ଆମ ଘରକୁ ଆସୁ । ମୋର ବି ମନ ତାକୁ ଝୁରି ହେଉଛି ।" ସାଙ୍ଗ୍ର କକା ସେଇଠାରୁ ହିଁ ଘରକୁ ଫେରିଗଲେ ।

ମନ ଡାକୁ ନଥିଲେ ବି ବାପା କହିବାରୁ ଏବଂ ବାଟରେ ଘାଟରେ ସାଙ୍ଗ୍ରକକାଙ୍କ ହାବୁଡ଼ରେ ପଡ଼ିବା ଭୟରେ ସନ୍ଧ୍ୟା ହେବାରୁ ବୀରେନ୍ଦ୍ର ପାଖ ସାହିରେ କକାଙ୍କ ଘରକୁ ଗଲା । ସାଙ୍ଗ୍ର କକା ନିଜର ଖଟ ଉପରେ ବସି ଆକାଶବାଣୀ ସମାଚାର ଶୁଣୁଥିଲେ ।

"କକା ଜହାରି'' ବୀରେନ୍ଦ୍ର ଇସେଞ୍ଜୁ । "ନେଗି ମାଞ୍ଜେରୁ ?"

"ଏକା ବୀରେନ୍ଦ୍ର, ବାମୁ ବାମୁ, ଇମ୍ବା କାଟେତା କକ୍‌ତାକେ ।'' ଇଜକି ମେହାନା ପ୍ଲାତେଞ୍ଜୁ, "ଏ ଟାଡ଼ି, ସ୍ତୁହ୍‌ତାକେ । ମେହିକେ, ଏସ୍ତି ମାହାବାଲା ମାପେକି ବାଜାନେଞ୍ଜୁ ।'' ବୁମ୍ବୁଡ଼ାଇ ଆଜା ଗୁଡ଼ିତାରା ଲାଲଟି ଆହାନା ଅଡ଼େକି ସ୍ତୁଃତାତେ ।

'ଆଜା ଜହାରୀ' ।

ବୀରେନ୍ଦ୍ରଇ ପ୍ଲୁଉ ଡୁସାଦିଆନା ଆଜା ଇସେ, "ନାଇ ରାଜେନିତି, ନେଗି ମାସିବା, ଇସାତି ଆତିବା ।"

ସାଙ୍ଗ୍ରକଳା ଇସେଞ୍ଜୁ 'ଏ ଟାଡି, ନାଆଟି ତାଇ ମୁରିଙ୍ଗା ମାନୁ ଗିନା ଆଏ, ଆପକି ଦାହା ଜିକାକେ । ଇଦେ ମୁରିଙ୍ଗା ସିଆଦୁଃମୁ । ବାଡଣ୍ଡି ଦେରି ସାଇବ ଆନେଞ୍ଜୁ ଇସେକା ମେଃପା ବେଏ ପାନାଇ ।" ଆଜା ଡେପାତାନି ଲାଇଟି ଇଟାନା ଇଜକି ସଟେ । ସାଙ୍ଗ୍ରଆବା ଅଟେ ପ୍ଲାତେଞ୍ଜୁ, "ଏ ଟାଡି, ଏକା ଲାଇଟି ଅଇକେ, ଇସିଙ୍ଗିଆନା ଦାଃଦି ?" ଇଜଟି ଆଜା ଇସେ, "ବାଜାବାକାରି ଡିପ ମାନେ ।"

ସାଙ୍ଗ୍ର କଳା ବେସେଞ୍ଜୁ, ଭୁବନେଶ୍ୱର ଏସ୍ତି କଲେଜ ତାନି ପଢ଼ିଆଇଞ୍ଜିବା ।

ବୀରେନ୍ଦ୍ର - ବିଜେବି କଲେଜ, କଲ୍ପନା ଛକ ସଢ଼ିଟି, ପୁରୀକି ସାନି ପାହେରିଆ ମାନେ ।

ସାଙ୍ଗ୍ରକକା - ଆନା ଆନା ପଢ଼ି ଆଇଞ୍ଜେରୁ ଏମ୍ବା ?

ବୀରେନ୍ଦ୍ର - କକା ଆନୁ Arts ଜଏନ୍ ଆଜା ମାଇ । ନାନ୍ଦେ, percentage ନେଗି ସିଡାତେ । ଏଆଡ଼ିକି Science ଇଗାଆ ସିଡାତେନୁ ।

ସାଙ୍ଗ୍ରକକା - ନେଗିକାତା । ଆନାରା ପଢ଼ି ଆତେକାବେଏ, ପଢ଼ିଆଇନି ପାଠତିନି ନେଗାଡ଼େ ପୁନ୍‌ମ୍ବା ଆଇମାନେ ଅସଲ ପାଠ । କଲେଜ ତାନି କାହା ସେଲୁ ପଢ଼ିଆବା ସେଲୁ ଆନାଇ ଅଟେ ମାନୁ ।

ବୀରେନ୍ଦ୍ର - ଆଁ କକା, ଏମ୍ବା ଦେରାଢ଼ି ରଣ୍ଡେ ଲାଇବ୍ରେରି ମାନେ । ଆନୁ ସଟେକାରିହେ ସାମାଇ । କାହାସେଲୁ ଏମ୍ବା gymnasium ମାନେ ଯେ ଏମ୍ବାଙ୍ଗି ବାରି ଦେରି ମୀଢ଼ାକା ସାଜିନେରୁ । ଏମ୍ବାଙ୍ଗି ସାଲ୍‌ବା ଆତେକା ବେଗାଲେ ଫିଜ, ଡ୍ରେସଏଙ୍ଗା ସତେଡ଼ାକା ଲୂଢ଼ା ।

କକା ନମସ୍କାର । ବୀରେନ୍ଦ୍ର କହିଲା, ଭଲ ଅଛନ୍ତି ? ଆରେ ବୀରେନ୍ଦ୍ର, ଆସ ଆସ, ଏଇ ଖଟରେ ବସ । ଘର ଭିତରକୁ ଅନେଇ କହିଲେ, ହେଇଟି ଶୁଣୁଛ । ଦେଖ, ଗୋଟିଏ ମହାବଳ ଆମ ଘରକୁ ଆସିଛି ।" ଖୁଡ଼ି ଦାଣ୍ଡ ଘରେ ଥିବା ଲଣ୍ଠନ ଧରି ବାହାରକୁ ଆସିଲେ ।

"ଖୁଡ଼ି ନମସ୍କାର ।"

ଖୁଡ଼ି ପାଖକୁ ଆସି ବୀରେନ୍ଦ୍ରର ମୁଣ୍ଡ ଆଉଁସି ଦେଲେ । 'ମୋ ରାଜାଟା ପରା, ଭଲଥିଲୁ ନା , କେତେ ବଡ଼ ହୋଇଗଲୁ ।" କକା କହିଲେ, "ହେଇଟି, ସେତେବେଳେ ଆଣିଥିବା ମୁଢ଼ି ଅଛିନା ନାହିଁ, ପୁଅ ପାଇଁ ଆଣି ଦିଅ । ଏବେ ମୁଢ଼ି ଗଣ୍ଡାଏ ଦେଇଥାଅ, ଆର ବର୍ଷକୁ ବଡ଼ ସାହେବ ହେଲେ ଦେଖିବାକୁ ବି ପାଇବ ନାହିଁ ।" ଖୁଡ଼ି ଲଣ୍ଠନକୁ ବାରଣ୍ଡାରେ ରଖିଦେଇ ଗଲେ । କକା ଘର ଭିତରକୁ ଚାହିଁ କହିଲେ, "ଆରେ ଲଣ୍ଠନଟା ଥୋଇ ଦେଇ ଗଲ, କେମିତି ଖୋଜିବ ?"

ଘରୁ ଉତ୍ତର ଆସିଲା, "ରୋଷେଇ ଘରେ ଡିବିରି ଅଛି ।"

କକା – ଭୁବନେଶ୍ୱର କେଉଁ କଲେଜରେ ପଢୁଛି ?

ବୀରେନ୍ଦ୍ର – ବିଜେବି କଲେଜ, କଳ୍ପନା ଛକ ପାଖ, ପୁରୀ ରୋଡ଼ରେ ଅଛି ।

କକା – କ'ଣ କ'ଣ ପଢୁଛ ?

ବୀରେନ୍ଦ୍ର – କକା ମୁଁ Arts ମାନେ କଳା ବର୍ଗରେ ଜଏନ୍ କରିଛି ।

କକା : ଭଲ କଥା । ଯାହା ପଢ଼ିଲେ ବି ସେଇ ପାଠକୁ ଭଲରେ ଶିଖିବା ହିଁ ଅସଲ ପାଠ । କଲେଜରେ ଖେଳିବା ପାଇଁ, ପଢ଼ିବା ପାଇଁ ଅନ୍ୟ ସୁବିଧା ସବୁ କ'ଣ ଅଛି ?

ବୀରେନ୍ଦ୍ର : ହଁ କକା, ସେଠାରେ ଗୋଟିଏ ବହୁତ ବଡ଼ ପାଠାଗାର ଅଛି । ମୁଁ ଥରେ ଦୁଇଥର ଯାଇଥିଲି । ଖେଳିବା ପାଇଁ gymnasium ଅଛି । ସେଠାକୁ ପ୍ରାୟ ସିନିଅରମାନେ ଯାଇଥାନ୍ତି । ଏଠାକୁ ଯିବାକୁ ହେଲେ ସ୍ୱତନ୍ତ୍ର ପୋଷାକ, ଜୋତା ଏବଂ ଫିଜ୍ ଦରକାର ।

ସାଙ୍ଗ୍ର କକା – ଆନୁ ପୁଞ୍ଜିମାଇ । ନାଟଟି ଗାପସି ଡାବୁଙ୍ଗା ପାଣ୍ଡା ମୂପ୍ରି ସିଡାନାକି ମିଆବା ଏସେଥର ନାଙ୍ଗେ ତାନ୍ଦାରା ଦୁଃଖ ବେସାନାନେଞ୍ଜୁ । ଆନାଗିନାବା ଆଜୁତ ପାନାଆ ନାସୁ ।

ବୀରେନ୍ଦ୍ର – ଇଆଡ଼ିକିତ ଆନାରାବେଏ ପାନ୍ମ୍ବା କଷ୍ଟ । ମୀଡାଙ୍ଗା first year ଡ଼ାଇ Coaching Class ସାଜି ନେରୁ, Tuition ସାଜିନେରୁ । ଆନୁଜେ ଜସା ଦୁହିଇ, ଏସେକା ଇଜଟି ଡାବୁଙ୍ଗାବାନୁ ଏଙ୍ଗା ମେସ୍ ଖର୍ଜ ସିଇ ।

ସାଙ୍ଗ୍ରାକକା – ଆବା, ନୀଙ୍ଗେ ରଣ୍ଡା କାତା ବେସ୍ତାଇ, ଇରି ଜ ସାକିନା, ଲକୁରିଇ ତାକା ସେଲୁ ଡାଟା ସିଏ । କିନ୍ତୁ ସାକିସେଲୁ ମ୍ଡ଼ୈହେଞ୍ଜୁ ଦେଗାନା ସାନେଞ୍ଜୁ । ଇନୁ ଏଲୁ ଗିଇକେ, କେତା ଡୂବା ବିହାଗିବା ମାନେ, ଟୂଟୁ ସାକି ସାଇନେ ଇସେକା ଉତେ ଉତେ ଡୁଆନା ଇଜକି ବାଇନେରୁ । ଆଁ, ଏମ୍ବାଇ ସାକିସେଲୁ ଇଞ୍ଜି ସେରୁ ପିଃତେ, ଏଆନିତାରି କେତେ ପାଡ଼ିଆ ରାହିଆତେ ।

ବୀରେନ୍ଦ୍ର – କେତାଡୂବା ଏଙ୍ଗା ବାହାରେ ପାଠ ପଢ଼ିଆବା ର କାତା ଆଆତେ । ଏମ୍ବା ମୀଡାକାନି ମେଃତେକା ଆନୁ ଲାଜା ଆଇମାଇ ।

ସାଙ୍ଗ୍ରକକା – ସାକି ଆଇମାନେ ରଣ୍ଡେକେ । ସାକି ଆଇନେ ସିଡାନି କାତା ତିନି ପାନ୍ମ୍ବା ସେଲୁ ଅଡ୍ପା । ତିନ୍ମ୍ବା ସିଡାଢ଼େ ମୀଡା ବଦା ଢ଼ିବିନୁ ଇଞ୍ଜାନା କେତା ଟକିଙ୍ଗା ଗାଟାଞ୍ଜୁ କେତାଙ୍ଗା ଡୂଇନେଞ୍ଜୁ । ହାରି ଆଜାନା ବେଗାଲି ଲକୁମାଙ୍ଗେ ଡୁଡାରାନେରୁ ଇଞ୍ଜି ସାକିଡ଼ାଇ ସୈନିକଙ୍ଗା Boarder ତାନି ଉଜାଡ଼ି ନାଡାଙ୍ଗି ଜସାନା ମାନେରୁ । ଏଆଡେଃଙ୍ଗି ବା ନୀଙ୍ଗେ ପୁନିପାଠ, ପୁନି ଜୀବନ ସେଲୁ ସାକି ଇଟା ଲୂଡ଼ାମାନେ । ଆଜୁ ଏସ୍ତାବାଙ୍ଗି ସାଲ୍ବା ଦାଃପି ନାସୁ ଏ କାତା ଇଜଟି କାଜୁ କଡା – ବେଲେନେ ପ୍ଲୁପ୍କା ନେଗି ।

ବୀରେନ୍ଦ୍ର – ମିଲ୍ଟେରି କାତା ବେଗାଲି । ଏମ୍ବା ତ ଲକୁ ଋକିରି ଗିପିନେରୁ । ତିନ୍ମ୍ବା ମୀବା ଚିନ୍ତାସିଡେ ।

ସାଙ୍ଗ୍ରକକା – ସତ, ମିଲଟେରି ତାନି ତିନ୍ମ୍ବା ମୀବା ଚିନ୍ତା ସିଡେ । କିନ୍ତୁ, Boarder ତାନି ସିପାହୀଇ ରଣ୍ଡାନେ କାତା ଏଲୁଗିବା ମାନେ, ଆନୁ ଇସିଙ୍ଗିଆନା ଦୁସ୍ମନ୍ ଇ ସାମନା ଗିଇ ଏଙ୍ଗା ନିଜକୁ ଜ୍ବୀପ୍-ସାନା ଇଟି । ନୀମ୍ବା ସେଲୁ ଗ୍ରାମ୍ବା

କକା – ହଁ ମୁଁ ଜାଣିଛି, ଗାଁରୁ ଅଧିକ ପଇସା ପଠାଇ ପାଁରୁ ନି ବୋଲି ତୋ ବାପାଙ୍କର ସର୍ବଦା ମନ ଦୁଃଖ । କ'ଣ କରାଯିବ ଆମେମାନେ ସବୁ ତ ଗରୀବ ଲୋକ ।

ବୀରେନ୍ଦ୍ର : ଏଇଥିପାଇଁ ତ କିଛି ଗୋଟାଏ ମିଳିବା କଷ୍ଟ । ପିଲାମାନେ ପ୍ରଥମ ବର୍ଷରୁ ହିଁ coaching class ଯାଉଛନ୍ତି Tution ଯାଉଛନ୍ତି । ମୁଁ ସେଇଠି ଅପେକ୍ଷାରେ ରହୁଛି, କେବେ ପଇସା ଆସିବ ମୁଁ ମେସ୍ ଖର୍ଚ୍ଚ ପୈଠ କରିବି ।

କକା – ବାବୁରେ ତୋତେ ଗୋଟିଏ କଥା କହିବି । ଏଇ ଭୋକ ନା, ଲୋକଙ୍କୁ ବାଟ ଚାଲିବାକୁ ଦିଏନି, କିନ୍ତୁ ଭୋକ ପାଇଁ ମଣିଷ ଦୌଡ଼ି ଚାଲିଯିବ । ତୁମେ ନିଜେ ଭାବିଲ ଦେଖ୍, ବିଲ ହଳ ପୁରା କରିବା ଅଛି, ସେଇ ସମୟରେ ପେଟକୁ ଭୋକ ଲାଗୁଛି, ଲୋକମାନେ ଜଲ୍‌ଦି ଜଲ୍‌ଦି ହଳ ବୁଲାଇ ଘରକୁ ଫେରନ୍ତି । ହଁ, ଯଦି କେହି ଭୋକ ଲାଗୁଛି କହି ହଳ ଛାଡ଼ି ଦେଲା, ତାହାର ଜମି ପଡ଼ିଆ ପଡ଼ିଲା ।

ବୀରେନ୍ଦ୍ର – ବିଲରେ ହଳ କରିବା ଏବଂ ବାହାରେ ରହି ପାଠ ପଢ଼ିବା ଏକା କଥା ନୁହେଁ । ସେଇଠିକାର ପିଲାଙ୍କୁ ଦେଖିଲେ ମୋତେ ଲାଜ ମାଡ଼େ ।

କକା – ଭୋକ ହେଉଛି ଗୋଟାଏ । ଭୋକ ହେଉଛି ନଥିବା ଚିଜକୁ ପାଇବାର ଇଚ୍ଛା । ଖାଇବାକୁ ନପାଇଲେ ପିଲାଛୁଆ ଘରେ କାନ୍ଦିବେ ବୋଲି ଚାଷି ତା'ର ଜମି ଚାଷ କରେ । ହାରିଗଲେ ଅନ୍ୟ ଦେଶର ଲୋକେ ଆମକୁ ପଦାନତ କରିବେ ବୋଲି ସୈନିକମାନେ ଭୋକ ଶୋଷ ଭୁଲି ରାତିଦିନ ପହରା ଦିଅନ୍ତି । ସେହିପରି ବାବୁ ତୁମକୁ ନୂଆ ବିଦ୍ୟା, ନୂଆ ଜୀବନ ପାଇଁ ଭୋକକୁ ଅଧିକ ଜୀବନ୍ତ ରଖିବାକୁ ହେବ । ଆମେ କେଉଁଠାକୁ ଯିବାକୁ ଚାହୁଁଛୁ ତାହା ଘରର ଏରୁଣ୍ଡି ଡେଇଁବା ଆଗରୁ ସ୍ଥିର କରିବା ଦରକାର ।

ବୀରେନ୍ଦ୍ର – ମିଲିଟାରୀ କଥା ଅଲଗା । ସେଇଠି ତ ସମସ୍ତେ ଚାକିରି କରିଛନ୍ତି ଖାଇବା ପିନ୍ଧିବା ଚିନ୍ତା ନାହିଁ ।

କକା – ସତ କଥା, ମିଲିଟାରୀରେ ଖାଇବା ପିନ୍ଧିବା ଚିନ୍ତା ନାହିଁ । କିନ୍ତୁ ବୋର୍ଡରରେ ସିପାହୀକୁ ଗୋଟିଏ କଥା ଭାବିବାକୁ ହୁଏ, ମୁଁ କେମିତି ଶତ୍ରୁକୁ ସାମ୍ନା

ଆଇନେ ମିଲଟେରି ତାରି ପ୍ରଥମ ନୂଡ଼େକାତା । ଆବା, ଇନୁ ଏସେକା ଏଲୁ ଗିଆଞ୍ଜି, ପାଠ ଆନାଡ଼ିକି ପଡ଼ିଆବା ଲୂଡ଼ା, ଲକୁ ଆନାଡ଼ିକି ପଡ଼ି ଆଇନେରୁ ।

ବୀରେନ୍ଦ୍ର କିନ୍ ଇସେଞ୍ଜୁ । ଇକାତା ଏଆଞ୍ଜୁ ଏସେକା ତାଙ୍ଗେନେ ବେନାଆ ସିଡା ତେଞ୍ଜୁ ଯେ, ଆନାଡ଼ିକି ଏଆଞ୍ଜୁ ପାଠ ପଡ଼ିଆଇ ନେଞ୍ଜୁ । ଏ ଆନି ଇସ୍ପିସେ, ଆଜାଆବା ଏଆନି କୁରାଡ଼ି ପାଲ୍‌ସି ସିଆଡ଼ାଇ ବ୍ରାହାଙ୍ଗା ପ୍ଲାମ୍ବୁ ପାଣ୍ଡାମାନୁ । ଇଆନି ତାରା କିନ୍‌ଇନ୍‌ମ୍ବା ମେହାନା ସାଙ୍ଗ୍ରକକା ଟଣ୍ଡିତେଞ୍ଜୁ ।

ସାଙ୍ଗ୍ରକକା - ଆବା, ଏମ୍ବାଇ ଏଲୁ ଗିପିନେ, ଆନୁ ପାଠ ଋକିରି ସେଲୁ ପଡ଼ି ଆଇ ମାଇ । କିନ୍ତୁ ନୂଡ଼େ କାତା ଆଇନେ, ପାଠ ପଡ଼ିଆତେକା ମାନ୍ଦେ କାତାତିନି ପୁନାରିଏଙ୍ଗା ପୁନି କାତାତିନି ତୃପ୍‌କା ଏଲୁ ଗିଆନା ଲୂଡ଼ା ଡେଲି ତାନି ପାଇଟି ତାନି ଲଗାଇ ଗିବା ।

ବୀରେନ୍ଦ୍ର - ପାଠ ପଡ଼ିଆତେକା ଆନାରା ଇସେକା ବେଏ ତ ପୁନେଞ୍ଜୁ ।

ସାଙ୍ଗ୍ରକକା - ଆବା ପୁନ୍‌ମ୍ବା ଏଙ୍ଗା ଗ୍ରାମ୍ବା ଆଇନୁ ବେଗାଲି ବେଗାଲି କାତା । ଆନୁ ରେଡ଼ିଓ ବେଞ୍ଜିମାଇ ଇରୁ ଖବର କାଗଜ, ପୁଟିଙ୍ଗା ପଡ଼ିଆଞ୍ଚେରୁ ଏଙ୍ଗା କାତା ପୁନ୍‌ମ୍ବା ଆଇନେ । ମେଃମ୍ବୁ, ନାରସୁ ମୀରେଞ୍ଜୁ ପାଠ ପଡ଼ିଆଆସିଡେଞ୍ଜୁ ସତ, ଏଆଞ୍ଜୁ ଶଗଡ଼ିତ୍ରେଃପା, ଲହାରେନି ମିରେଞ୍ଜୁ ଡୂବା ଲହାଙ୍ଗା ତେଜା ଗ୍ରାମ୍ବା ନେଞ୍ଜୁ । କାତା ଆଇନେ ପୁଞ୍ଜାମାନିପାଠତିନି ପାଲଟିତାନି ତସ୍‌ପା ଆତେ ଗ୍ରାମ୍ବା । ଇଆଡ଼ିକି ବେଏ ଅଟେ ରଣ୍ଡେ ନୂଡ଼େ କାତା ଆଇନେ ଇଆ ପୁନ୍‌ମ୍ବା ଯେ, ଆନୁ ଆନାଡ଼ିକି ଇଆଗିପିମାଇ । ଆପେ ତାଙ୍ଗେନେ କାତା ଆବା ଆଇନେ ଦେରି ପୁନ୍‌ମ୍ବା । ରଆଞ୍ଜୁ ଗୁଲେ କାତାତାନି ସରେଏ ମୂଏଞ୍ଜୁ । କାତାଆଇନେ ଏସ୍ତାରା ଗାପ୍‌ସି ମୂନେଞ୍ଜୁ, ପୁନ୍‌ମ୍ବା ଆଇନେ management ।

ବୀରେନ୍ଦ୍ର - କକା, ଇନୁ management ବେଏ ପଡ଼ିଆଜା ମାଞ୍ଜି ?

ସାଙ୍ଗ୍ରାକକା କାକ୍‌ସାନା ଇସେଞ୍ଜୁ, ଆଁବା ପଡ଼ିଆଜାମାଇ । କାଶ୍ମିର ସର୍‌କାନି ରାତି ପେଟ୍ରଲିଙ୍ଗ୍ ଗିପିନାନି ମୁହୁତାନି ପେଣା ତେର୍‌ନିଡ଼େଙ୍ଗି ସର୍‌କା ନାମ୍ବିନାନି ଆନୁ ମାନେଜ୍‌ମେଣ୍ଟ ପଡ଼ିଆଜାମାଇ । ଗୁଲେଏ ତିକି ଦେରି management ଆନାରି ପୁଞ୍ଜାଞ୍ଜି ?

ବୀରେନ୍ଦ୍ର - ଆନାରି !

କରିବି ଏବଂ ନିଜକୁ ଜୀବିତ ରଖିବି । ବଞ୍ଚିବା ପାଇଁ ଶିଖିବା ହେଉଛି ମିଲିଟାରୀ ପ୍ରଥମ ମୂଳକଥା । ବାବୁରେ, ତମେ କେବେ ଭାବିଛ, ପାଠ ପଢ଼ିବାର ଆବଶ୍ୟକତା କ'ଣ, ଲୋକେ ପାଠ ପଢୁଛନ୍ତି କାହିଁକି ?

ବୀରେନ୍ଦ୍ର ଚୁପ୍ ବସିଗଲା । ଏ କଥା ସେ ନିଜକୁ କେବେ ପଚାରିନଥିଲା ଯେ, ସେ କାହିଁକି ପଢୁଛି ? ତାକୁ ଲାଗୁଥିଲା, ବାପାମାଆ ତାକୁ ଆହୁଲା ଟିଏ ନ ଦେଇ ତା'କୁ ମଝି ନଈରେ ଛାଡ଼ି ଦେଇଛନ୍ତି । ତା'ର ଚୁପ୍ ହେବାର ଦେଖି କକା ପୁଣି କଥା ଯୋଡ଼ିଲେ ।

କକା - ବାବୁରେ, କିଏ ଭାବୁଛି, ମୁଁ ପାଶ୍ ହେବାକୁ ପଢୁଛି, କିଏ ଭାବୁଛି ମୁଁ ଚାକିରୀ କରିବା ପାଇଁ ପଢୁଛି । ହେଲେ ମୂଳ କଥା ହେଉଛି , ପାଠ ପଢ଼ିଲେ ଆମର ଗୋଟିଏ କଥାକୁ ଜାଣିବା ଏବଂ ଚିନ୍ତାକରି ଦରକାର ସମୟରେ ତାକୁ କାମରେ ଲଗାଇବା ।

ବୀରେନ୍ଦ୍ର - ପାଠ ପଢ଼ିଲେ ଯାହା କିଛି ବି ତ ଜଣେ ଜାଣିବ ।

କକା - ବାବା, ଜାଣିବା ଆଉ ଶିଖିବା ହେଉଛି ଦୁଇଟା ପୃଥକ କଥା । ମୁଁ ରେଡ଼ିଓ ଶୁଣୁଛି, ତୁମେ ଖବରକାଗଜ ପଢୁଛ, ବହି ପଢୁଛ ଆଉ ଆମେ କେତେ କଥା ଜାଣି ପାରୁଛୁ । ଦେଖ, ନାରସୁ ଶଗଡ଼ିଆର ପୁଅ ପାଠ ପଢ଼ିନାହିଁ, ଅଥଚ ଶଗଡ଼ ଚଳାଇବା ଶିଖିଛି, ଗାଁ ଲୁହାର ପୁଅ କେଉଁ ଲୁହାକୁ କେତେ ପାଣି ଦିଆହେବ ଶିଖିଛି । କଥା ହେଉଛି ଶିଖିଥିବା କଥାକୁ କାମରେ ଦେଖାଇବା ହେଲା ପ୍ରଶିକ୍ଷଣ । ଏହାଠୁ ବି ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା, ମୁଁ କାହିଁକି ଏଇ କାମ କରୁଛି ଜାଣିବା ।। ନିଜ ସହ ନିଜର କଥାବାର୍ତ୍ତା ବା ଆତ୍ମ ଚିନ୍ତନ ହେଉଛି ବଡ଼ ଶିକ୍ଷା । ଅବଶ୍ୟ ଜଣେ ଲୋକଟି ସବୁ କଥାରେ ଏକାଭଳି ଆଗୁଆ ହୋଇ ପାରିବ ନାହିଁ, କିନ୍ତୁ କେଉଁ କାମଟା ସେ ସବୁଠାରୁ ଭଲ କରିପାରିବ ଜାଣିବା ହେଉଛି ମ୍ୟାନେଜ୍‌ମେଣ୍ଟ ।

ବୀରେନ୍ଦ୍ର - କକା ତମେ ମ୍ୟାନେଜ୍‌ମେଣ୍ଟ ବି ପଢ଼ିଛ ?

କକା ଟିକିଏ ହସି କହିଲେ, "ହଁ, ପଢ଼ିଛି । କାଶ୍ମୀରର ପାହାଡ଼ିଆ ରାସ୍ତାରେ ଅନ୍ଧାର ରାତିରେ ପେଟ୍ରୋଲିଂ କଲାବେଳେ ମୁହଁ ଅଠା ମାରିଲା ବେଳେ ମୁଁ ମ୍ୟାନେଜ୍‌ମେଣ୍ଟ ପଢ଼ିଛି । ସବୁଠୁ ବଡ଼ ମ୍ୟାନେଜ୍‌ମେଣ୍ଟ କ'ଣ ଜାଣିଛ ?''

ବୀରେନ୍ଦ୍ର - କ'ଣ ?

ସାଙ୍ଗ୍ରକକା – ମାନ୍ଦାରା ସୁଡା ଏଙ୍ଗା ପୀଡା ତିନି ଆଇତ ଗିଆନା ଇଟା ଆତେ ଦେରି management । କାତା ପଦେକା ନୀଙ୍ଗେ ପରକୁ ଆପଣା ଗିନେ । ନୀ କାତାଡ଼ାଇ ଲକୁ ଇନୁ ଆନାତି ପୁଞ୍ଜାନେରୁ । ଏଙ୍ଗା ଲାବେନି ଡେଲିତାନି ସଟେକା କାଡୁ ଅଡ଼ିତି ଇସେକା ବୁଡାବେଲା ଡ଼ାମ୍‌ନା ନିନ୍ଦେ ଗାଟାସି ମ୍ଳିଇ ଦୁଃତାନେ ।

ସୁବ୍‌ନ ତାଲେଡ଼ିତାନି ମୁରିଙ୍ଗା ଏଙ୍ଗା ବିସ୍‌କୁଟିଙ୍ଗା ଆହାନା ଆଜା ଇଜଟି ସ୍ତ୍ରହ୍‌ତାତେ । ସାଙ୍ଗ୍ରକକା ଇସେଞ୍ଜୁ, "ଏକା ଇସେଡେଲି ଏମ୍ବେକି ସାଜସି ?'' ଆଜାଇସେ "ଆଏ ଅନେନି ନାଜୁ ଦୁକାନ ତିକି ।''

ବୀରେନ୍ଦ୍ର ଇ ଡ୍ଲାଉ କିର୍‌ପି ଆଇମାସେ । ସାଙ୍ଗ୍ରକକା ତାଇ କାତାଙ୍ଗା କଲେଜ lecture ଙ୍ଗାନି lecture ସାରକି ଟାକ୍‌ଟୁକ୍ ତାଇ । ଏଲୁ ଗିପିସେଞ୍ଜୁ ଇସେଦିନା ଆନୁତ ବାରି ବେଗାଲି ମିଡାକାନିବାହା ଆନାରି ଆନାରି ମାନେ ଏଲୁ ଗିଆନା ନାଙ୍ଗେ ଡୂପ୍‌ସାନା ଇଟା ମାଇ । ଦେପଲାକା ଗୁହାନା ବେସେଞ୍ଜୁ, କକା, ଇବା ଜଡ଼େକା କାତା ଜପା ମୂତେକା ଗୁଲେ କାତା ଆନେ ? ସାଙ୍ଗ୍ରକକା ତାରି ମୁହୁ ଲାଇଟି ଉଜାଡ଼ିଡ଼ାଇ ଏସ୍ତି ରଆଞ୍ଜୁ ମହାପୁରୁଷ ଡେଃଙ୍ଗିତସ୍କିମାସେ । କାନଙ୍ଗା ବାଡ଼୍ ଇସାନା ଅଟେ କାତା ଟଣ୍ଡିତେଞ୍ଜୁ ... ଆବା ମେଃମୁ, ରଆଞ୍ଜୁ ଆନାଆଗିବା ଦାଃପିନେଞ୍ଜୁ ଏଆତିନି ପୁନ୍‌ମ୍ବା ଏଙ୍ଗା ଏ ବେଅଟି ତାନ୍ଦାରା ଏଲୁ ସିବା, ପରିଶ୍ରମ ଗିବା ଆତେ ଜିତିଆନାରି କଞ୍ଚିକାଠି । ଲଡ଼ାଇତାନି ଶହେଲକୁ ସିପାହୀ ନିସାନେରୁ । ଏସେରିବେଲା କାତା ଜ୍ଜିବାତାରି ଦିନେ ଏମ୍ବା ନିଇ କାକାକାଟ୍‌କା, ନୀନ୍ଦେଏଲୁ ଆତେ ନୀଇ ସାଙ୍ଗ ସାଥି । ଜୀବନ ପାହେରି ତାନି ଗାପ୍‌ସି ଗାଡାଙ୍ଗା କୁଟିଙ୍ଗା ମାନୁ । ଏସ୍ତିସିକି ଟୀପ ତେଗାତା ସିଟ୍ରି ବେସାନାରି ମାହା ଆଗାମାନେ । ମାହା ତିନ୍‌ମ୍ବାତିକି ଏମ୍ବାଇତ ପ୍ରାହ୍‌ଣ୍ଟୁ ସେଙ୍ଗାଇମାନେ, ଏମ୍ବାଇ ବାଡି ବିପ୍‌କିମାନେ । ମାହା ସେଙ୍ଗାଇନାଞ୍ଜୁ ଯେ ଏରା ମାହାପାନେଞ୍ଜୁ ଏକାତା ସିଡେଏ, ମାହା ନେଡେ ଦିଆନେ ଗିନା ଡେଗା ଲେଙ୍ଗିନେ । ଏଆଡେଙ୍ଗି ବିଆନାରି ବାଡି ମାହାତିନି ଅଡ଼ାଇମାନେ କି, ମାହାତିନିବେଏ ଆହାନା ଦୁରୁକି ସାଜିନେ ।

ବିରେନ୍ଦ୍ର ତାରି ଅଟେ ଧୈର୍ଯ୍ୟ ଏପିସିଡାତେ, ଏଆଞ୍ଜୁ ଇସେଞ୍ଜୁ, "ଲକୁ ପ୍ରାହଣ୍ଟୁ ସେଙ୍ଗେଞ୍ଜୁ କି ବାଡି ବିଏଞ୍ଜୁ ଇସେକା ମାହା ଇସିଙ୍ଗିଆନା ତିନେଞ୍ଜୁ ?''

"ଆବା ତିନମ୍ବା କାତା ତ ଆନୁ ବେସ୍କା ମୂତେନୁ, ଆନୁ ବାରି ମାହା ପାନାରା କାତା ବେସ୍କିଞ୍ଜାଇ । ମାହା ସେଙ୍ଗା ଏଙ୍ଗା ବାଡିବୀବା ଡେଃଙ୍ଗେ ଅଟେ ରଣ୍ଡେ

କକା - ଢିଭ ଓ ଯୌବନକୁ ନିଜ ଆୟତରେ ରଖିବା ହେଉଛି ସବୁଠୁ ବଡ଼ ମ୍ୟାନେଜ୍‌ମେଣ୍ଟ । ତୁମର କଥା ପଦକ ପରକୁ ଆପଣା କରିବ । ତୁମ କଥାରୁ ଲୋକେ ଜାଣନ୍ତି ତୁମର ଓଜନ କେତେ । ଟୋକା ସମୟରେ ଯଦି ତୁମର ଗୋଡ଼ ଖସିଲା ତେବେ ବୁଢ଼ା କାଳ ଯାଏ ତୁମର ଗୋଇଠିରେ ଦରଜ ହେଉଥିବ ।

ପିତଳ ଥାଳିରେ ମୁଢ଼ୀ ଆଉ ବିସ୍କୁଟ ଆଣି ଖୁଡ଼ି ସାମ୍ନାରେ ଥୋଇଲେ । କକା କହିଲେ, ଏତେ ସମୟ କୁଆଡ଼େ ଯାଇଥିଲ ? ଖୁଡ଼ି କହିଲେ, "ସେ ସାହି ଦୋକାନକୁ । ବୀରେନ୍ଦ୍ରର ମୁଣ୍ଡ ଘୁରୁଥିଲା । ସାଙ୍ଗ କକାଙ୍କ କଥାଗୁଡ଼ିକ କଲେଜ ଅଧ୍ୟାପକଙ୍କ ଭାଷଣ ଠାରୁ ବି ଶାଣିତ । ସେ ଭାବୁଥିଲା ମୁଁ ତ ଖାଲି ଏତେଦିନ ଅନ୍ୟମାନଙ୍କ ପାଖରେ କ'ଣ ଅଛି ଦେଖି ଦେଖି ନିଜକୁ ସଂକୁଚିତ କରି ରଖିଥିଲି । ତା' ମନର ଅନ୍ଧକାର ଦୂରୀଭୂତ ହେଉଥିଲା । ଛେପ ଢ଼ୋକି ପଚାରିଲା, "କକା, ଏଇ ଦୁଇଟି କଥା ଜଗିଦେଲେ କ'ଣ ସବୁ ହୋଇଯିବ ?" ସାଙ୍ଗ କକାଙ୍କ ମୁହଁଟା ଲଣ୍ଠନ ଆଲୁଅରେ ଆହୁରି ଗମ୍ଭୀର ଓ ଦୀପ୍ତିମାନ ହୋଇ ଏକ ମହାପୁରୁଷ ଭଳି ଦେଖା ଯାଉଥିଲା । ସେ ଚକ୍ଷୁ ନିମିଳିତ କରି କଥା ଆରମ୍ଭ କଲେ, "ବାବା ଦେଖ, ଜଣେ ଯାହା ବି କରିବାକୁ ଚାହୁଁଛି ସେଇଟା କ'ଣ ଜାଣିବା, ତା' ପଛରେ ମନପ୍ରାଣ ଏକା କରିଦେବା ଏବଂ ଅକ୍ଳାନ୍ତ ପରିଶ୍ରମ କରିବା ହେଉଛି ସଫଳତାର ଚାବିକାଠି । ଲଢ଼ାଇରେ ଶହେ ସିପାହୀ ଠିଆ ହୋଇଥିବେ । କିନ୍ତୁ ସୁରକ୍ଷାର ପ୍ରଶ୍ନ ଆସିଲେ ତୁମର ପ୍ରଥମ ବନ୍ଧୁ ହେଲା ତୁମର ହାତଗୋଡ଼ ଓ ତୁମର ମନୋବଳ । ଜୀବନର ପଥରେ ବହୁତ ଖାଲଖମା ଅଛି । ଗଛର କେଉଁ ସୂଉଚ ଡାଳରେ ସୁନା ରଙ୍ଗର ଆମ୍ବଟିଏ ଫଳିଛି । ଆମ୍ବଟିକୁ ପାଇବା ପାଇଁ କିଏ ଗଛ ଚଢୁଛି ତ କିଏ ଟେକା ଛାଡୁଛି । ଗଛ ଚଢ଼ିବା ଲୋକ ତାକୁ ପାଇବ ନା ଟେକାଟା ଆମ୍ବ ଦେହରେ ବାଜିବ କି ନାହିଁ କିମ୍ବା ବାଜିଲେ ଆମ୍ବ ଆଉ କୋଉଠି ଛିଟିକି ପଡ଼ିବ କହିବା କଷ୍ଟ ।''

ବୀରେନ୍ଦ୍ରର ଆଉ ଧୈର୍ଯ୍ୟ ପାଉନଥିଲା । ସେ କହିଲା, "ଲୋକଟି ଗଛ ଚଢ଼ିବନି କି ଟେକା ଛାଡ଼ିବନି, ତା'ହେଲେ ଆମ୍ବ ଖାଇବ କେମିତି ?"

କକା ସ୍ଥିର କଣ୍ଠରେ କହିଲେ, "ବାବା, ମୁଁ ତ ଆମ୍ବ ଖାଇବା କଥା କହିପାରିବିନି, ଏ କେବଳ ଆମ୍ବଟିକୁ ପାଇବା କଥା କହୁଛି । ଗଛ ଚଢ଼ିବା ଏବଂ

ଉପାୟମାନେ – ଏରି ଆତେ ବାବଡ଼ି । ବାବଡ଼ି ବାଡି ତେସେ ଦୁରୁକି ସାଲ୍‌ବା ମୁଆତାକେ ବେଏ ଏଇ ଅହାରି ରୁଜୁ ଆହାନା ସାନେ । ତାନ୍ଦାରା ପାଠ ପଢ଼ିଆବା ସହିତ ଏମ୍ଵାଇ ଅଟେ ରଣ୍ଡା ଜଡ଼େକା ବେଗାଲିକାତା ଗ୍ରାମ୍ନିନେରୁ ଇସେକା ଏରି ଆରେଏ ସାଲେଏ । ମାହାସେଲୁ ସାକି ମାନାବାନି ଜୀଉଦନ୍ତ ଗିଆନା ମାଙ୍ଗେ ବାବଡ଼ି ଦାଃପା ଦିନେ । ସଡ଼ିଟି ଦିଆନାରି ବାସିତି ଡେଗା ବେଏ ଲୁଡ଼ାଆତେକା ନେଗି ବାବଡ଼ି ଆବାମୁନେ । ସଟେକାଡ଼େ ଗଡ଼ାଆତାକେ ବେଏ ରଣ୍ଡେ ବାବଡ଼ି ପାଞ୍ଚୁଟା ବାଡିଙ୍ଗା ସରେ ।

ଏସିଗାଲା ସାଙ୍ଗ୍ରକଲା ଟାଇ କାତାଙ୍ଗା ବୀରେନ୍ଦ୍ର ଏଲୁଟାନି ଟିଣିଙ୍ଗା ବେପିମାସୁ । ଛୁଟି ବିହାଗିଆନା ଏଆଞ୍ଜୁ କଲେଜ ହଷ୍ଟେଲ ତିକି ବ୍ରେଡ଼ାଟେଞ୍ଜୁ । କଲେଜ ଟାଇ ଲାଇବ୍ରେରିଙ୍ଗା, gymnasium କଲେଜ ତାନି ଆଇମାନି competition ମେହନା ଇସ୍ତେ, ଉଜେନେ ମାହା ପାନ୍‌ମ୍ଵା ତିକି ଇମ୍ଵା ଏସଲି ବାବଡ଼ାକା ଦିଅନା ମାନୁ ।

❖❖❖

ଟେକା ଛାଡ଼ିବା ବ୍ୟତୀତ ଆଉ ଗୋଟାଏ ଉପାୟ ଅଛି, ସେଇଟା ହେଲା ଖାପଡ଼ । ଖାପଡ଼ ଟେକା ଭଳି ଦୂରକୁ ଯାଇନପାରେ, କିନ୍ତୁ ଏଇଟା ଗୋଟାଏ ବଡ଼ ରାସ୍ତା ବନେଇ ଉଡ଼େ । ନିଜର ପାଠପଢ଼ା ସହିତ ଯଦି ତୁମେ ବାହ୍ୟ ଗୋଟାଏ ଦୁଇଟା କଥା ଶିଖି ପାରିଲ, ତା'ହେଲେ ସେଇଟା ବେକାର ଯିବ ନାହିଁ । ଆମ୍ବ ପାଇଁ ଭୋକ ଥିଲା ବେଳେ ହିଁ ଆମକୁ ଧୈର୍ଯ୍ୟ ଧରି ଖାପଡ଼ ଖୋଜିବାକୁ ହେବ । ପାଖରେ ପଡ଼ିଥିବା ମଲା ଡାଳଟିଏ ବି ଦରକାର ହେଲେ ଭଲ କାମ ଦେବ । ଥରକରେ ଲକ୍ଷ ବିଦ୍ଧ ହୋଇ ନପାରେ କିନ୍ତୁ ଗୋଟିଏ ଖାପଡ଼ ପାଞ୍ଚଟା ଟେକାଠୁ ଭଲ ।

ସାଙ୍ଗ୍ର କକାଙ୍କ କଥା ସବୁ ବୀରେନ୍ଦ୍ର କାନରେ ଘଣ୍ଟନାଦ କରୁଥିଲା । ଛୁଟି ସରିବା ପରେ ସେ କଲେଜ ହଷ୍ଟେଲକୁ ଫେରି ଆସିଲା । କଲେଜର ବହିଭର୍ତ୍ତି ପାଠାଗାର, ଜିମ୍‌ନାସିୟମ. ହେଉଥିବା ବିଭିନ୍ନ ପ୍ରତିଯୋଗୀତା ଦେଖି ତାକୁ ହୃଦୟଙ୍ଗମ ହେଉଥିଲା ଯେ, ଆମ୍ବ ପାଇବା ପାଇଁ ଏଠାରେ ଝରିପଟେ କେତେ ଖାପଡ଼ ପଡ଼ିଛି ।

❖❖❖

# ପାଓ୍ୱାର ପ୍ଲସ

ଇ ତାଞ୍ଜୁ ଡ଼ାଇ ପଞ୍ଚା, ଇସେକା ଗୁନ୍ଦାବାଜୁ ସମ୍ଭାରା ଆବା ମିରେଞ୍ଜୁ ପଞ୍ଚାନନ ସରକାରୀ ଋକିରୀ ପାଟାରି ରୀ ମାସ ଆନେ । ପଞ୍ଚା ନାଜୁ ତିକି ରଆଞ୍ଜୁ ନେଗି ମୀଡ଼ା । ଗୁଲେଏ ଲକୁରି ମାନ୍ୟ ଦର୍ମ ଗିନେଞ୍ଜୁ । ଏମ୍ଭେରିଇ ରେ-ରା ବେ-ବା ଗିନାରି କାତା ଡେକେ ଦୁରୁ । ମୀଡା ବେଲା-ଡ଼ାଇନେ ଚକାପାଦୁ ଆଶ୍ରମ ତାନି ପଡ଼ି ଆଇ ସେଞ୍ଜୁ । ପଞ୍ଚା ଆପ ତାରା କାତା ବେସ୍ତାଇ ଇସେକା ବେଲା କିରି ଇନେ, ସ୍ପକାଙ୍ଗା ଲୁମ୍ବିନୁ । ଏସିଗାଲା ମାହୁରି ମାହୁରି ଡେଲିତାନି ପଞ୍ଚା ଇଜକି ବାତାରାଆ ମେହାନା ଆଜା ଆବା ନାଜୁଗୂଡ଼ା ଗୁଲେଏ ତାଇ ରେହା ଆତୁ । ଏମ୍ଭାଇ ଇସେ ପଞ୍ଚା ପୂନି ଋକିରି ତାଆ ପୂନି ଦରମାଟାକାଙ୍ଗା ତାଞ୍ଜିଟାଡ଼ି ସାଙ୍ଗି ସୀବା ବାଜାନେଞ୍ଜୁ, ଏମ୍ଭାଇ ତାଡ଼ା ତାଡ଼ା ବୀଡ଼ାତଡୁ ମାଦେ ଏମ୍ଭାଇ ନେଗି ଲାଆ ମୀଡ଼ାମାନେ ସେଡ଼ି ଡୁସ୍କା ସେଲୁ ଏଲୁ ପ୍ରାଃତେରୁ ।

ବିଲୁଡ଼ି ଏଙ୍କୁ ଉଟାବାନି ଆବା ବେନ୍ମ୍ଭାନେ ପଞ୍ଚା ଇସେଞ୍ଜୁ, “ନାନ୍ଦେ ପୁଲିସ ଭେରିଫିକେସନ (police verification) ବାଜାମାନେ । ଏଆଡ଼ିକି ଥାନାତିକି ବାଜାମାସେ, ଥାନାବାବୁ ସିଡେଞ୍ଜୁ । ବୀଏ ବାନେଞ୍ଜୁ ଇସେକା ପୂଣ୍ଡିକାଇ । ଏଲୁ ଦାପି ଇନ୍ମ୍ଭାନେ ଆବା ଇସେଞ୍ଜୁ, “ଏକା, ସାସିଆଟା ରିଆରୁ ପୁଲିସାଙ୍ଗା ଇଜକି ବାଜା ସେରୁ । ତମ ପୁଅର ବଡ଼ ଋକିରି ହେଲା - ଇଞ୍ଜାନା ଦେଡ଼େଶ ଟାକାଙ୍ଗା ଏଙ୍ଗା କଜୁ ରଣ୍ଡା ଜାସାନା ଅତେରୁ । ଆମୁ ବେଏ ରେହାଡ଼ାଇ ସିତାମୁ ।’’ ବେଇତି ନାଡ଼ିସି ସୂଗା କୁଇଟି କାଣ୍ଡି ଗିପି ସାନିଇ ପଞ୍ଚା ଗୋବିନ୍ଦ ସାହୁ ମିରେଞ୍ଜୁ, ତଣେ ରାଧାକାନ୍ତଇ ପୁଣ୍ଡିତେଞ୍ଜୁ । ରିଆରୁ ମୀଡା ବେଲା ର କ୍ଲାସତାନି ପଡ଼ି ଆଇସେରୁ ।

ରାଧାକାନ୍ତ - ଆରେ ପଞ୍ଚା, କେବେ ଆସିଛୁ ? ଶୁଣିଲେ ତୁ କ’ଣ ଗୋଟେ job join କଲୁ ?

ପଞ୍ଚା - ଦୁଇ ମାସ ହେଲା S.P.O. ମାନେ Special Police Officer ଜଏନ୍ କରିଛି । ମୁଁ ଏମିତି ଠିଆ ହୋଇ ଯାଇଥିଲି । କେମିତି ହେଉ ହୋଇଗଲା । ଆଉ ତୋର ଖବର କ’ଣ ?

# ପାୱାର ପ୍ଲସ୍

ଏଇ ମାସରୁ ପଞ୍ଚା ମାନେ ଗୁନ୍ଦାବାଜୁ ଗାଁର ସମ୍ବାରା ପ୍ରଧାନ ପୁଅ ପଞ୍ଚାନନ ସରକାରୀ ଚାକିରୀ ପାଇବାର ଦୁଇ ମାସ ହେଲା । ପଞ୍ଚା ଗାଁ ଭିତରେ ଭଲ ପିଲା, ସୁନାମୁଣ୍ଡା ଟାଏ । ସମସ୍ତଙ୍କୁ ମାନ୍ୟଧର୍ମ କରେ । କାହାକୁ ଛେ ଛାକର କରିବା ତ ଦୂର କଥା । ପିଲାବେଳୁ ଚକାପାଦ ଆଶ୍ରମରେ ପଢ଼ିଛି । ପଞ୍ଚାନନ କଥା ବଖାଣି ବସିଲେ ବେଳ ଗଡ଼ିଯିବ, ତାରା ଲୁଚିଯିବେ । ସେଇ ଦିନ ମାଛି ଅନ୍ଧାର ବେଳେ ପଞ୍ଚାନନ ଘରକୁ ଫେରିବା ଦେଖି ମାଆ ବାପା ସାହିପଡ଼ିଶା ସମସ୍ତେ ଖୁସି ହେଲେ । କିଏ କହିଲା ପଞ୍ଚାନନ ତା'ର ନୂଆ ଚାକିରୀର ପ୍ରଥମ ଦରମା ଟଙ୍କା ବାପା ମାଆଙ୍କୁ ଦେବାକୁ ଆସିଛି । ଆଉ କେହି କେହି ନିଜ ସୁଖ ସଂପର୍କୀୟଙ୍କ ଘରେ ଥିବା ସୂକନ୍ୟାମାନଙ୍କ ସହ ପଞ୍ଚାନନର ବାହାଘର ପ୍ରସ୍ତାବ ଆଣିବା ପାଇଁ ଭାବିବାରେ ଲାଗିଲେ । ପୁଅଟା ନୂଆ ସରକାରୀ ଚାକିରୀ କରିଛି, ଘରେ ଋଷବାସ ବି ଅଛି । ନିଜଆଡ୍ରୁ କଥା ପକେଇଲେ କ୍ଷତି କ'ଣ ?

ରାତିରେ ଖାଇ ବସିବା ବେଳେ ବାପା ପଚାରିବାରୁ ପଞ୍ଚାନନ କହିଲା, "ମୋର ପୋଲିସ୍ ଭେରିଫିକେସନ ପାଇଁ ଆସିଛି । ଆଜି ଥାନାବାବୁ ନଥିଲେ । କାଲି ମୁଁ ଯାଇ ତାଙ୍କୁ ଦେଖାକରିବି । ମନେ ପଡ଼ିବାରୁ ବାପା କହିଲେ, ହଁ, ହଁ, ଗତ ସପ୍ତାହରେ ଦୁଇ ଜଣ ପୋଲିସ୍ ଘରକୁ ଆସିଥିଲେ । ତମ ପୁଅର ଚାକିରୀ ହେଲା କହି ଦେଢ଼ ଶହ ଟଙ୍କା ସହ ଗୋଟିଏ ଗଞ୍ଜା କୁକୁଡ଼ା ମାଗିନେଲେ । ଆମେ ବି ତୋର ଚାକିରୀ କଥା ଭାବି ଖୁସିରେ ଦେଲୁ ।" ତା'ପର ଦିନ ସକାଳେ ଚୁଆଁ ଉପରେ ଦାନ୍ତ ଘସୁଥିଲା ବେଳେ ଗୋବିନ୍ଦ ସାହୁର ପୁଅ ରାଧାକାନ୍ତ ସହ ପଞ୍ଚାନନର ସାକ୍ଷାତ ହେଲା । ଦୁଇଜଣ ପିଲାଦିନର ସାଙ୍ଗ, ଏକା କ୍ଲାସରେ ପଢୁଥିଲେ । ରାଧାକାନ୍ତ ପଚାରିଲା, ଆରେ ପଞ୍ଚା, କେବେ ଆସିଛୁ ? ଶୁଣିଲି ତୁ କ'ଣ ଗୋଟିଏ job join କରିଛୁ ।

ପଞ୍ଚାନନ : ଦୁଇ ମାସ ହେଲା SPO ମାନେ Special Police Officer ଜଏନ୍ କରିଛି । ମୁଁ ଏମିତି ଠିଆ ହୋଇଯାଇଥିଲି । କେମିତି ହେଉ ହେଉ ହୋଇଗଲା । ଆଉ ତୋ'ର ଖବର କ'ଣ ?

ରାଧାକାନ୍ତ – ଏବର୍ଷ ମୋର political Science PG Final year ତା'ପରେ କ'ଣ ସବୁ competitive ଦେବା । ଏଇଟା ତୋର Special Drive ଥିଲା ନା ?

ପଞ୍ଚା – ହଁ । ଦୁଇମାସ ହେଲା training ଚାଲିଛି । Police verification ପାଇଁ ଆସିଛି ।

ରାଧାକାନ୍ତ – ପଞ୍ଚା, ତୁ ଜାଣିଛୁ ନା, ଗତକାଲି 'ସମାଜ'ରେ OPSC ର OAS Exam ପାଇଁ ବାହାରିଛି । ତୁ ବି ପକା, ମୁଁ ବି ପକେଇବି ଭାବୁଛି । ପରୀକ୍ଷା ଦେବା । ତୋ subjectରେ ତ competition କମ୍ । ଟିକେ ଚେଷ୍ଟା କଲେ ହୋଇଯିବ ।

'ହଉ ଦେଖିବା' ଇଞ୍ଜାନା ପଞ୍ଚା ସୁରାବାରା ସିରୁ ମିଆନା ବାତେଞ୍ଜୁ । ଆଜା ପାଲା ଏଙ୍ଗା ସାଇଙ୍ଗା କୁସା ବାଜା ଜିଆସେ । ବେହୁ ବେହୁ ଏଜୁ ଉନ୍‌ଜାନା ପଞ୍ଚା ତନ୍ଦ୍ରା ତନ୍ଦ୍ରା ସୁହାନା ସାସେଞ୍ଜୁ । ଥାନାତିକି ଏସାନା ବୁଝିଆତେଞ୍ଜୁ ଯେ, ଥାନାବାବୁ ନେଞ୍ଜୁ ବେଏ ବାଆ ସିତେଞ୍ଜୁ । ନାଟକି ସାଜାନେଞ୍ଜୁ । ରାଇଟର ବାବୁ ବାହାଙ୍ଗି ସାଜାନା ପୁଲିସ୍ କାଇଦା ଡ଼ାଇ ସାଲୁଟ୍ ବେସାନା ପଞ୍ଚା ଜହାରି ଗିତେଞ୍ଜୁ । ସାର୍, ମୋର police verification ଆସିଥିଲା । ଟିକେ କହିପାରିବେ ସାର୍ ?

ରାଇଟର ବାବୁ – ନାଁ କ'ଣ ? ଘର କେଉଁଠି ?

ପଞ୍ଚା – ପଞ୍ଚାନନ ପ୍ରଧାନ, ସାର୍ । ଘର ଗୁନ୍ଦାବାଜୁ ସାର୍ । ଗାଁରୁ verification ହେଇସାରିଛି, ସାର୍ ।

ରାଇଟର ବାବୁ – ହଁ, ହଁ । SPO ନା, ହଁ ହଁ ମୁଁ ଜାଣିଛି । କାଗଜ ଯାଇନି । ବଡ଼ବାବୁ ଆସିଲେ ଯିବ । ଭଲ, ସରକାରୀ ଚାକିରି ମିଳିଗଲା । ଭଲ, ଭଲ ।

ପଞ୍ଚା – ସାର୍, D.S.P. ସାହେବ ଜଲଦି କାଗଜ ଜମା ଦେବା ପାଇଁ କହିଛନ୍ତି ସାର୍ । ଟିକେ ଜଲ୍‌ଦି ପଠେଇଲେ ଭଲ ହୁଅନ୍ତା ସାର୍ ।

ରାଇଟର ବାବୁ – ଆରେ କହିଲି ପରା, କାଗଜ ଯିବ । ବ୍ୟସ୍ତ କାହିଁକି ହେଉଛ ? ଖର୍ଚ୍ଚ ପାଇଁ କିଛି ଦିଅ, କାଗଜ ଯିବ ।

ରାଧାକାନ୍ତ – ଏବର୍ଷ ମୋର Political Science P.G. ର final year । ତା'ପରେ କ'ଣ ସବୁ competition ଦେବା । ଏଇଟା ତୋର Special Drive ଥିଲା ନା ?
ପଞ୍ଚାନନ – ହଁ, ଦୁଇ ମାସ ହେଲା Training ଚାଲିଛି । Police Verification ପାଇଁ ଆସିଅଛି ।
ରାଧାକାନ୍ତ – ପଞ୍ଚା, ତୁ ଜାଣିଛୁ ନା, ଗତକାଲି 'ସମାଜ'ରେ OAS Exam ପାଇଁ Advertisment ବାହାରିଛି । ତୁ ବି ପକା । ମୁଁ ବି ପକାଇବି ଭାବୁଛି । ପରୀକ୍ଷା ଦେବା । ତୋ'ର subject ରେ ତ competition କମ୍ । ଟିକେ ଚେଷ୍ଟା କଲେ ହୋଇଯିବ ।

'ହଉ ଦେଖିବା' କହି ପଞ୍ଚା ତରତରରେ ଗାଧୋଇ ଆସିଲା । ମାଆ ସକାଳୁ ଭାତ ସହିତ ବାଡ଼ିର ଶିମ୍ବ ତରକାରୀ ରାନ୍ଧି ଦେଇଥିଲେ । ଗରମ ଗରମ ଭାତ ଖାଇ ତରତରରେ ବାହାରି ପଡ଼ିଲା । ଥାନାକୁ ଆସି ବୁଝିଲା ଯେ ଥାନାବାବୁ ଆଜିବି ଆସିନାହାନ୍ତି । ସେ ତାଙ୍କର ଗାଁକୁ ଯାଇଛନ୍ତି । ରାଇଟର ବାବୁଙ୍କ ପାଖକୁ ଯାଇ ପୋଲିସ୍ କାଇଦାରେ ସାଲ୍ୟୁଟ୍ ମାରିଲା । ରାଇଟର ବାବୁ ସକାଳର ଖବରକାଗଜରୁ ମୁଣ୍ଡ ଉଠାଇ ଦେଖିଲେ । ପଞ୍ଚାନନ ପଚାରିଲା, ସାର୍, ମୋର police verification ପାଇଁ ଆସିଛି । ଚିଠିଟା କାହା ପାଖରେ ଅଛି କହିପାରିବେ ସାର୍ ?
ରାଇଟର ବାବୁ – ନାଁ କଣ ? ଘର କେଉଁଠି ?
ପଞ୍ଚାନନ – ପଞ୍ଚାନନ ପ୍ରଧାନ, ସାର୍ । ଗାଁ ଗୁନ୍ଦାବାଜୁ ସାର୍ । ଗାଁରୁ verification ହୋଇ ଯାଇଛି ସାର୍ ।
ରାଇଟର୍ ବାବୁ – ହଁ, ହଁ, SPO ନା, ହଁ ହଁ ମୁଁ ଜାଣିଛି । କାଗଜ ଯାଇନି । ବଡ଼ବାବୁ ଆସିଲେ ଯିବ । ଭଲ ସରକାରୀ ଚାକିରୀ ମିଳିଗଲା । ଭଲ ଭଲ ।
ପଞ୍ଚାନନ – ସାର୍, DSP ସାର୍ ଜଲ୍‌ଦି କାଗଜ ଜମାଦେବାକୁ କହିଛନ୍ତି ସାର୍ । ଟିକେ ଜଲଦି ପଠେଇଲେ ଭଲ ହୁଅନ୍ତା ସାର୍ ।
ରାଇଟର୍ ବାବୁ – ଟିକେ ଉଚ୍ଚା ଗଳାରେ କହିଲେ, ଆରେ କହିଲି ପରା, କାଗଜ ଯିବ । ଏତେ ବ୍ୟସ୍ତ କାହିଁକି ? ଖର୍ଚ୍ଚ ପାଇଁ କିଛି ଦିଅ, କାଗଜ ଯିବ ।

ରୀ ମାସ ରକିରୀ ଭିତରେ ପୁଲିସ୍ ବାରାକ ତାନି ରାହି ଆଜାନା ଖର୍ଚ୍ଚ ବାର୍ଚ୍ଚ ଇସେକା ଆନାରି ବୁଝିଆବା ତିକି ଆନାରି ଅସୁବିଧା ସିତାତେ । ଉକଡ଼ି ପ୍ରଁ ଇନାଆଡ଼ାଇ ମଡ଼ିଡ଼ାଇ ତିନିଶହ ଡାବୁଙ୍ଗା କଡାନା ଟେବୁଲ କୁଇଟି ଇଟି ତେଞ୍ଜୁ । ସରଷ ପ୍ରିଉ ତିନି କଜୁ ପେଗ୍ନି ଡେଃଙ୍ଗି ରାଇଟର ବାବୁ ଡାବୁଙ୍ଗା କଡାନା ମଡ଼ିତାନି ନେଃତେଞ୍ଜୁ । ଏମ୍ବାଡ଼ାଇ ସାହାସ ଗିଆନା ପଞ୍ଚା ଇସେଞ୍ଜୁ, ସାର୍ ଟିକେ ଶିଘ୍ର ପଠେଇ ଦେବେ । ରାଇଟର ବାବୁ ସୁଡାତାରା ପାନ ନେଗାଡ଼ାଇ ମେରଡ଼ି ଗିଇସି ଇସେଞ୍ଜୁ । ଯିବ, ଯିବ, ବ୍ୟସ୍ତ ହୁଅନି । ହେଲେ ଆମ ପାଇଁ ବି କିଛି ଦିଅ ।" ଡ଼େକ୍ ଇଞ୍ଜାନା ପଞ୍ଚା ଇସେଞ୍ଜୁ,ସାର୍ ଏବେତ ଦେଲି... । ପାନ ପାଟ୍କା ମିଲ୍ନା କାକ୍ସିସି ରାଇଟର ବାବୁ ଇସେଞ୍ଜୁ,ଆରେ ଏଇଟା ତ ବଡ଼ବାବୁଙ୍କ ପାଇଁ । ଏତେ ନ ଦେଲେ ଦୁଇଶହ ବି ଚଳିବ । ଏଇ ବୟସରେ ତୁମର ସରକାରୀ କ୍ୟାରିଅର ଅଛି । ଟିକେ କିନ୍ ଇଞ୍ଜାନା ଅଟେ ଟଣ୍ଡିତେଞ୍ଜୁ, ବୁଝିପାରୁନ ବୋଧେ, ତୁମେ ପିଲାଲୋକ । ତମେ mobile ରଖିଛ ? - ହଁ ସାର୍ । ମୋବାଇଲ୍‌ରେ କଥା ହେବା ପାଇଁ recharge କରୁଛ ? - ହଁ, ସାର୍ ।

- କମ୍ ପଇସାରେ ଅଧିକ free call କରିବା ପାଇଁ power plus ପକଉଛ । ବଡ଼ବାବୁ ଥିଲେ ତାଙ୍କ କାଇଦା ଦେଖିଥାନ୍ତ । ତମେ ଆମ Department join କରିଛ ବୋଲି ଏତିକିରେ ଚଳିଗଲା । ତମେ ଆମକୁ ଯାହା ଦେଲ, ଏଇଟା power plus ବୋଲି ଭାବ ।

ପଞ୍ଚାଇ ଗୁଲେଏ କାତା ଡିଟି ଡେଃଙ୍ଗି ତୃପ୍କା ତସ୍କିମାସେ । କୂଟା ଗୁରୁ କାତା ବୁଝୁଣିଆ ବେସ୍ନି ଡେଃଙ୍ଗି ଏସ୍ତାବାନି ସୀପା ଏସ୍ତାତାନିଇ ପାଜିଡ଼ାଇ ମେଲାଣି ବୁଲାଣି ଆଇନେ ଗୁଲେଏ ମେଃତେଞ୍ଜୁ । ନକିକି ଆନାଆ ବେଏ ବେସାଆଡ଼ାଇ ଦୁଇଶହ ଟାକାଙ୍ଗା କଡାନା ସିତେଞ୍ଜୁ ଏଙ୍ଗା 'ଆସୁଛି ସାର୍' ଇଞ୍ଜାନା ସାଲୁଟ୍ ବେସାନା ବ୍ଟେତା ତେଞ୍ଜୁ ।

❖❖❖

ଦୁଇ ମାସର ଚାକିରି ଭିତରେ ପୋଲିସ୍ ବାରାକ୍‌ରେ ରହି ଖର୍ଚ୍ଚବାର୍ଚ୍ଚର ପ୍ରକୃତ ଅର୍ଥ ଠଉରେଇବାରେ ତା'ର ଆଦୌ ଅସୁବିଧା ହେଲା ନାହିଁ । ଶ୍ୱାସ ବନ୍ଦକରି ତିନିଶହ ଟଙ୍କା ବାହାର କରି ଟେବୁଲ୍ ଉପରେ ରଖିଲା । ଲିଆ ଦେଖିଲେ କୁକୁଡ଼ା ଝୁମିଲା ପରି ରାଇଟର୍ ବାବୁ ଚଟ୍ କରି ପଇସା ଉଠେଇ ପକେଟରେ ରଖିଲେ । ଏଥର ସାହାସ ସଞ୍ଚୟ କରି ପଞ୍ଚାନନ କହିଲା, "ସାର୍, ଟିକେ ଶିଘ୍ର ପଠେଇ ଦେବେ ସାର୍ ।''

ରାଇଟର ବାବୁ ପାନଟାକୁ ଆଉ ଟିକେ ଦାବି କି ଚେବେଇ କହିଲେ, "ଯିବ, ଯିବ, ବ୍ୟସ୍ତ ହୁଅନି । ହେଲେ ଆମ ପାଇଁ ବି କିଛି ଦିଅ ।" ପଞ୍ଚାନନ ଚମକି ପଡ଼ିଲା । କହିଲା, "ସାର୍ ଏବେ ତ ଦେଲି ।" ପାନଖିଆ ଦାନ୍ତ ଦୁଇ ଧାଡ଼ିକି ଦେଖେଇ ରାଇଟର ବାବୁ କହିଲେ, "ଆରେ, ଏଇଟାତ ବଡ଼ବାବୁଙ୍କ ପାଇଁ । ଏତେ ଦେଇ ନ ପାରିଲେ ଦୁଇ ଶହ ବି ଚଳିବ । ଏଇ ବୟସରେ ତୁମର ସରକାରୀ ଚାକିରି ହୋଇଛି । ଆଗକୁ ଲମ୍ବା କ୍ୟାରିଅର ଅଛି ।'' ପଞ୍ଚାନନ ହତ୍‌ବାକ୍ ହୋଇ ଠିଆ ହୋଇ ଶୁଣୁଥିଲା । ରାଇଟରବାବୁ ଗଳା ଖଙ୍କାରି ପୁଣି ଜାରି ରଖିଲେ, "ବୁଝି ପାରୁନ ବୋଧେ ! ତୁମେ ପିଲା ଲୋକ । ତମେ mobile ରଖିଛ ?

'ହଁ ସାର୍', ପଞ୍ଚାନନ ଉତ୍ତର ଦେଲା ।

ମୋବାଇଲ୍‌ରେ କଥା ହେବା ପାଇଁ ରି-ଚାର୍ଜ କରୁଛ ?

'ହଁ ସାର୍' ।

କମ୍ ପଇସାରେ ଅଧିକ free call କରିବା ପାଇଁ power plus ପକାଉଛ ?

'ହଁ, ସାର୍' ।

"ବଡ଼ ବାବୁ ଥିଲେ ତୁମେ ତାଙ୍କର କାଇଦା ଦେଖିଥାନ୍ତ । ଦୁଇ ହଜାର ଟଙ୍କାରୁ ଟିକିଏ ଖସି ନଥାନ୍ତେ । ତମେ ଆମର Department ବୋଲି ଏତିକିରେ ଚଳିଗଲା । ତମେ ଆମକୁ ଯାହା ଦେଲ, ଏଇଟା power plus ବୋଲି ଭାବ ।

ପଞ୍ଚାନନ ଆଖି ଆଗରେ ସବୁ କଥା ପୁରାପୁରି ପରିଷ୍କାର ଦେଖା ଯାଉଥିଲା । କାଳିସି କଥା ବୁଝୁଣିଆ ବୁଝିଲା ଭଳି ରାଇଟର ବାବୁ ସବୁକଥା ବୁଝାଇ ଦେଇଥିଲେ । କେଉଁ ଦେବତାଙ୍କୁ କି ଭୋଗ ଲାଗିବ ଆଉ କିଛି ପଚାରିବାର ନଥିଲା । ଆଉ କିଛି ନ କହି ପକେଟ ଦରାଣ୍ଡି ଦୁଇ ଶହ ଟଙ୍କା ବାହାର କରି ଟେବୁଲ୍ ଉପରେ ଥୋଇ ଦେଲା ଏବଂ "ଆସୁଛି ସାର୍" କହି ସାଲ୍ୟୁଟ୍ ମାରି ଫେରି ଆସିଲା ।

❖❖❖

# ଅଡାଙ୍ଗା ପେହରି

ବେଲା କିରି ଇଞ୍ଜାସେ । ଉଦେଶ୍ୱର ସାତା ତାନି ମଡ଼ି ସଡ଼ସାନା ତିନି ନିପି ତାନି ଡେଃକା ସେଞ୍ଜୁ । କାଡାସ୍ ପାଟା ମିଅ ନେହେରା ମଦନ ଆବା ପୂଣ୍ଡାଙ୍ଗେ ବେସେଞ୍ଜୁ, "ମାଏଞ୍ଜା ଜହାରି, ଏମ୍ୱେଟି ବାଇଞ୍ଜି ? ନେଗି ତ ।" ଜହାରି ବ୍ବେପସିସି ଉଦେଶ୍ୱର ଇସେଞ୍ଜୁ, "ନେଗି ମାଏ । ଶ୍ରାନିକେତା କି ପ୍ରାଙ୍ଗା ମେଲି ଆଇନୁ ଇଞ୍ଜି ସାଜାସେ । ସେକେରଟି ବେସ୍ତାତେଞ୍ଜୁ ଶନିବାର ପାଡ଼ାକି ପ୍ରାଙ୍ଗା ବାନୁ ଇଞ୍ଜାନା ।" ରିଆରୁ ଯାକ ତାଡ଼ାତାଡ଼ା ପାହେରି ଆଃତେରୁ । ଉଦେଶ୍ୱର ତାରି ନାଜୁ ଅଟେଏ ରଣ୍ଡା ସରୁ ଗ୍ଲାସନା ସାଲ୍‌ବା ଦୀନେ । ସରୁଡ଼ୂଗାଡ଼ାଇ ଏମ୍ୱା ଡ଼ାଏନେ ବିଲୁଡ଼ି ଆଇନେ । ଉତେ ଉତେ ପାହେରି ତାକା ତିକି ଅଟେ ମନ ଅଇସିଡେ । କିରକା ମୁଞ୍ଜାଇନି ଡ୍ଲାଉ କୁଇଟି ଇକେ କାଜୁ କିରପି ଗିତେଞ୍ଜୁ । ଆଗ ଅମିତାଭ ବଚ୍ଚନ ଡ଼ାଇ ଆରମ୍ଭ ଗିଆନା ନାଜୁ ଲାବେଙ୍ଗା ଟୁକ୍‌ନା ଗୁଲେତାକା ଡ୍ଲାଉ ପିଃପି ସେରୁ । ଇଦେ ତ ଏରି 'ହିପି ଯୁଗ' ସାସେ । ଅମିତାଭ ବଚ୍ଚନ ବେଏ ବୁଡା ଆବାଙ୍ଗେ ଡ୍ଲାଉ ସଟଅ ଗିତେଞ୍ଜୁ । ଉଦେଶ୍ୱର କୁଇ ଗାଡ଼ିଙ୍ଗା କାହା ଗାଟାଞ୍ଜୁ । ପିରଡ଼ି ବୀକା ପୁନେଞ୍ଜୁ ଏଙ୍ଗା ଲାଆ ସାନି ଏନ୍ଦା ଗିବା ସେଲୁ ଦିନା ପଙ୍ଗା ସେଞ୍ଜୁ । ନିପିଡ଼ାମନା ପିହାନ୍ ଡ୍ଲାଉ ଜାଡ଼୍ ସିସି କଞ୍ଚୀର ଡ଼ାସ୍‌ତେକା ଲାଆସାକା ଆନାଆ ଆଜା ବୁଡାଲାଡି ରେଡ଼ି କ୍ବେକ୍‌ତୁ ।

ଇଗାରି ବିଲୁ ପିଜୁ ଦେହା ସିଡେଏ । ଗମ୍ପୁନି ଏତାନେ, ମେହ୍‌ତେକା ଲାଇନାଆ କେତାଙ୍ଗା ପାପ୍‌କା ଆଆସିଡ଼େ । ପିଜୁ ବାଇସିଡେ, ବାଇସାକେ ବାରି ଇକେ ଲୁରୁଲୁରୁ ଇଞ୍ଜିନେ । ଇ ପିଜୁଡ଼େ କାରାଗାଲା ସାଜାମାନାରି ସଲା ବୁରୁ ଇଞ୍ଜିନେ । ଉଦେଶ୍ୱର ସାତାତିନି ନିପି ବଦଲି ଗିତେଞ୍ଜୁ । ଏଲୁ ଗିପିସେଞ୍ଜୁ ପେନୁ ମାଇକୁଇଟି ଆନାଡ଼ିକି ଜେଡ଼ା ନଇ ସିଡାରାଏଞ୍ଜୁ ? ସେରୁ ମ୍ରାସୁ ପିହାନା ତ ମାନ୍ଦେ ବେଗାଲି ଣ୍ଡାପାଇଟି ସିଡେ । ଇସାନା ତାରା ଏଲୁ ଗିଆନା ସାଜିସାଞ୍ଜୁ କାଡୁ ପୁଟୁଡ଼ି ବେତେଞ୍ଜୁ । 'କଃ' ଇଞ୍ଜାନା ମେହ୍‌ତେଞ୍ଜୁ ବାଞ୍ଜୁଡ଼ାଇ ରାକା ପୁର୍ ଇଞ୍ଜାନେ । ଏମ୍ୱାଇ ପୁଞ୍ଜାନେ, ସରୁରେପି ତା ମାନି ମାଇ ନାଜୁକି ଏସେକା ରୁଟୁ ଏତାନେ । ରୁଟୁ ବାଇନାରିତ

# ଭୋଦୁଅ ବର୍ଷା

ବେଳ ଲେଉଟି ସାରିଥିଲା । ଉଦେଶ୍ୱର ଛତା ଅଗରେ ମୁଣାକୁ ଝୁଲାଇ ଡାହାଣ କାନ୍ଧରେ ଛତାଧରି ଚାଲିଥିଲା । କାଡାସ୍ ପାଟା ଗାଁର ଉପର ମୁଣ୍ଡରେ ତା'ର ମଦନ ସହ ଦେଖା ହେବାରୁ ପଚାରିଲେ "ସାଙ୍ଗ ଜୁହାର୍ । କୋଉଠୁ ଆସୁଛି, ସବୁ କୁଶଳତ ?" ପ୍ରତି ନମସ୍କାର ଜଣାଇ ଉଦେଶ୍ୱର କହିଲା, "ହଁ ସବୁ ଭଲ । ଶ୍ରୀନିକେତା ଯାଇଥିଲି ଚାଉଳ ମିଳୁଛି ବୋଲି । ହେଲେ ସେକ୍ରେଟାରୀ କହିଲେ, ଶନିବାର ଆଡ଼କୁ ଚାଉଳ ଆସିପାରେ ।" ଦୁଇ ଜଣ ଯାକ ନିଜ ନିଜ ବାଟ ଧରିଲେ । ଉଦେଶ୍ୱରର ଗାଁ ଆହୁରି ଗୋଟିଏ ପାହାଡ଼ ଡେଇଁ ଗଲେ ପଡ଼ିବ । ପାହାଡ଼ର ଛାଇ ଯୋଗୁଁ ସେଠାରେ ଜଲ୍‌ଦି ଅନ୍ଧାର ମାଡ଼ିଆସେ । ହେଲେ ଶୀଘ୍ର ଶୀଘ୍ର ପାଦ ପକାଇବାକୁ ମନ ହେଉଥିଲା । କାନ୍ଧଯାଏ ଲମ୍ବିଥିବା ଗଜରା କାଳ ଉପରେ ହାତ ବୁଲାଇ ଆଣିଲା ଉଦେଶ୍ୱର । ଦିନଥିଲା ହିରୋ ଅମିତାଭ ବଚ୍ଚନଠାରୁ ଆରମ୍ଭ କରି ଗାଁ ଲୋକଙ୍କ ଯାଏଁ ସମସ୍ତେ ଲମ୍ବା ଚୁଟି ରଖୁଥିଲେ । ଏବେ ସେ 'ହିପି' ଯୁଗ ଆଉ ନାହିଁ । ଖୋଦ ଅମିତାଭ ବଚନ ଏବେ ପରିଣତ ବୟସରେ ଚୁଟି ଛୋଟ କରିଛନ୍ତି । ଉଦେଶ୍ୱର କୁଇ ଗୀତ ଓ ନାଚରେ ପୋଖତ । ଏହି ପାଖାପାଖି ଅଞ୍ଚଳରେ ତାର ମୁକାବିଲା ନାହିଁ । ସେ ଖଞ୍ଜଣୀ ବଜାଏ, ବଂଶୀ ବି ବଜାଏ । ଧାଙ୍ଗିଡ଼ି ନାଚ ବେଳେ ତା'ର ଚୁଟି ଝାଡ଼ି ଉଦେଶ୍ୱର ଖଞ୍ଜଣି ବଜାଇବା ଆରମ୍ଭ କଲେ କେବଳ ଧାଙ୍ଗିଡ଼ି କାହିଁକି, ମାଆ ମାଉସୀ, ବୁଢ଼ୀଙ୍କର ବି ଆପେ ଆପେ ଅଣ୍ଟା ହଲିଯାଏ ।

ଏହି ବର୍ଷ ଭଲ ବର୍ଷା ନାହିଁ । ଗହ୍ମା ପୂର୍ଣ୍ଣିମା ଆସିଲାଣି ସିନା ଗହୀର ବିଲକୁ ଲଙ୍ଗଳ ଯାଇନାହିଁ । ବର୍ଷାଟିଏ ନାହିଁ । ବେଳେ ବେଳେ ଖାଲି କୁଣ୍ଡା ଝଡ଼ା । ଏମିତିଆ ବର୍ଷାରେ ଖରାଦିନରେ ଶୁଖି ଯାଇଥିବା ଘାସ ବଢ଼ିଯାଇ ବିଲସବୁ ଭରି ଯାଉଛି । ଉଦେଶ୍ୱର ଛତାକୁ କାନ୍ଧ ବଦଳ କଲା । ଚାଷବାସ, ହଳ ଲଙ୍ଗଳ ଛାଡ଼ି ଆମର ତ ଅନ୍ୟ କିଛି କାମ ନାହିଁ । ଏମିତି ଇଆଡ୍ଡୁ ସିଆଡ୍ଡୁ କଥା ଭାବିଭାବି ଯାଉ ଯାଉ ଉଦେଶ୍ୱର ପଥୁରିଆ ପାହାଡ଼ି ରାସ୍ତାରେ ଝୁଣ୍ଟି ପଡ଼ିଲା । 'ଓଃ' କହି ଦେଖିଲା ଆଙ୍ଗୁଠି ଖଣ୍ଡିଆ ହୋଇ ରକ୍ତ ଝରୁଛି । ମନେ ମନେ ଭାବୁଥିଲା, ପାହାଡ଼ ଖୋଲରେ ଥିବା ଆମ ଏଇ ଗାଁକୁ କେବେ ଭଲ ରାସ୍ତାଟିଏ ହେବ ? ପ୍ରସ୍ତାବିତ ରାସ୍ତା ବ୍ଲକ ଅଫିସରେ

ବାସାରାକା ତିକି ରୀକାଡୁ ତାକାଇମାନେ । ବିଲୁପିକୁତା ଏମ୍ନେରିଇ କାଟେତା ଡେଃକାନା ଅସତିକି ଅପା ଆତେକା ଏସାରା ସେସେଡ଼େଦା ଆବା ଦିପ୍କିନେ । ଇଇକି ଏପାନେ ବାଇ ବେସେ, ଏକା ପ୍ରାଙ୍ଗା ଏମ୍ଅ ? ସାତାଡୁଡ଼ା ଇଟିସି ଉଦେଶ୍ୱର ଇସେଞ୍ଜୁ ଶନିବାର ପାଡ଼ାକି ମେଲିଆନୁ ଇଞ୍ଜିନେରୁ । ଝିଅ ଏମ୍ନେକି ସାଢାନେ ?

ଦେରି ସାଣ୍ଡ କକସାଦୁଃନେ ।

ଇରି ମୀଡା ଅଟେ ଆଏ, ଏ ସେରିବେଲା ବେଏ ବାରି କାହା । ବାଡ଼ଣ୍ଡି ସପ୍ତମ ଆନେ, ବୋର୍ଡ ପରୀକ୍ଷା । କାଇଁ ପ୍ଲାମୁ ତ ।

ବାଇପ୍ଲାତେ । ଝୀଅ ରାଜେଶ୍ୱରୀ ସୁପାମୀଡା ଡେଃଙ୍ଗି ଇଦକି ବାତେ । ଉଦେଶ୍ୱର ଆବା ଡ଼େକନା ପ୍ଲାତେଞ୍ଜୁ, "ନୀଙ୍ଗେ ଡେଲି ପୁଞ୍ଜି ସିଡ଼ାଇ, ଲାଇଟି ରୁତାନା ଇକେ ପଡ଼ିଆବା ଆଏ ବାରି କାହାଇ ମାଞ୍ଜି ?" ଟାନୁ ନେଗାଡ଼ାଇ ପୁଞ୍ଜାସେଞ୍ଜୁ ନାଙ୍ଗୁ ଇସ୍କୁଲି ତାନି ପ୍ରଥମ ଡ଼ାଇ ସପ୍ତମ ତିକି ମାନେ । ମୀଡାଙ୍ଗା ବେଏ ଦାଲା ମାନେରୁ । ରିଆରୁ ମାଷ୍ଟ୍ରଙ୍ଗା କଡିଗଟା ଆଙ୍ଗିନି ଡେଃଙ୍ଗି ଆଙ୍ଗାଇ ମାନେରୁ । ଏମାନେ ମାଷ୍ଟ୍ରଙ୍ଗା ଜନଗଣନା, ଭୋଟର ତାଲିକା ଗୁଲେବାହା ଡିଉଟି । ବ୍ଲକ୍ ଅଫିସ୍ ଏଙ୍ଗା ମିଟିଂ ସାଲ୍ବା ତୁହାନା ଏମ୍ବାଇ ପାଠ କାତା ଏଲୁ ଗିପିନେ । ନାଙ୍ଗୁ ଇସ୍କୁଲଡାଇ ବେଗାଲି ଇସ୍କୁଲି ତିକି ସାହେକା ଏମ୍ବାତାକା ଇନେରୁ ମୀଡା ଆନାବେଏ ପୁଞ୍ଜାସିନ୍ତେ । ର, ରି କ୍ଲାସ ବେଅକି ଗିଆନା ଜଇନ ଗିଦୁ । ଇସେକା ଇମ୍ବା ତାଇ ମୀଡାକା ଅନା ଗିନୁ ?

ଡାଞ୍ଜୁ ବାତେରେଏ ସ୍ତୁହ୍ପିନାତେ । ଉଦେଶ୍ୱର ଲୁଙ୍ଗି ଟାଟାନା ପିରଡ଼ି କଡାନା ସୂଗା ବିଞ୍ଜକି ଆଃତେଞ୍ଜୁ । ଇଗାରି ପଜୁ ସିତେ, ସେଣ୍ଡ ସେଣ୍ଡ ଜଡ଼େକା ଲଙ୍ଗି ମୁଡେଞ୍ଜି ପେଁ ପେଁ ଇଞ୍ଜିସୁ । ଡାଞ୍ଜୁ ଦୀରେ ଧୀରେ ଟୀରି ଇଞ୍ଜିସେ । ସ୍ୱଗା କୁଇଟି ମାହା ନେଡେଟି ନିସାନା ପୀରଡ଼ି ଡ଼ାସ୍ତେଞ୍ଜୁ । ପାସ୍କି ମାସି ତ୍ରିଟିବାଉ ପଟା ତିକେ ଆଡ଼ିସି ପୀରଡ଼ିଗୀରା କେତାଙ୍ଗା ଅନେକିପାଡ଼ା ଏମ୍ନେକି ସିକି ଆଃପିକାତେ । ଏଆନି ବେଏ

ଅଛି । ହେଲେ ରାସ୍ତାଟି ବର୍ଷକୁ ଦୁଇ ପାଦ ହିଁ ବଢୁଛି । ଖରା ବରଷା, ବାଆ ବତାସ ବେଳେ କାହାର ଦେହ ଖରାପ ହେଲେ ଖଟରେ କାନ୍ଧେଇ ଆଣିଲା ବେଳକୁ ନାକେଦମ୍ ହେବାକୁ ପଡୁଛି ।

ଘରକୁ ପହଞ୍ଚିବାରୁ ଭାଉଜ (ଉଦେଶ୍ୱର ପତ୍ନୀ) ପଚାରିଲେ, ହଇଓ, ଚାଉଳ କାହିଁ ?

ଛତାବାଡ଼ିକୁ ଘରକୋଣରେ ଡେରି ଦେଉ ଦେଉ ଉଦେଶ୍ୱର କହିଲା, ଶନିବାର ଆଡ଼କୁ ମିଳିପାରେ କହୁଛନ୍ତି । ଝିଅ କୁଆଡ଼େ ଯାଇଛି ?

ବଡ଼ମା ଘରେ ବସିଥିବ ।

"ଏଇ ପିଲାଟା ଆଉ ହେବନି । ଯେତେବେଳେ ଦେଖ ଖାଲି ଖେଳ । ଆର ବର୍ଷ ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷା । କାଇଁ ତାକୁ ଡାକତ ।"

ଭାଉଜ ଡାକ ପକେଇଲେ । ଝିଅ ରାଜେଶ୍ୱରୀ ମୁଷା ପିଲା ପରି ଚୁପ୍‌ଚାପ୍ ହୋଇ ଆସିଲା । ଉଦେଶ୍ୱର ତାଗୀଦ୍ କଲା, "ତୋତେ ଜମା ବେଳ ଜଣାପଡୁନି । ଲଣ୍ଠନ ଲଗାଇ ଟିକେ ପଢ଼ି ବସିବନି, ଖାଲି ଖେଳ ଲାଗିଛି ?" ହେଲେ ଉଦେଶ୍ୱର ଭଲରେ ଜାଣିଛି, ଆଖ ପାଖ ଛଅ ସାତୋଟି ପଡ଼ା ପାଇଁ ଗୋଟିଏ ସ୍କୁଲ । ସରକାର ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ଦେଇଛନ୍ତି । ପିଲାଏ ବି ଗହଳି ଅଛନ୍ତି । ମାତ୍ର ଦୁଇ ଜଣ ମାଷ୍ଟର ଗାଈ ଗୋଠ ଜଗିଲା ଭଳି ସମ୍ଭାଳନ୍ତି । ତା'ଭିତରେ ମାଷ୍ଟରମାନଙ୍କର ଖାଉଟି ଗଣତି, ଭୋଟର ତାଲିକା, ଜନଗଣନା ସବୁଥିରେ ଡିଉଟି । ବ୍ଲକ୍ ଅଫିସ୍ ଏବଂ ମିଟିଙ୍ଗ୍ ଦଉଡ଼ା ମଝିରେ ପାଠପଢ଼ାର ଅବସ୍ଥା ନ କହିବା ଭଲ । ଗାଁ ସ୍କୁଲରୁ ଅନ୍ୟ ସ୍କୁଲକୁ ଗଲେ ସେଠାରେ କହିବେ, ପିଲାଟାକୁ କିଛି ଆସୁନି । ଗୋଟାଏ କି ଦୁଇଟା ଶ୍ରେଣୀ ତଳେ ଜଏନ୍ କର । ତା'ହେଲେ ଏଇଠି ପିଲାଏ କରିବେ କ'ଣ ?

ଜହ୍ନ ଉଇଁ ଆସୁଥିଲା । ଉଦେଶ୍ୱର ଲୁଙ୍ଗି ବଦଳି ବଂଶୀ ଟାକୁ ଧରି ଚୁଆଁ ପଟେ ବାହାରିଲା । ବର୍ଷା ନଥିବାରୁ ଆକାଶଟା ଫାଙ୍କା । ଖଣ୍ଡେ ଦି'ଖଣ୍ଡ ଧଳା ମେଘ ରୋଡ଼ କଡ଼ରେ ଫିଙ୍ଗା ପଲିଥିନ୍ ପରି ଏମୁଣ୍ଡ ସେମୁଣ୍ଡ ଭାସୁଛନ୍ତି । ଜହ୍ନ ଆଲୁଅ ଧିରେ ଫରଚା ହେଉଛି । ଚୁଆଁ ଉପରେ ଥିବା ଆମ୍ବ ଗଛ ତଳେ ଠିଆ ହୋଇ ଉଦେଶ୍ୱର ବଂଶୀରେ ସୁର ଖଞ୍ଜିଲା । ବିଲମାଳ ଉପରେ ଉଡୁଥିବା ଟିଁ ଟିଆ ପକ୍ଷୀର ରାବ ସହ ମିଶି ବଂଶୀସ୍ୱର ବିଲମାଳ ଆରପଟ କାହିଁ କେତେ ଦୂରକୁ ଭାସିଗଲା ।

ମନ ଦାଃପିସେ, ନାଦେଇରି କଞ୍ଜରଗାଣି ସଟେକା ରେଡିଓ କି ଟିଭି ତାନି ବାନେଗା । ବିକାଲି କାତା ଆତେ ଏମ୍ବାଙ୍ଗି ଏନାରାଆ ପାହେରି ଏମ୍ବାଇ ତସ୍ତାନେ ? ଦାରିଙ୍ଗବାଡ଼ି ମନ୍ତ୍ରି ବାଜାମାସାନି କୁଇ ଏନ୍ଦା ତସ୍ତାବାନି ଉଦେଶ୍ୱର ତାରା କଞ୍ଜର ଗାଣୀ ଏନ୍ଦା ମେହାନା ଆଦିବାସୀ ମନ୍ତ୍ରୀ ଶହେ ଟାକା ସିଆସେଞ୍ଜୁ । ଉଦେଶ୍ୱର ଭୂବନେଶ୍ୱର ତା ମାନି ରବିନ୍ଦ୍ର ମଣ୍ଡପ କାତା ବେଏ ବେଞ୍ଜା ନେଞ୍ଜୁ । ସଟେକା ରିହେ ଏମ୍ବାଇ ଭୂବନେଶ୍ୱର କି ଏଆନିଇ ଅନାରା ବେସା ନେରୁ ।

ଇ କାତା ବେଞ୍ଜାନା ଉଦେଶ୍ୱର ପୂନି ଗହି ପାଣ୍ଡାଡ଼ାଇ କଞ୍ଜର ମୁଷିତେଞ୍ଜୁ । ଦେଗି ଦେଗି ଆଜାସାନି ଉସ୍‌ତେଞ୍ଜୁ । ଏନେଟି ସଦିବାତେ, ପ୍ରୋଗ୍ରାମ୍ ଇଦେ ଆଏ । ଆତେକା ସଦି ଗିଆନେରୁ । ଏଆଞ୍ଜୁ ଜସା ମାନେଞ୍ଜୁ, ହେଲେ ଏଆନି ଅପାଗାଟାକା ନେଞ୍ଜୁ ଟୁକ୍‌ନା ବାଆସିଡେରୁ ।

ଭୁବନେଶ୍ୱର ଆଦିବାହସୀ ମେଳା ତିକି ସାଲ୍‌ବା ସେଲୁ ଆତେକା ବାଲିଗୁଡ଼ା ଅଫିସରଇ ବେସ୍ତେକା ଏଆଞ୍ଜୁ ଫୁଲୁବାଣୀ ଅଫିସରଇ ବେସ୍ନେଞ୍ଜୁ । ଫୁଲୁବାଣୀ ତାଞ୍ଜୁ ଭୂବନେଶ୍ୱର ତାନାନି ବେସ୍‌ନେଞ୍ଜୁ । ଭୂବନେଶ୍ୱର ତାଞ୍ଜୁ ବିଡିଓଇ ବେସାନା ଏଆନି ଆର୍‌ପା ଗିନେଞ୍ଜୁ...। ନୂତୁ ରୁହୁଙ୍ଗା ଡେଙ୍ଗି ଅଫିସରଙ୍ଗାନି ଜୁଜୁରି ତାନି ଏଆନି ତାରି ଡ୍ଲଉ ଜାଜିଙ୍ଗାନି ଡ଼ହି ଆଇମାସେ ।

ସାକି ଟୂଟୁଡ଼ାଇ ପିରଡ଼ି ବୀକାନେ ବେକା ନିପ୍‌କିନେ । ଏମ୍ବାଇ ପୁଞ୍ଜାନେ, ବାଡ଼ଣ୍ଡି ଏଆନି ଟଡାତାନି ପିରଡ଼ି ଡ଼ୀଇ ଦୁଃନେ ଗିନା ବେକାଡ଼ାଇ କାଣ୍ଡୁକା ମୂଁସିଙ୍ଗା ଆଇ ଦୁଃନେଞ୍ଜୁ ?

❖❖❖

ମନ ଖୋଜୁଥିଲା, ମୋର ଏହି ବଂଶୀ ସ୍ୱର, ଖଞ୍ଜଣୀ ଗୀତ ଥରେ ରେଡ଼ିଓ କି ଦୂର ଦର୍ଶନରେ ଆସନ୍ତା ! ଚିନ୍ତାର କଥା ହେଉଛି, ସେଠାକୁ ଯିବାର ରାସ୍ତା ଦେଖାଇବ କିଏ ? ଦାରିଙ୍ଗବାଡ଼ିକୁ ଅସିଥିବା  ଆଦିବାସୀ ମନ୍ତ୍ରୀ ଶହେ ଟଙ୍କା ପୁରସ୍କାର ଦେଇ ଥିଲେ । ଭଦେଶ୍ୱର ଶୁଣିଛି, ରାଜଧାନୀ ଭୁବନେଶ୍ୱରରେ ଗୋଟିଏ ରବୀନ୍ଦ୍ର ମଣ୍ଡପ ଅଛି । ଥରେ ଦୁଇଥର କେହି କେହି ତାଙ୍କୁ ଭୁବନେଶ୍ୱର ନେଇଯିବା କଥା କହିଛନ୍ତି ।

ଏଇ କଥା ଶୁଣି ତା'ର ଆଉ ଗୋଡ଼ ତଳେ ଲାଗିଲା ନାହିଁ । ନୂଆ ଗୋଧି ଚମଡ଼ାରେ ଖଞ୍ଜଣୀ ଛାଇଲା । କେତେ ଆଡୁ ଦଉଡ଼ି ଦଉଡ଼ି ନାଚ ପାଇଁ ମାଆମାନଙ୍କୁ ଯୋଗାଡ଼ କରିଥିଲା । ହେଲେ ସେ ପଟୁ ଖବର ଆସିଲା, ପ୍ରୋଗାମ ଏବେ ସ୍ଥଗିତ । ହେଲେ ତୁମକୁ ଖବର ଦିଆଯିବ ।

ବହୁଦିନ ଗଲାଣି, ହେଲେ ସେହି ଦେବଦୂତମାନଙ୍କର ଆଉ ଦେଖାନାହିଁ । ଭୁବନେଶ୍ୱରରେ ହେଉଥିବା ଆଦିବାସୀ ମେଳାକୁ ଯିବା କଥାବି ଥରେ କେହି କହୁଥିଲା । ହେଲେ ଏଥିପାଇଁ ତା'ଙ୍କୁ ବାଲିଗୁଡ଼ା ଅଫିସରଙ୍କୁ କହିବାକୁ ହେବ, ସେ ଯାଇ ତାଙ୍କ ଉପରେ ଫୁଲବାଣୀ ଅଫିସରଙ୍କୁ କହିବେ । ଫୁଲବାଣୀ ସାହେବ ଭୁବନେଶ୍ୱର ସାହେବଙ୍କୁ ଚିଠି ଲେଖିବେ । ଭୁବନେଶ୍ୱର ସାହେବ ରାଜି ହେଲେ ବାଲିଗୁଡ଼ା ଅଫିସରଙ୍କ ପାଖକୁ ଚିଠି ଆସିବ । ଚିଠି ଆସିଲେ ... । ସରକାରୀ କଳର ଅଛିଡ଼ା ସୂତା ଖିଅରେ ମନ ତା'ର ଧନ୍ଦି ହୋଇଯାଏ, ମୁଣ୍ଡ କାମ କରେନି ।

ଭୋକିଲା ପେଟରେ ବଂଶୀ ବଜେଇବାରୁ ତା'କୁ କାଶ ଉଠେଇଲା । କିଏ ଜାଣେ, ଆର ବର୍ଷ ତା' ଓଠରେ ବଂଶୀ ବାଜୁଥିବ ନା କାଶି କାଶି ସେ ନୟାନ୍ତ ହେଉଥିବ ?

❖❖❖

